

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୨ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 12 May 2024

Vol.No. 35 ■ No.127 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶାଣିତ ସମାଲୋଚନା କଲେ ମୋଦି



ଭୁବନେଶ୍ୱର, ୧୧/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଓଡ଼ିଶାରେ ତିନିଟି ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ଫୁଲବାଣୀ, ବଲାଙ୍ଗିର ଓ ବରଗଡ଼ରେ ଆୟୋଜିତ ହୋଇଥିଲା ଏହି ସବୁ ସଭା। ଆଉ ସବୁଠି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶାଣିତ ସମାଲୋଚନା କରିଥିଲେ। ବରଗଡ଼ ସଭାରେ ସେ ସୁପର ସିଏମ୍ ପ୍ରସଙ୍ଗ ଉଠାଇଥିଲେ। ବିଜେଡିର ଦ୍ୱିତୀୟ କ୍ଷମତା କେନ୍ଦ୍ରଙ୍କୁ ସୁପର ସିଏମ୍ ବୋଲି କୁହାଯାଉଛି। ଏହି ପ୍ରସଙ୍ଗ ଉଠାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଏଠାରେ ପୂରା ସରକାର ଆଉଟ୍ ସୋର୍ସରେ ଚାଲିଛି। ମୋଦି କହିଥିଲେ, ୨୫ ବର୍ଷରେ ଏକ ପିଢ଼ି ଯବାନ ହୋଇଯାଏ। ସେ ନିଜର ଏକ ନୂଆ ଜୀବନ ବଞ୍ଚିବା ଆରମ୍ଭ କରି ଦିଏ। କିନ୍ତୁ ବିଜେଡି ସରକାର ଏହି ୨୫ ବର୍ଷରେ ଓଡ଼ିଶାକୁ ଗରିବୀରୁ ବାହାର କରିପାରିଲା ନାହିଁ। ଆଜି ପୂରା ଓଡ଼ିଶାରେ ବିଜେଡି ନେତାଙ୍କ ଉପରେ ଲୋକଙ୍କ ଆକ୍ରୋଶ ଦେଖିବାକୁ ମିଳୁଛି। ଲୋକେ କେବଳ ଗୋଟିଏ କଥା କହୁଛନ୍ତି- କେତେ ଦିନ ସହିବ ଓଡ଼ିଶା ? ବିଜେଡି ସରକାରକୁ କିଏ ଚଲାଉଛନ୍ତ ? ପୂରା ସରକାର ଆଉଟ୍ ସୋର୍ସରେ ଚାଲିଛି। ଏଠାରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ବିଧାୟକ ଅଛନ୍ତି। ଆଉ ବିଧାୟକଙ୍କ ଦ୍ୱାରା ନିର୍ବାଚିତ ମୁଖ୍ୟମନ୍ତ୍ରୀ ଅଛନ୍ତି। କିନ୍ତୁ ଏ ସମସ୍ତଙ୍କ ଉପରେ ଜଣେ ସୁପର ସିଏମ୍ ହୋଇଯାଇଛନ୍ତି। କ'ଣ ଆପଣମାନେ ଚାହୁଁଛନ୍ତି ଯେ ଯିଏ ଓଡ଼ିଶାକୁ ଭଲ ଭାବେ ବୁଝେ ନାହିଁ, ତାଙ୍କ ହାତକୁ ନେତୃତ୍ୱ ଯାଉ। ଓଡ଼ିଶାକୁ ବଞ୍ଚାଇବାର ଦାୟିତ୍ୱ କାହାର ? ମୁଁ ଆପଣମାନଙ୍କ ନିକଟକୁ ବିଜେପିର ସ୍ୱାର୍ଥ ପାଇଁ ଆସି ନାହିଁ। ମୁଁ ଆପଣମାନଙ୍କୁ ହାତ ଯୋଡ଼ି ଅନୁରୋଧ କରୁଛି- ମୋ ଓଡ଼ିଶାକୁ ରକ୍ଷା କରନ୍ତୁ। ଓଡ଼ିଶା ବରବାଦ ହେଉଛି। ଓଡ଼ିଶା ଏକ ମହାନ ରାଜ୍ୟ। ଏହାର ସଂସ୍କୃତି ଓ ପରମ୍ପରା ମହାନ। କିନ୍ତୁ ଗତ ୨୫ ବର୍ଷ ବରବାଦ ହୋଇଯାଇଛି। ଆଉ ଗତ ୫ ବର୍ଷ ଧରି ଓଡ଼ିଶାକୁ ରାଜ୍ୟ ବାହାରର ଲୋକେ ପୂରା କବ୍‌ଜା କରି ରଖିଛନ୍ତି। ଓଡ଼ିଶା ଗରିବ କାହିଁକି ? ଲୋକଙ୍କ ପାଖରେ ସାମାନ୍ୟ ସୁବିଧା ସବୁ କାହିଁକି ପହଞ୍ଚି ପାରୁ ନାହିଁ ? ଏହାର କାରଣ ହେଉଛି- ଏଠାରେ ନିର୍ବାଚିତ ପ୍ରତିନିଧିମାନେ ସରକାର ଚଲାଉ ନାହାନ୍ତି। ସରକାର ଚଲାଇବାର କାମ ଅନ୍ୟମାନଙ୍କ ହାତରେ ଟେକି ଦିଆଯାଇଛି। ଓଡ଼ିଶାବାସୀ ସଂକଳ୍ପ କଲେ ଏ ସରକାର ଗୋଟିଏ ମିନିଟ୍ ରହିପାରିବ ନାହିଁ। ଯଦି ଆପଣମାନେ ଚାହୁଁଛନ୍ତି ଓଡ଼ିଶାରେ ଜନ୍ମିତ କୌଣସି ପୁଅ ଅବା ଝିଅ ପାଖରେ ଏହାର ନେତୃତ୍ୱ ରହୁ, ତା'ହେଲେ ବିଜେପିର ସବୁ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାକୁ ପଡ଼ିବ। ୪ ଜୁନ୍‌ରେ ବିଜେଡି ସରକାର ବିଦାୟ ନେବ। ଜୁନ୍ ୧୦ରେ ଶପଥ ନେବେ ବିଜେପି ମୁଖ୍ୟମନ୍ତ୍ରୀ। ବରଗଡ଼ ସଭାରେ ବରଗଡ଼ ଲୋକସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଓ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ବରଗଡ଼ ଏବଂ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବିଧାନସଭା ଆସନର ପ୍ରାର୍ଥୀମାନେ ଉପସ୍ଥିତ ଥିଲେ।

## ୧୩ରେ ମତଦାନ: ବୁଥ ମୁହାଁ ପୋଲିଂ କର୍ମଚାରୀ



ଭୁବନେଶ୍ୱର, ୧୧/୫ (ନି.ପ୍ର): ମେ ୧୩ ତାରିଖ ସୋମବାର ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହେବ। ସକାଳ ୭ଟାରେ ଭୋଟିଂ ଆରମ୍ଭ ହେବ। ଗଣତନ୍ତ୍ରର ମହାପର୍ବରେ ସାମିଲ ହେବେ ଓଡ଼ିଶାର ଭୋଟ। ହେବ ଦେଶର ଚତୁର୍ଥ ତଥା ରାଜ୍ୟର ପ୍ରଥମ ପର୍ଯ୍ୟାୟ ମତଦାନ। କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସଂସଦୀୟ କ୍ଷେତ୍ରରେ ଭୋଟ୍ ହେବାକୁ ଥିବା ବେଳେ ଆଜି ସେଠାରେ ସରିଛି ପ୍ରଚାର ପର୍ବ। ୪ ସଂସଦୀୟ କ୍ଷେତ୍ର ଓ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନ ମଧ ଭୋଟ୍ ହେବ। ସେଥିପାଇଁ ଇଭିଏମ୍, ଭିଭିପାଟ୍ ଓ ଆନୁସଙ୍ଗିକ ସରଞ୍ଜାମ ଧରି ବୁଥ୍ ମୁହାଁ ପୋଲିଂ ପାର୍ଟି। ଏଥିପାଇଁ ସବୁଠି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ନକ୍ସଲ ପ୍ରବଣ ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରେ ୧୩ ତାରିଖରେ ପ୍ରଥମ ଥର ପାଇଁ ହେବାକୁ ଯାଉଛି ସାଧାରଣ ନିର୍ବାଚନ। ଯନ୍ତ୍ରୀ ଓ ସନ୍ୟାସୀଗୁଡ଼ାରେ ହୋଇଛି ମତଦାନ କେନ୍ଦ୍ର। ଜିଲ୍ଲାରେ ରହିଛି ମୋଟ ୧୧୪ ସମ୍ବେଦନଶୀଳ ବୁଥ୍। ସେହିପରି ନବରଙ୍ଗପୁର ଜିଲ୍ଲାରେ ୪ ବିଧାନସଭା ନିର୍ବାଚନମଣ୍ଡଳୀ ଥିବା ବେଳେ ଦୁର୍ଗମ ତଥା ଜିଲ୍ଲା ମୁଖ୍ୟାଳୟରୁ ଅଧିକ ଦୂର ହୋଇଥିବାରୁ ଉମରକୋଟ ଓ ଝରିଗାଁକୁ ଆଜି ବାହାରିଛନ୍ତି ପୋଲିଂ ଅଧିକାରୀ ଓ କର୍ମଚାରୀ। ବାକି ଦୁଇଟିକୁ ଆସନ୍ତାକାଲି ପଠାଯିବ। କୋରାପୁଟ ସରକାରୀ ମହାବିଦ୍ୟାଳୟରେ ପଟାଙ୍ଗି, ଲକ୍ଷ୍ମୀପୁର ଓ କୋରାପୁଟ ପାଇଁ ୧୫ଟି କାଉଣ୍ଟର ଖୋଲାଯାଇ ଶୃଙ୍ଖଳିତ ଭାବେ ହୋଇଛି ଭୋଟିଂ କିଟ୍ ବଣ୍ଟନ। ଆଜି ଏଠାରୁ ୩ଟି ନିର୍ବାଚନମଣ୍ଡଳୀର ବୁଥକୁ ପୋଲିଂ ପାର୍ଟି ଯାଇଛି। ରାୟଗଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ ହୋଇଛି ବ୍ୟାପକ ବ୍ୟବସ୍ଥା। ପୂର୍ବ ଭଳି ଟ୍ରକରେ ନଯାଇ ବସ୍ ଓ ଛୋଟ ଗାଡ଼ିରେ ଯାଇଛନ୍ତି ପୋଲିଂ କର୍ମଚାରୀ। ସେପଟେ ବ୍ରହ୍ମପୁର ଓ କଳାହାଣ୍ଡି ସଂସଦୀୟ କ୍ଷେତ୍ରର ବିଭିନ୍ନ ବୁଥ୍ ଅଭିମୁଖେ ଆଜିଠୁ ଯାଇସାରିଛି ପୋଲିଂ ପାର୍ଟି। ନୂଆପଡ଼ାର ନ୍ୟାସନାଲ କଲେଜ ପରିସରରୁ ଖଡ଼ିଆଳ ଅଭିମୁଖେ ପୋଲିଂ ପାର୍ଟି ବାହାରିଥିବା ବେଳେ କାଲି ପଡ଼ିବ ନୂଆପଡ଼ା ବିଧାନସଭାର ବୁଥ୍ ଗୁଡ଼ିକର ପାଳି। କିଛି ଦୁର୍ଗମ ସ୍ଥାନକୁ ହେଲିକପ୍ଟରରେ ପୋଲିଂ ଟିମ୍ ଯିବାର କାର୍ଯ୍ୟକ୍ରମ ରହିଛି। ଏଣେ ବ୍ରହ୍ମପୁରର ଯୁସିପି ଇଞ୍ଜିନିୟରିଂ କଲେଜ ପରିସରରେ ▶▶ପୃଷ୍ଠା ୭

## ଓଲଟିଲା ଟାଟା ଏସି: ରାସ୍ତା ଉପରେ ପଡିଲା ବିଡା ବିଡା ଟଙ୍କା



ଆନ୍ଧ୍ରପ୍ରଦେଶ, ୧୧/୫ : ଦୁର୍ଘଟଣା ଗ୍ରସ୍ତ ହୋଇ ଓଲଟି ପଡିଲା ଟାଟା ଏସି। ଏହାପରେ ରାସ୍ତା ଉପରେ ବିଛାଡି ହୋଇ ପଡିଲା ବିଡା ବିଡା ଟଙ୍କା। ଆନ୍ଧ୍ରପ୍ରଦେଶରେ ଶନିବାର ଏଭଳି କିଛି ଦୃଶ୍ୟ ସାମ୍ନାକୁ ଆସିଛି। ଯାହା ସମସ୍ତଙ୍କୁ ଚକିତ କରିଦେଇଛି। ଶନିବାର ନଲ୍ଲାଜର୍ଲା ମଣ୍ଡଳର ଅନନ୍ତପାଲ୍ଲିରେ ଏକ ଟାଟା ଏସି ଭିତରୁ ପୁଳା ପୁଳା ଟଙ୍କା ଜବତ ହୋଇଛି। ପାଖାପାଖି ୭ କୋଟି ଟଙ୍କା ଜବତ ହୋଇଥିବା ପୁଲିସ ସୂଚନା ଦେଇଛି। ଅନେକ କାର୍ଟୁନ ବକ୍ସ ଭିତରେ ଏହି ଟଙ୍କା ଲୁଚାଇ ଚାଲାଣ କରାଯାଉଥିଲା। ଅନନ୍ତପାଲ୍ଲି ନିକଟରେ ଏକ ଟ୍ରକ୍ ସହ ଟାଟା ଏସିର ଧକ୍କା ହେବା ପରେ ଏହାର ଖୁଲାସା ହୋଇଛି। ଧକ୍କା ହେବା ପରେ ଟାଟା ଏସିଟି ରାସ୍ତା କଡକୁ ଓଲଟି ପଡିଥିଲା। ଏଥିରେ ଥିବା ଟଙ୍କା ବାକ୍ସଗୁଡିକ ରାସ୍ତା ଉପରେ ବିଛାଡି ହୋଇ ପଡିଥିଲା। ଏହାପରେ ଲୋକେ ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟଙ୍କା ପେଟିକୁ ଜବତ କରିଛି। ଜବତ ହୋଇଥିବା ପେଟି ଭିତରୁ ନଗଦ ୭ କୋଟି ଟଙ୍କା ବହାରିଛି। ଉକ୍ତ ଟାଟା ଏସିଟି ଟଙ୍କା ନେଇ ବିଜୟୱାଡାରୁ ବିଶାଖାପଟମ୍ ଯାଉଥିଲା। ସେପଟେ ଦୁର୍ଘଟଣାର ଶିକାର ହୋଇଥିବା ଟାଟା ଏସିର ଡ୍ରାଇଭର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ପୁଲିସ ଗୋପାଳପୁର ହସ୍ପିଟାଲରେ ଭର୍ତ୍ତି କରିଛି।

▶▶ପୃଷ୍ଠା ୭

## ପଛରୁ ପିଟି ଦେଲା ବାଇକ୍: ପୋଲିଂ କର୍ମଚାରୀଙ୍କ ମୃତ୍ୟୁ

ନବରଙ୍ଗପୁର, ୧୧/୫ (ନି.ପ୍ର): ବାଇକ୍ ଧକ୍କାରେ ଜଣେ ପୋଲିଂ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ନବରଙ୍ଗପୁର ଜିଲ୍ଲା ଉମରକୋଟରେ ଆଜି ଘଟିଛି ଏହି ଘଟଣା। ମୃତ ବ୍ୟକ୍ତିଙ୍କ ନାଁ ଅଲେଖ ରନ୍ଧାରୀ। ସେ ୫ମ ପୋଲିଂ ଅଧିକାରୀ ଭାବେ ନିୟୋଜିତ ହୋଇଥିଲେ। ଉମରକୋଟ ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ହୋଇଥିବା ବୁଥ୍‌ରେ ତାଙ୍କର ଡ୍ୟୁଟି ଥିଲା। ଅଲେଖ ରନ୍ଧାରୀ ବସ୍‌ରୁ ଓହ୍ଲାଇ ବୁଥ୍‌କୁ ଯାଉଥିବା ବେଳେ ଏକ ବାଇକ୍ ଆସି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସେହିପରି ଆଜି ପୋଲିଂ ପାର୍ଟିକୁ ନେଇ ଯାଉଥିବା ବେଳେ ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ପିତାତଳି ନିକଟରେ ଏକ ମିନି ବସ୍ ଓଲଟି ପଡ଼ିଥିଲା। ଏଥିରେ ୨ ଜଣ ଆହତ ହୋଇଛନ୍ତି। ମେ' ୧୩ ତାରିଖରେ ଓଡ଼ିଶାରେ ଅନୁଷ୍ଠିତ ହେଉଛି ପ୍ରଥମ ପର୍ଯ୍ୟାୟ ମତଦାନ। କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପର ସଂସଦୀୟ କ୍ଷେତ୍ର ଏବଂ ଏହି ସବୁ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ଟି ବିଧାନସଭା କ୍ଷେତ୍ର ପାଇଁ ଭୋଟ୍ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୪ଟି ଯାକ ସଂସଦୀୟ କ୍ଷେତ୍ର ଅଧୀନରେ ମୋଟ ୬୨,୮୭,୨୨୨ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୦,୯୭,୫୨୭ ଜଣ ପୁରୁଷ, ୩୧,୮୯,୦୬୦ ଜଣ ମହିଳା ଓ ୬୩୫ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ପୁରୁଷ ଭୋଟରଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି।

### ଗଞ୍ଜାମରେ ଓଲଟିଲା ପୋଲିଂ ପାର୍ଟିକୁ ନେଇ ଯାଉଥିବା ମିନି ବସ୍




ଗଂଜାମ, ୧୧/୫ (ନି.ପ୍ର): ଓଲଟିଲା ପୋଲିଂ ପାର୍ଟିକୁ ନେଇ ଯାଉଥିବା ମିନି ବସ୍। ଏଥିରେ ୨ ଜଣ ସାମାନ୍ୟ ଆହତ ହୋଇଛନ୍ତି। ଘଟଣାଟି ଘଟିଛି ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ପିତାତଳି ନିକଟରେ। ମେ' ୧୩ ତାରିଖରେ ଓଡ଼ିଶାରେ ଅନୁଷ୍ଠିତ ହେଉଛି ପ୍ରଥମ ପର୍ଯ୍ୟାୟ ମତଦାନ। କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ▶▶ପୃଷ୍ଠା ୭

## ରାଜଧାନୀରେ ଡ୍ୟାନ୍ସରଙ୍କୁ ମାରି ଟାଙ୍ଗିଦେଲେ ପ୍ରେମିକ !

ଭୁବନେଶ୍ୱର, ୧୧/୫ (ନି.ପ୍ର): ଷ୍ଟେଜ୍‌ରେ ଡ୍ୟାନ୍ସ କରି ସମସ୍ତଙ୍କୁ ମତୁଆଲା କରୁଥିଲେ। ଠାଣୀ ଓ ଭଙ୍ଗୀରେ ସମସ୍ତଙ୍କ ହୋସ୍ ଉଡାଉଥିଲେ। ହେଲେ ମନୋରଞ୍ଜର ଖୋରାକ ଯୋଗାଉଥିବା ସୁଲୋଚନା କାହିଁକି ନେଲେ ଏପରି ନିଷ୍ପତ୍ତି ? କ'ଣ ପାଇଁ ଭଡ଼ା ଘରେ ଝୁଲି ପଡ଼ିଲେ ? ନା ତାଙ୍କୁ ମାରି ଝୁଲାଇ ଦିଆଯାଇଛି ? ଏପରି ନାନା ପ୍ରଶ୍ନ ଭିତରେ ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ଛନ୍ଦି ହୋଇ ପଡ଼ିଥିବା ବେଳେ ସୁଲୋଚନାଙ୍କ ପରିବାର ଲୋକ ଆଣିଛନ୍ତି ସଙ୍ଗୀନ ଅଭିଯୋଗ। ସୁଲୋଚନାଙ୍କୁ ମାରି ତାଙ୍କ ପ୍ରେମିକ ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି। ଜଗତସିଂହପୁର ଅଲଣା ଗାଁର ଯୁବତୀ ସୁଲୋଚନା ଦାସ। ପେସାରେ ସେ ଜଣେ ଡ୍ୟାନ୍ସର। ତେଣୁ ସେ ରାଜଧାନୀ ଭୁବନେଶ୍ୱର ଚାଲି ଆସିଥିଲେ। ଏଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଡ୍ୟାନ୍ସର ଭାବେ କାମ କରୁଥିଲେ। ▶▶ପୃଷ୍ଠା ୭

## ଆକ୍ସନମୋଡରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ: ପୂଜା ପାଠ, ପ୍ରେସମିଟ, ରୋଡ ଶୋରୁ କେଜ୍ରିୱାଲଙ୍କ ଶକ୍ତି ପ୍ରଦର୍ଶନ



ନୂଆଦିଲ୍ଲୀ, ୧୧/୫ : ଜେଲରୁ ଅନ୍ତରୀଣ ଜାମିନ ପାଇବାପରେ ଆକ୍ସନମୁଡରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ।ଶନିବାର ମନ୍ଦିରରେ ପହଁଚି ଇଶ୍ୱରଙ୍କ ଆର୍ଶୀବାଦ ନେଇ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ୫ମ ପର୍ଯ୍ୟାୟରେ ଦିଲ୍ଲୀ ପାଇଁ ପଡିବ ଭୋଟ । ହାତରେ ସମୟ କମ, ସେପଟେ ବିଳମ୍ବରେ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି । ଏଭଳି ସ୍ଥିତିରେ କେଜିୱାଲ କିପରି ବାଲାନ୍ସ କ୍ୟାମ୍ପେନ କରୁଛନ୍ତି ଦେଖିବାକୁ ବେଶ ରୋଚକ ହେବ। ଦିନ ୧୧ଟାରେ ମନ୍ଦିରରେ ପୂଜାପାଠ । ଦିନ ୧ଟାରେ ପାର୍ଟି ଅଫିସରେ ପ୍ରେସମିଟ୍ । ଅପରାହ୍ଣ ୪ଟାରେ ଦକ୍ଷିଣ ଦିଲ୍ଲୀରେ ରୋଡ଼ ଶୋ' । ସଂଧ୍ୟା ୬ରେ ପୂର୍ବ ଦିଲ୍ଲୀରେ ମେଗା ରାଲି । ଇଏ ଥିଲା କେଜ୍ରିୱାଲଙ୍କ ଫାଷ୍ଟ ଡେ ଫାଷ୍ଟ ଶୋ। ଯେଉଁଠି ଦେଶରେ ୩ଟି ପର୍ଯ୍ୟାୟରେ ନିର୍ବାଚନ ସରିଲାଣି ଓ ପରବର୍ତୀ ୪ଟି ପର୍ଯ୍ୟାୟ ପାଇଁ ପ୍ରଚାର ଚାଲିଛି ସେଠି ବିଳମ୍ବରେ ହେଉ ପଛେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଏଣ୍ଟ୍ରିଂ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି । ଅନ୍ତରୀଣ ଜାମିନ ପାଇଁ ଶୁକ୍ରବାର ଜେଲରୁ ମୁକୁଳିଥିବା କେଜ୍ରିୱାଲଙ୍କୁ ଆକ୍ସନମୁଡରେ ଦେଖିବାକୁ ମିଳିଛି । ପ୍ରଶ୍ନ ଉଠୁଛି ଜେଲରୁ କିଛି ଦିନ ପାଇଁ ବାହାରକୁ ଆସିଥିବା କେଜ୍ରିୱାଲଙ୍କ ଉପରେ ଏବେ ସମସ୍ତଙ୍କ ନଜର । ଦଳର ମୁଖିଆ ପ୍ରଚାର ମଇଦାନକୁ ଓହ୍ଲାଇସାରିଛନ୍ତି ତେବେ ପ୍ରଶ୍ନ ଉଠୁଛି ଆମ ଆଦମୀ ପାର୍ଟିର ମୁଖିଆ ପ୍ରଚାର ମଇଦାନକୁ ଓହ୍ଲଇବା ଓ କଂଗ୍ରେସ ସହ ମେଂଟକୁ ସହଜରେ ଗ୍ରହଣ କରିପାରିନି ବିଜେପି । ଦିଲ୍ଲୀ ଜନତାଙ୍କୁ ସମ୍ବୋଧିତ କରି ଭୋଟଭିକ୍ଷା କରିବା ସହ ତାଙ୍କ ଗିରଫକୁ ଏକ ନିର୍ବାଚନୀ ପ୍ରସଙ୍ଗ କରି ସେ ଅନୁକମ୍ପାର ରାଜନୀତି କରୁଥିବା ବିଜେପି କହିଛି । କିଛି ରାଜ୍ୟପାଇଁ ଆପ ମେଂଟ କରିଥିବବେଳେ ପଂଜାବର ୧୩ଟି ଆସନରୁ ଏକାକୀ ଲଢ଼ିବାକୁ ଦଳ ଘୋଷଣା କରିସାରିଛି। ଏବେ ପ୍ରଶ୍ନ ଉଠୁଛି କେଜ୍ରିୱାଲଙ୍କ ପାଖରେ କେବଳ ୨୧ଦିନ ସମୟ ରହିଛି । ଜୁନ ୨ରେ ପୁଣି ଜେଲକୁ ଫେରିଯିବା ପରେ ଆମ ଆଦମୀ ପାର୍ଟିର ଆଗାମୀ ଆଭିମୁଖ୍ୟ କଣ ରହୁଛି ▶▶ପୃଷ୍ଠା ୭

## ମୋଦୀଙ୍କ ସରକାରଙ୍କଠୁ ସର୍ଜିକାଲ ଷ୍ଟ୍ରାଇକର ପ୍ରମାଣ ମାଗିଲେ ରେଭନ୍ତ ରେଡ୍ଡୀ



ନୂଆଦିଲ୍ଲୀ, ୧୧/୫ : ସେପଟ୍ଟେମ୍ବର ୨୮ । ୨୦୧୬ । ପାକିସ୍ତାନକୁ କଡ଼ା ଜବାବ ଦେଇଥିଲା ଭାରତୀୟ ସେନା । ପୁଲୱାମା ଆକ୍ରମଣର ଜବାବ ଦେଇ ଭାରତ କରିଥିଲା ସର୍ଜିକାଲ ଷ୍ଟ୍ରାଇକ । ଯେଉଁ ସମୟରେ ଦେଶରେ ନିର୍ବାଚନ ଚାଲିଛି ଠିକ ସେତିକିବେଳେ । ୮ବର୍ଷ ପୂର୍ବ ଘଟଣାକୁ ବଡ ନିର୍ବାଚନ ପ୍ରସଙ୍ଗ କରିଛି ବିରୋଧୀ । ନିକଟରେ ହୋଇଥିବା କାଶ୍ମୀର ପୁଂଚ ଆତଙ୍କୀ ଆକ୍ରମଣ ଘଟଣାକୁ ଉଠାଇବା ସହ ସର୍ଜିକାଲ ଓ ବାଲାକୋଟ ଷ୍ଟ୍ରାଇକକୁ ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ । ଏହି କ୍ରମରେ ସାମିଲ ହୋଇଛନ୍ତି କଂଗ୍ରେସ ନେତା ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ । ପୁଲୱାମା ଆକ୍ରମଣକୁ ବିଜେପି ସରକାର ଓ ଦେଶର ତଦନ୍ତକାରୀ ସଂସ୍ଥାଗୁଡିକର ବିଫଳତା କହିବା ସହ ସର୍ଜିକାଲ ଷ୍ଟ୍ରାଇକ ସତ ନା ମିଛ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । ରେଭନ୍ତଙ୍କ ବୟାନକୁ ନିନ୍ଦା କରିଛି ବିଜେପି । ଭାରତୀୟ ସେନାର ମନୋବଳ କମ କରିବାକୁ ବିରୋଧି କୌଣସି ମୌକା ଛାଡନ୍ତ ନାହିଁ ଓ ସବୁସମୟରେ ସେନାର ପରାକ୍ରମକୁ ପ୍ରଶ୍ନ କରୁଛନ୍ତି ବୋଲି ବିଜେପି କହିଛି । ଏହା ପ୍ରଥମ ଘଟଣା ନୁହେଁ ଯେବେ ମୋଦୀ ସରକାରଙ୍କୁ ଟାର୍ଗେଟ କରିବାକୁ ଯାଇ ଭାରତୀୟସେନା ଉପରେ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ । ନିକଟରେ ପଂଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନୀ ପୁଂଛ ଆକ୍ରମଣକୁ ବିଜେପି ସରକାରଙ୍କ ଏକ ନିର୍ବାଚନୀ ଷ୍ଟଂଟ କହି ବିବାଦ ଘେରକୁ ଆସିଥିଲେ । ପୂର୍ବରୁ କଂଗ୍ରେସର ▶▶ପୃଷ୍ଠା ୭

## ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଝୁଲି ପଡ଼ିଲେ ଅର୍ଥନୀତି ବିଭାଗ ଛାତ୍ରୀ

ବ୍ରହ୍ମପୁର, ୧୧/୫ (ନି.ପ୍ର): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ହଷ୍ଟେଲରେ ଝୁଲି ପଡ଼ିଲେ ଅର୍ଥନୀତି ବିଭାଗ ଛାତ୍ରୀ ହେଲେ କେଉଁ କାରଣ ସେ ଆତ୍ମହତ୍ୟାର ରାସ୍ତା ବାଛିଲେ, ତାହା ଜଣାପଡ଼ି ନାହିଁ। ଗୋପାଳପୁର ଥାନା ପୁଲିସ ମୃତଦେହ ଜବତର ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଛି। ଆସିକା ଅଞ୍ଚଳର ମାମଲି ବିଷୋୟୀ। ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ସ୍ନାତକୋତ୍ତର ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀ। ବିଶ୍ୱବିଦ୍ୟାଳୟର ଚିଲିକା ହଷ୍ଟେଲ୍‌ରେ ରୁମ୍ ନମ୍ବର-୨୦୩ରେ ରହି ପାଠ ପଢୁଥିଲେ।

▶▶ପୃଷ୍ଠା ୭

# ପାହାଡ଼ ଉପରେ ଟାଙ୍କି, ତଳକୁ ମିଳୁନି ପାଣି: ଖାଲି ହାଣ୍ଡି ଧରି ସାମିଲ ହେଲେ ମହିଳା




ନବରଙ୍ଗପୁର, ୧୧/୫ (ନି.ପ୍ର): ପାହାଡ଼ ଉପରେ ପାଣି ଟାଙ୍କି ରହିଛି। ତଳେ ଆମେ ରହୁଛୁ। ଟାଙ୍କିରୁ ନବରଙ୍ଗପୁର ସହରବାସୀଙ୍କୁ ଜଳ ଯୋଗାଣ ହେଉଛି। କିନ୍ତୁ ପାଣି ଟାଙ୍କି ତଳେ ଥିଲେ ମଧ୍ୟ ପଞ୍ଚାୟତ ଅଧୀନରେ ରହିଥିବାରୁ ମିଳୁନି ପିଇବା ପାଣି। ଫଳରେ ପାଣି ପାଇଁ ତହଳବିକଳ ହେବାକୁ ପଡୁଛି। ବାରମ୍ବାର ଦାବି ପରେ ମଧ୍ୟ କେହି ଶୁଣୁନାହାନ୍ତି। ଏହାର ପ୍ରତିବାଦରେ ଗରା ଓ ହାଣ୍ଡି ଧରି ରାଜରାସ୍ତାକୁ ଓହ୍ଲାଇ ନବରଙ୍ଗପୁର-ଜୟପୁର ବାଇପାସ୍ ରାସ୍ତା ଅବରୋଧ କରିଛନ୍ତି ମହିଳା। ପାଣି ସହ ନିମୟିତ ବିଦ୍ୟୁତ ସେବା ମଧ୍ୟ ମିଳୁନି। ସମସ୍ୟାର ସମାଧାନ ନ ହେବା ପର୍ଯ୍ୟନ୍ତ ରାସ୍ତାରୁ ଉଠିବୁ ନାହିଁ ବୋଲି ମହିଳାମାନେ ଚେତବାନୀ ଦେଇଛନ୍ତି। ମହିଳାମାନଙ୍କ କହିବା ଅନୁଯାୟୀ, ନବରଙ୍ଗପୁର ସହର ଉପକଣ୍ଠସ୍ଥ ଅଗ୍ନିପୁର ପଞ୍ଚାୟତର ନୂଆ ହିର୍ଲି ଗ୍ରାମରେ ପ୍ରାୟ ୩୦ ବର୍ଷ ହେଲା ରହି ଆସୁଛୁ। ହିର୍ଲି ଡଙ୍ଗରୀ ପାହାଡ଼ ଉପରେ ପାଣି ଟାଙ୍କି ରହିଛି। ଏହି ପାଣି ଟାଙ୍କିରୁ ସହରବାସୀଙ୍କୁ ପାଣି ଯୋଗାଯାଉଛି। ତେବେ ଏହି ପାହାଡ଼ ତଳେ ରହିଥିଲେ ମଧ୍ୟ ଆମକୁ ପିଇବା ପାଣି ମିଳୁନି। ପୌରପାଳିକା କିମ୍ବା ପଞ୍ଚାୟତ ପକ୍ଷରୁ ପାଣି ଯୋଗା ଯାଉନି। ପାନୀୟ ଜଳ ଯୋଗାଣ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ ନିକଟରେ ବହୁବାର ଦାବି କରି ଆସୁଛୁ। ତଥାପି କିଛି ସୁଫଳ ମିଳିଲା ନାହିଁ। ତେଣୁ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇଛୁ। ପାଣି ଯୋଗାଣ ନ ହେବା ପର୍ଯ୍ୟନ୍ତ ରାସ୍ତାରୁ ଉଠିବୁ ନାହିଁ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ସକାଳ ୮ଟାରୁ ରାସ୍ତା ଅବରୋଧ କରାଯିବାରୁ ଏହି ରାସ୍ତା ଦେଇ ନବରଙ୍ଗପୁର ଓ ଜୟପୁର ମଧ୍ୟରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ।

ଶେଷରେ ଆରଡବ୍ଲୁଏସ୍ଏସ୍ ବିଭାଗ ସହକାରୀ ଯନ୍ତ୍ରୀ ଘଟଣାସ୍ଥଳରେ ପହଞ୍ଚି ଏହି ଅଞ୍ଚଳଟି ପଞ୍ଚାୟତରେ ରହିଥିବାରୁ ଟାଙ୍କିରୁ ପାଣି ଯୋଗାଣ ହୋଇପାରୁନି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ସହିତ ଆଲୋଚନା ଜାରି ରହିଛି। ପାଣି ଯୋଗାଣ ପାଇଁ ପାଇପ୍ ଆଣି ଉକ୍ତ ଅଞ୍ଚଳରେ ରଖିବା ସହ ୧୦ ଦିନ ମଧ୍ୟରେ ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ମହିଳାମାନେ ରାସ୍ତା ଅବରୋଧରୁ ହଟିଥିଲେ।

# ବଦଳିନି ବଣ୍ଡାଙ୍କ ମାନସିକତା: ଭୋଟ କାହାକୁ ଦେବେ ଜାଣନ୍ତିନି



ମାଲକାନଗିରି, ୧୧/୫ (ନି.ପ୍ର): ବଣ ପାହାଡ଼ ଘେରା ଅଞ୍ଚଳରେ ବାସ କରନ୍ତି। ଦୁନିଆ କ'ଣ ଜାଣନ୍ତି ନାହିଁ। ପରିବାର, ସମ୍ପ୍ରଦାୟ ହିଁ ସେମାନଙ୍କ ପାଇଁ ସବୁ କିଛି। ସଂସ୍କୃତିକୁ ଏମିତି ଜାବୁଡ଼ି ଧରିଛନ୍ତି ଯେ ଆଧୁନିକ ସଭ୍ୟତା ସେମାନଙ୍କ ପାଖ ମାଡ଼ିପାରି ନାହିଁ। ଆଜି ବି ବେକରେ ଝୁଲୁଛି ମାଳି ଓ ଲୁହାର ବଳା। ନାକରେ ଦଣ୍ଡି। କାନରେ ବଡ଼ ରିଙ୍ଗ୍। ଏମିତି ପାରମ୍ପରିକ ଅଳଙ୍କାରରେ ଆଭୂଷିତ ହୋଇଛନ୍ତି ଘରର ମହିଳା। ପୁରୁଷଙ୍କ କଥା ନ କହିବା ଭଲ। ସମ୍ପ୍ରଦାୟ ଯାହା ନିଷ୍ପତ୍ତି ନେବ ତାହାକୁ ମୁଣ୍ଡ ପାତି ମାନିନେବେ। ପ୍ରତିବାଦ କରିବେନି। ଯେଉଁଥିପାଇଁ ସେମାନେ ହେଉଛନ୍ତି ନିଆରା ଓ ସ୍ୱତନ୍ତ୍ର। ଏହା ହେଉଛି ମାଲକାନଗିରି ବଣ୍ଡାଘାଟିରେ ବସବାସ କରୁଥିବା ବଣ୍ଡା ସମ୍ପ୍ରଦାୟଙ୍କ କଥା। ଯେଉଁଠାର ଲୋକେ ଆଜି ମଧ୍ୟ ସହଜରେ କାହାକୁ ବିଶ୍ୱାସକୁ ନିଅନ୍ତି ନାହିଁ। ତାଙ୍କ ସହ ଫଟୋ ଉଠାଇବା ଦୂରର କଥା, ସେମାନଙ୍କ ପାଟିରୁ କଥା ପଦେ ବାହାରିବା କଷ୍ଟ। ସାରା ଦେଶରେ ନିର୍ବାଚନ ଚାଲିଥିଲେ ମଧ୍ୟ ଏଠାରେ ସେଭଳି କୌଣସି ଉତ୍ସାହ ଦେଖିବାକୁ ମିଳୁନି। ବ୍ୟାନର, ପୋଷ୍ଟର ଲାଗିଛି ସତ। ହେଲେ ସେମାନେ ଏଥିରେ ଧାର ଧରନ୍ତି ନାହିଁ। କିଏ ଜିତିଲା, କିଏ ହାରିଲା ତାଙ୍କର କିଛି ଯା ଆସ ନାହିଁ। ତେବେ ଭୋଟ ଦେବାକୁ ଯାଆନ୍ତି। କେଉଁ ଚିହ୍ନରେ କାହାକୁ ଭୋଟ ଦେଲେ ଜାଣିପାରନ୍ତି ନାହିଁ। ମାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଭାରତର ପ୍ରଧାନମନ୍ତ୍ରୀଙ୍କ ନାମ ଏମାନେ ଭଲ ଭାବେ ମନେ ରଖିଛନ୍ତି। ମୁହଁରୁ ପ୍ରଶ୍ନ ବାହାରୁ ବାହାରୁ ଉତ୍ତର ଆସିଗଲା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ତେବେ ଯେଉଁମାନଙ୍କୁ ଭୋଟ ଦେଇ ସଂସଦ ଓ ବିଧାନସଭାକୁ ପଠାଉଛନ୍ତି ସେମାନଙ୍କ ନାଁ ମନେ ନାହିଁ। ବିଧାୟକ, ସାଂସଦ କ'ଣ ଏମାନେ ଜାଣନ୍ତି ନାହିଁ। କାଁ ଭାଁ ଲୋକ ସରପଞ୍ଚଙ୍କ ନାଁ ଜାଣିଛନ୍ତି। ଗଣତନ୍ତ୍ରର ଏତେ ବଡ଼ ପର୍ବ ଚାଲିଥିବା ବେଳେ ଏମାନଙ୍କ ପାଇଁ ତାହାର ମୂଲ୍ୟ କ'ଣ ତାହାକୁ ନେଇ ପ୍ରଶ୍ନ ଉଠିଛି। ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡ଼ା ଓ ଅଣ୍ଡରାହାଲ ପଞ୍ଚାୟତର ୩୨ଟି ଗାଁରେ ଏବେ ପ୍ରାୟ ୮ ହଜାର ବଣ୍ଡା ଜନଜାତିର ଲୋକ ବାସ କରୁଛନ୍ତି, ଯେଉଁମାନେ ବିଶ୍ୱର ଆଦିମ ଅଧିବାସୀଙ୍କ ମଧ୍ୟରୁ ଅନ୍ୟତମ। ବିକାଶଠାରୁ ବହୁ ଦୂରରେ ଥିବା ଏହି ଜନଜାତିର ଲୋକେ ଏବେ ବିକାଶ ଦେଖୁଛନ୍ତି। ରାସ୍ତାଘାଟର ଉନ୍ନତି ସହ ସ୍ୱାସ୍ଥ୍ୟ ସେବା ହାତ ପାହାନ୍ତାରେ ପହଞ୍ଚିଛି। ତା'ସତ୍ତ୍ୱେ ପାନୀୟ ଜଳ ପରି ମୌଳିକ ସମସ୍ୟା ଏମାନଙ୍କ ପାଇଁ ସାତସପନ ପାଲଟିଛି। ଓଡ଼ିଶା ସରକାରଙ୍କ ପ୍ରତି ଘରକୁ ଟ୍ୟାପ୍ ପାଣିର ସ୍ଲୋଗାନ ବଣ୍ଡାଘାଟିରେ ପହଞ୍ଚିପାରି ନାହିଁ। ଏବେ ମୁଦୁଲିପଡ଼ା ଗ୍ରାମ ପଞ୍ଚାୟତର ପଡ଼େଇଗୁଡ଼ା ଗାଁ ଲୋକେ ପାଣି ପାଇଁ ଉପର ତଳ ହେଉଛନ୍ତି। ଛୁଆଙ୍କଠାରୁ ବୟସ୍କଙ୍କ ଯାଏ ଗରା, ହାଣ୍ଡି ଧରି ଗୋଟିଏ ନଳକୂପ ପାଖରେ ଛିଡ଼ା ହେବାର ଦୃଶ୍ୟ ଆହୁରି ଯନ୍ତ୍ରଣାଦାୟକ। ପଡ଼େଇଗୁଡ଼ା ଗାଁ ମଣ୍ଡପରେ ଏକାଠି ହୋଇଥିବା ପୁରୁଷମାନେ ସେମାନଙ୍କ ଦୁଃଖ ଯନ୍ତ୍ରଣାର କାହାଣୀ କହିବା ବେଳେ ଆଖି ଛଳଛଳ ହୋଇଯାଇଥିଲା। ୨୦ ବର୍ଷ ତଳେ ଗାଁକୁ ରାସ୍ତା ନ ଥିଲା। ସରକାରୀ ଚାଉଳ ଆଣିବାକୁ ପାହାଡ଼ ତଳକୁ ଯିବାକୁ ହେଉଥିଲା। ବେଳେ ବେଳେ ଫେରିବାକୁ ଗୋଟିଏ ଦିନ ବିତି ଯାଉଥିଲା। ରାତି ଅଧିକ ହେବାରୁ ଅଧା ବାଟରେ ଜଙ୍ଗଲରେ ରହିବାକୁ ପଡୁଥିଲା। ପକ୍କା ଘର କ'ଣ ଜାଣି ନ ଥିଲେ। ବିଜୁଳି ଦେଖିବେ ବୋଲି କେବେ ବିଶ୍ୱାସ ନ ଥିଲା। ରୋଜଗାର ବୋଲି ସେମାନଙ୍କର କିଛି ନ ଥିଲା କି ଏବେ ମଧ୍ୟ ନାହିଁ। ପାହାଡ଼ରେ ପୋଡୁ ଚାଷ ସହ ମାଣ୍ଡିଆ, ସୁଆଁ, ବାଜରା, କାଙ୍ଗୁ ଚାଷ କରି ଯାହା ରୋଜଗାର କରୁଛନ୍ତି ସେଥିରେ ହିଁ ବର୍ଷ ସାରା ଚଳୁଛନ୍ତି। ଟଙ୍କିକିଆ ଚାଉଳ ହେଉ ଅଥବା ବିଭିନ୍ନ ଆବାସ ଯୋଜନାରେ ପକ୍କା ଘର ସୁବିଧା ପାଇଛନ୍ତି। ନିର୍ବାଚନ ଥିବାରୁ ଏଥର ମଧ୍ୟ କିଛି ନେତା ଘର ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଯାଇଥିବା ଗାଁର ପୂଜାରି ସାମ ମୁଦଲ, ଲାଚିମ୍ ଧଙ୍ଗଡ଼ା ମାଝି କହିଛନ୍ତି। ଦିନେ ବଣ୍ଡା ଜନଜାତିଙ୍କ ପାଇଁ ସାତସପନ ପାଲଟିଥିବା ପାଠପଢ଼ା ଏବେ ହାତ ପାହାନ୍ତାରେ। ଗାଁ ନିକଟରେ ସ୍କୁଲ ରହିଛି। ସ୍କୁଲରେ ପଢ଼ି ସାରିବା ପରେ ପିଲାମାନେ ଭୁବନେଶ୍ୱରର ଏକ ଆବାସିକ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ପାଉଛନ୍ତି। ସେମାନଙ୍କ ମଧ୍ୟରୁ କିଏ ଇଞ୍ଜିନିୟର ତ ଆଉ କିଏ ସରକାରୀ ଚାକିରି ପାଇଲେଣି। ବିକାଶ ହେବ ବୋଲି କେବେ ଭାବି ନ ଥିବା ବଣ୍ଡାଘାଟି ଲୋକଙ୍କ ପାଖରେ ଅଧିକାଂଶ ସୁବିଧା ଉପଲବ୍ଧ ହୋଇଥିଲେ ମଧ୍ୟ ସେମାନଙ୍କ ମାନସିକତାରେ କୌଣସି ପରିବର୍ତ୍ତନ ଆସି ନାହିଁ। ଏବେ ବି ସେମାନେ ନିଜର ପରମ୍ପରା, ବେଶ, ପୋଷାକ, ପର୍ବ, ଚାଲିଚଳନକୁ ଜାବୁଡ଼ି ଧରିଛନ୍ତି। ବାହାରୁ ଆସୁଥିବା ଲୋକଙ୍କ ସହ ଏତେ ସହଜରେ ମିଶୁ ନ ଥିବା ଦେଖିବାକୁ ମିଳୁଛି। ଗୋଟିଏ ପଟେ ନିର୍ବାଚନ ଚଲିଥିବା ବେଳେ ତ ଆଉ ଗୋଟିଏ ପଟେ ବଣ୍ଡାଘାଟିର ଏଭଳି ଦୃଶ୍ୟ ଗଣତନ୍ତ୍ରର ଗାରିମା କିଭଳି ତାହାକୁ ବର୍ଣ୍ଣନା କରୁଛି।

# ନିର୍ବାଚନ ପର୍ବରେ ଅଧିକରୁ ଅଧିକ ଭୋଟର ଭାଗ ନେବା ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

ମାଲକାନଗିରି, ୧୧/୫ (ନି.ପ୍ର): ଆସନ୍ତା ମେ ୧୩ରେ ଜିଲ୍ଲାରେ ସାଧାରଣ ନିର୍ବାଚନ ହେବ ଏବଂ ଭୋଟରମାନେ ନିଜର ମତଦାନ କରିବେ। ଅଧିକରୁ ଅଧିକ ଭୋଟର ନିର୍ବାଚନ ପର୍ବରେ ଅଂଶଗ୍ରହଣ କରି ନିଜର ମତଦାନ କରିବା ପାଇଁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ସଚିନ ପାୱାର ଜିଲ୍ଲାପାଳ କାର୍ଯ୍ୟାଳୟରେ ଆଜି ସନ୍ଧ୍ୟାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ କରିଛନ୍ତି। ବର୍ତ୍ତମାନ ମାଲକାନଗିରି ଜିଲ୍ଲାରେ ପ୍ରାୟ ୪ ଲକ୍ଷ ୫୨ ହଜାର ୫୪୪ ଭୋଟର ରହିଛନ୍ତି। ଏହି ଭୋଟରଙ୍କ ନିମନ୍ତେ ୫୪୭ଟି ବୁଥ୍ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ୩୦ଟି ସଖୀ ବୁଥ୍ ରହିଛି ଯାହା ସମ୍ପୂର୍ଣ୍ଣ ରୂପେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ। ସେହିପରି ଭିନ୍ନକ୍ଷମଙ୍କ ନିମନ୍ତେ ୨ଗୋଟି ବୁଥ୍ ବ୍ୟବସ୍ଥା କରାଯାଇଛି। ୧୦ଟି ୟୁଥ୍ ବୁଥ୍ ରହିଛି ଯାହା ସମ୍ପୂର୍ଣ୍ଣ ରୂପେ ୩୦ ବର୍ଷରୁ କମ୍ ଅଧିକାରୀ ତଥା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ମତଦାନ କେନ୍ଦ୍ରରେ ପୁରୁଷ ଓ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟ, ଭିନ୍ନକ୍ଷମ ତଥା ବାର୍ଦ୍ଧକ୍ୟଙ୍କ ନିମନ୍ତେ ରାମ୍ପ, ଭୀଷଣ ଖରା ଦାଉରୁ ରକ୍ଷା ପାଇଁ ଉପରେ ଛାତ ବ୍ୟବସ୍ଥା, ଜଳଛତ୍ର, ପର୍ଯ୍ୟାପ୍ତ ଓଆର୍ଏସ୍ ଓ ଆବଶ୍ୟକୀୟ ଔଷଧ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ବୁଥ୍‌ରେ ନିର୍ବାଚନରେ ନିୟୋଜିତ ଅଧିକାରୀ ତଥା ମତଦାତାଙ୍କୁ ସହାୟତା ନିମନ୍ତେ ଦୁଇଜଣ ଲେଖାଏଁ ସ୍ୱେଚ୍ଛାସେବିଙ୍କୁ ନିୟୋଜିତ କରାଯାଇଛି। ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ଜିଲ୍ଲାରେ ୧୧୪ଟି ସମ୍ବେଦନଶୀଳ ବୁଥ୍ ରହିଥିବା କଥା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ମାଲକାନଗିରି ଜିଲ୍ଲା ଅତ୍ୟଧିକ ଖରା ହେଉଥିବା ହେତୁ ଭୋଟରମାନଙ୍କୁ ଯଥା ସମ୍ଭବ ପୂର୍ବାହ୍ନ ଅର୍ଥାତ୍ ଖରା କମ୍ ରହୁଥିବା ସମୟରେ ମତଦାନ କେନ୍ଦ୍ରକୁ ଆସି ଭୋଟ୍ ଦେବାକୁ ଅନୁରୋଧ କରିଛନ୍ତି। ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ୭ରୁ ୬ଟା ପର୍ଯ୍ୟନ୍ତ ମତଦାନ ସମୟ ରହୁଥିବାବେଳେ ଆମ ଜିଲ୍ଲାରେ ଏହାକୁ ୭ରୁ ୫ଟା ପର୍ଯ୍ୟନ୍ତ ରଖାଯାଇଛି ବୋଲି କୁହାଯାଇଛି। ସେହିପରି ସ୍ୱାଭିମାନ ଅଂଚଳ ପାଇଁ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ପ୍ରଥମ ଥର ପାଇଁ ସ୍ୱାଭିମାନ ଅଂଚଳରେ ସାଧାରଣ ନିର୍ବାଚନ ହେଉଛି। ଏହି ଅଂଚଳର ଯନ୍ତ୍ରୀ ଓ ସନ୍ୟାସୀଗୁଡା ଠାରେ ମତଦାନ କେନ୍ଦ୍ର କରାଯାଇଛି। ପୋଲିଂ ଅଧିକାରୀଙ୍କ ଯାତାୟାତର ମଧ୍ୟ ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ଯେହେତୁ ମାଲକାନଗିରି ଜିଲ୍ଲା ଅନ୍ୟ ରାଜ୍ୟ ସୀମା ସହ ସଂଲଗ୍ନ ରହିଛି ସୁରକ୍ଷା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ସୀମା ସୁରକ୍ଷା ବାହିନୀ ଏଥିନିମନ୍ତେ ମୁତୟନ ଅଛନ୍ତି ଏବଂ ସେମାନେ ସୁରକ୍ଷା ବ୍ୟବସ୍ଥା ନିମନ୍ତେ ସଜାଗ ଅଛନ୍ତି ବୋଲି ସୂଚନା ମିଳିଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ତଥା ଚିତ୍ରକୋଣ୍ଡା ରିଟର୍ଣ୍ଣିଂ ଅଧିକାରୀ ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ ତଥା ମାଲକାନଗିରି ରିଟର୍ଣ୍ଣିଂ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ ଓ ଅତିରିକ୍ତ ଉପ ଜିଲ୍ଲାପାଳ ଜଗେଶ୍ୱର ନାୟକ ଉପସ୍ଥିତ ଥିଲେ।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୧୧/୫ (ନି.ପ୍ର): ବିଶ୍ୱ ଦକ୍ଷତା କେନ୍ଦ୍ରର 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗର ତୃତୀୟ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଦିନ ହୋଇଥିବା ଏହି କାର୍ଯ୍ୟକ୍ରମରେ ୨୦୨୩-୨୪ ବ୍ୟାଚରେ ତାଲିମ ପାଠ୍ୟକ୍ରମ ଶେଷ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗ ଅଧୀନରେ ବର୍ତ୍ତମାନ ମୋଟ ୫ଟି ଅତ୍ୟାଧୁନିକ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ଦିଆଯାଉଛି। ତେବେ ୨୦୨୩-୨୪ ବ୍ୟାଚରେ ମେକାଟ୍ରୋନିକ୍ସ, ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ୍ ଏବଂ ଇଲେକ୍ଟ୍ରିକାଲ ଟେକ୍ନୋଲୋଜି ବିଷୟରେ ତାଲିମ ଶେଷ କରି ଛାତ୍ରଛାତ୍ରୀମାନେ ବାହାରିଛନ୍ତି। ଏହି ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ପ୍ରତ୍ୟେକ ବିଷୟରୁ ପ୍ରଥମ ତିନୋଟି ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। ଏହିଭଳି ମୋଟ ୧୨ ଜଣ ଛାତ୍ରଛାତ୍ରୀଙ୍କୁ ପଦକ ଦିଆଯାଇଥିଲା। ଇଲେକ୍ଟ୍ରିକାଲ ଟେକ୍ନୋଲୋଜିରୁ ରାଭା ଅନନ୍ତ



କୁମାର ସ୍ୱର୍ଣ୍ଣ ପାଇଥିବା ବେଳେ ରୋଶନ କୁମାର ବ୍ରହ୍ମା ରୌପ୍ୟ ଓ ବିପ୍ଲବ ସାହୁ ବ୍ରୋଞ୍ଜ ପଦକ ପାଇଛନ୍ତି। ମେକାଟ୍ରୋନିକ୍ସ ଟ୍ରେଡରେ ସୁନିଲ ମହାପାତ୍ରଙ୍କୁ ସ୍ୱର୍ଣ୍ଣ, ବିକ୍ରମ ସାହୁଙ୍କୁ ରୌପ୍ୟ, ସୁଜିତ କୁମାର ବିଶୋଇଙ୍କୁ ବ୍ରୋଞ୍ଜ ମିଳିଥିଲା। ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନର ଛାତ୍ର ପଦ୍ମଲୋଚନ ସାହୁଙ୍କୁ ସ୍ୱର୍ଣ୍ଣ, ସନ୍ତୋଷ କୁମାର ପ୍ରଧାନଙ୍କୁ ରୌପ୍ୟ ଏବଂ ବିଜୁ ରାଉତଙ୍କୁ ବ୍ରୋଞ୍ଜ ମିଳିଥିଲା। ସେହିପରି ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସର ଛାତ୍ର ସୁଦୟ ନାଏକ, ଚିନ୍ମୟ କୁମାର ବାରିକଙ୍କୁ ରୌପ୍ୟ ଏବଂ ଲକ୍ଷ୍ମୀନାରାୟଣ ଦାଶଙ୍କୁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥିଲା। ଇଲେକ୍ଟ୍ରିକାଲ ଟେକ୍ନୋଲୋଜିର ଛାତ୍ର ଆକାଶ କୁମାର ସାହୁଙ୍କୁ ବେଷ୍ଟ ଟ୍ରେନି ଭାବେ ପୁରସ୍କାର ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ନିୟୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦାୟୀ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ଅନୁସୂଚିତ ଜାତି କଲ୍ୟାଣର ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମଲ୍ଲିକ ଏବଂ ଓଏଓଏଫଡିସିର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପ୍ୟାରେଲାଲ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମାବର୍ତ୍ତନ ଉତ୍ସବରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି ଥମ୍ପିରାଜା ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧ୍ୟକ୍ଷ ଡକ୍ଟର ଶୁଭଙ୍ଗ କିଶୋର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗର ନିର୍ଦ୍ଦେଶକ ପିଚାଇନ୍ ଆନଟ୍ଟୋନିସାମି, ସ୍କୁଲ ଅଫ୍ ସର୍ଭିସେସର ନିର୍ଦ୍ଦେଶକ ଲିମ୍ ଲାଇ ସୁନ୍ ପ୍ରମୁଖ ଯୋଗ ଦେଇଥିଲେ।

# ସମାଜସେବୀ ବିମଳାକାନ୍ତ ପଣ୍ଡାଙ୍କ ପରଲୋକ

ମୁଖୀଗୁଡା, ୧୧/୫ (ନି.ପ୍ର): ଜୟପାଟଣାର ଜଣାଶୁଣା ସମାଜସେବୀ ବିମଳାକାନ୍ତ ପଣ୍ଡା (୫୩)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଗୁରୁବାର ମଧ୍ୟରାତ୍ରୀରେ ପରଲୋକ ହୋଇଯାଇଛି । ଗତକାଲି ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ତୁରନ୍ତ ଭବାନୀପାଟଣା ଓ ପରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେହେଁ ଚିକିତ୍ସାଧୀନ ଅବସ୍ଥାରେ ଗତ ରାତିରେ ମୃତ୍ୟୁ ହୋଇଯାଇଥିଲା । ସ୍ୱର୍ଗତ ପଣ୍ଡା ଜଣେ ସମାଜସେବୀ ଭାବରେ ଜଗନ୍ନାଥ ସେବା ସମିତି ଗଠନ କରି ଗରିବଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ଜୟପାଟଣା ପଂଚାୟତର ନାଏବ ସରପଂଚ ରହିବାପରେ ଜଣେ ସାମ୍ବାଦିକ ଭାବରେ ନିଜକୁ ନିୟୋଜିତ କରି ଅନ୍ୟମାନଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ । ଆଜି ସକାଳେ ଜୟପାଟଣାସ୍ଥିତ ତାଙ୍କ ବାସଭବନରେ ଶବ ପହଂଚିବା ପରେ ଏକ ଶୋକାକୁଳ ପରିବେଶରେ ଶତାଧିକ ଲୋକ ଶେଷ ଦର୍ଶନ କରିଥିଲେ । ସ୍ୱର୍ଗତ ପଣ୍ଡାଙ୍କ ଦୁଇଝିଅ ଥିବାବେଳେ ବଡ଼ଭାଇ ବିରଜା କାନ୍ତ ପଣ୍ଡା ମୁଖାଗ୍ନି ଦେଇଥିଲେ ।

# ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ନିର୍ବାଚନ ନିମନ୍ତେ ରାଜନୈତିକ ଦଳଗୁଡ଼ିକ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ

କେନ୍ଦୁଝର, ୧୧/୫ (ନି.ପ୍ର): ଆଗାମୀ ସଧାରଣ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ କରିବା ପାଇଁ ପୋଲିସ, ଖର୍ଚ୍ଚ ଓ ସାଧାରଣ ପର୍ଯ୍ୟବେକ୍ଷକ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଦରବାର ହଲ୍‌ରେ ଗୁରୁବାର ଅପରାହ୍ନରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ କେନ୍ଦୁଝର ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଆଶିଷ ମୋଦି, ମିନହାଜ ଆଲାମ, ପୋଲିସ ପର୍ଯ୍ୟବେକ୍ଷକ ଭୁପେନ୍ଦର ସିଂହ, ଖର୍ଚ୍ଚ ପର୍ଯ୍ୟବେକ୍ଷକ ରାକେଶ ଦାଶ, ରାଜକମଲ ରଞ୍ଜନ, ଇନ୍ଦନ ଅଶୋକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ପ୍ରମୁଖ ରାଜନୈତିକ ଦଳର ପ୍ରତିନିଧି, ଆରକ୍ଷୀ ଅଧିକ୍ଷକ ନିତିନ କୁସଲକର, ଆଇଏଏସ୍ ପ୍ରୋବେସନର ପ୍ରେକ୍ଷା ଅଗ୍ରଓ୍ୱାଲ, ଅତିକିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଅତିରିକ୍ତ ଜିଲ୍ଲାପାଳ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ନିର୍ବାଚନକୁ ସ୍ୱଚ୍ଛ ଓ ନିରେପକ୍ଷ ଭାବେ ଭାବେ ପରିଚାଳନା କରିବା ନିମନ୍ତେ ପର୍ଯ୍ୟବେକ୍ଷକମାନେ ପରାମର୍ଶ ଦେଇଥିବାବେଳେ ପୋଲିସ ପର୍ଯ୍ୟବେକ୍ଷକ ସମସ୍ତ ନିୟମାବଳୀକୁ ମାନି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ଅନୁରୋଧ କରିଥିଲେ। ଏହି ବୈଠକରେ ପର୍ଯ୍ୟବେକ୍ଷକମାନ ନିର୍ବାଚନ ଖର୍ଚ୍ଚ ପରିଚାଳନା ସଂପର୍କିତ ଆଇନଗତ ବ୍ୟବସ୍ଥା, ନିର୍ଭୁଲ ଓ ଠିକ୍ ସମୟରେ ହିସାବ ଦାଖଲ ଏବଂ ଏହାକୁ ପାଳନ ନକରିବା ଫଳରେ ଉପୁଜିଥିବା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଖର୍ଚ୍ଚ ବିବରଣି ଯାଂଚ, କ୍ଷେତ୍ର ପରିଦର୍ଶନ, ଭିଡିଓ ସେଭର୍ଲାନ୍ସ ସମେତ ବିଭିନ୍ନ ତଦାରଖ ବ୍ୟବସ୍ଥା ସଂପର୍କର ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ। ବୈଠକରେ ଉପସ୍ଥିତ ରାଜନୈତିକ ଦଳମାନଙ୍କୁ ସକ୍ରିୟ ଭାବେ ଆଲୋଚନାରେ ସାମିଲ ହେବାକୁ ଏବଂ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସେମାନଙ୍କର ମନରେ କୌଣସି ପ୍ରଶ୍ନ ଉଠାଇବାକୁ ପ୍ରୋତ୍ସାହିତ କରାଯାଇଥିଲା। ପର୍ଯ୍ୟବେକ୍ଷକମାନେ ସେମାନଙ୍କର ସମସ୍ତ ପ୍ରଶ୍ନର ଦେଇଥିଲେ। ଶେଷରେ କେନ୍ଦୁଝର ଜିଲ୍ଲାରେ ନିର୍ବାଚନ ପରିଚାଳନା ନିୟମ ଅନୁଯାୟୀ ଶାନ୍ତି ଶୃଙ୍ଖଳା ସହ ସମାପନ କରିବା ପାଇଁ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ଓ ପ୍ରାର୍ଥୀଙ୍କ ସହଯୋଗ କାମନା କରିଥିଲେ।

# ସାଧାରଣ ପର୍ଯ୍ୟବେକ୍ଷକଙ୍କ ଏମ୍‌ସିଏମ୍‌ସି କେନ୍ଦ୍ର ପରିଦର୍ଶନ

ପୁରୀ, ୧୧/୫ (ନି.ପ୍ର): ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଡା. କୁନାଲ ପ୍ରକାଶ ଖେମନର ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ସେଠାରେ ଚାଲୁଥିବା ଏମ୍‌ସିଏମ୍‌ସି କେନ୍ଦ୍ରକୁ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ପରିଚାଳନା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନ ପ୍ରିଂଟ ମିଡିଆ, ଇଲେକ୍ଟ୍ରୋନିକ ମିଡିଆ, ସୋସିଆଲ ମିଡିଆରେ ପ୍ରକାଶିତ ଖବର ଉପରେ ଦୃଷ୍ଟି ରଖିବା ସହ ତାହାର ତଥ୍ୟ ପର୍ଯ୍ୟବେକ୍ଷକମାନଙ୍କୁ ନିୟମିତ ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ। ସେହିପରି ପ୍ରିଂଟ, ଇଲେକ୍ଟ୍ରୋନିକ ଚାନେଲ ଓ ସୋସିଆଲ ମିଡିଆକୁ ନିୟମିତ ଅନୁଧ୍ୟାନ କରି ପେଡ ନିଉଜଗୁଡ଼ିକ ଉପରେ ଇସିଆଇର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପର୍ଯ୍ୟବେକ୍ଷକଙ୍କୁ ଏମ୍‌ସିଏମ୍‌ସିର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ।ପରେ ପର୍ଯ୍ୟବେକ୍ଷକ ଶ୍ରୀ ଖେମନର ସଦ୍‌ଭାବନା ସଭାଗୃହରେ ଚାଲୁଥିବା ଆଦର୍ଶ ଆଚରଣ ବିଧି ସେଲ ଓ ଜିଲ୍ଲା ନିର୍ବାଚନ ଅଭିଯୋଗ ନିୟନ୍ତ୍ରଣ କକ୍ଷକୁ ପରିଦର୍ଶନ କରିଥିଲେ। ଡେପୁଟି କଲେକ୍ଟର ତଥା ନୋଡାଲ ଅଫିସର ବିବେକାନନ୍ଦ ସାହୁ ପର୍ଯ୍ୟବେକ୍ଷକଙ୍କୁ ବିବିଧ ସୂଚନା ଦେଇଥିଲେ। ଲିଆସନିଙ୍ଗ ଅଫିସର ଚନ୍ଦନ କୁମାର ସାହୁ ପର୍ଯ୍ୟବେକ୍ଷକଙ୍କୁ ସହଯୋଗ କରିଥିଲେ।

# ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ବିଭିନ୍ନ ପ୍ରାନ୍ତକୁ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ବ୍ୟବସ୍ଥା

ଭୁବନେଶ୍ୱର, ୧୧/୫ (ନି.ପ୍ର): ସମଗ୍ର ଦେଶରେ ଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ଗ୍ରୀଷ୍ମ ସମୟରେ ନିୟମିତ ଟ୍ରେନରେ ଯାତ୍ରୀ ଭିଡ଼ ଏଡ଼ାଇବା ପାଇଁ ସ୍ୱତନ୍ତ୍ର ଟ୍ରେନ ସେବା ଘୋଷଣା କରିଛି । ଏହି ଟ୍ରେନ୍ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା ସହିତ ସୁବିଧାଜନକ, ଆରାମ ଏବଂ ନିରାପଦ ଯାତ୍ରା ପ୍ରଦାନ କରାଇ ଗ୍ରୀଷ୍ମ ଋତୁ ରେ ଯାତ୍ରୀମାନଙ୍କୁ ସ୍ମରଣୀୟ ଯାତ୍ରା ଅନୁଭୂତି କରାଇବାକୁ ବ୍ୟବସ୍ଥା କରିଛି । ଏହା ପୂର୍ବରୁ ପୂର୍ବତଟ ରେଳପଥ ଦ୍ୱାରା ଘୋଷଣା କରାଯାଇଥିବା ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ବ୍ୟତୀତ ଆହୁରି ଅଧିକ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ପଦକ୍ଷେପ ଗ୍ରହଣ କରିଛି ଯାହାକି ବର୍ତ୍ତମାନ ଯାତ୍ରୀମାନଙ୍କ ଯାତ୍ରା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳ ମାର୍ଗରେ ଚଳାଚଳ କରାଇବାକୁ ଯୋଜନା କରାଯାଇଛି। ଏହି ଟ୍ରେନ୍ ଗୁଡିକ ହେଉଛି ଭୁବନେଶ୍ୱର-ମୁମ୍ବାଇ ଏଲଟିଟି, ବ୍ରହ୍ମପୁର-ସିକନ୍ଦରାବାଦ, ବ୍ରହ୍ମପୁର-ସୁରଟ ଇତ୍ୟାଦି ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ। ଏହା ବ୍ୟତୀତ ନିୟମିତ ଟ୍ରେନ ସହିତ ସ୍ୱତନ୍ତ୍ର ଟ୍ରେନ ଗୁଡିକରେ ଯାତ୍ରୀ ପ୍ରୋଫାଇଲକୁ ସମୀକ୍ଷା କରି ପୂର୍ବତଟ ରେଳପଥ ମଧ୍ୟ ନିୟମିତ ଟ୍ରେନରେ ଯାତ୍ରୀଙ୍କ ଭିଡ଼ ଏଡ଼ାଇବା ଏବଂ ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟ ସ୍ଥଳକୁ ସିଙ୍ଗଲ୍ ଟ୍ରିପ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ଯୋଜନା କରୁଛି । ଯାତ୍ରୀମାନେ ମଧ୍ୟ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିପାରନ୍ତି ଏବଂ ସେମାନଙ୍କ ଗନ୍ତବ୍ୟ ସ୍ଥଳ ପାଇଁ ସେମାନଙ୍କ ବୋର୍ଡିଂ ପଏଂଟରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସମୟ ସମ୍ବନ୍ଧରେ ଅବଗତ ହୋଇ ଯାତ୍ରା ଯୋଜନା କରି ପାରନ୍ତି ଯେଉଁଠାରେ ସେମାନେ ସେମାନଙ୍କର ଆରାମଦାୟକ ଯାତ୍ରା ପାଇଁ ନିଶ୍ଚିତ ଟିକେଟ୍ ପାଇପାରିବେ। ଏହି ଟ୍ରେନ୍ ଗୁଡିକ ହେଉଛି ସମ୍ବଲପୁର-କାଚେଗୁଡା, ଖୋର୍ଦ୍ଧା ରୋଡ୍-ସିକନ୍ଦରାବାଦ, ଭୁବନେଶ୍ୱର-ପୁଣେ, ଭୁବନେଶ୍ୱର-ମୁମ୍ବାଇ ସିଏସଏମଟି, ପୁରୀ-ପାଲଡିହ (ମହାରାଷ୍ଟ୍ର), ଭୁବନେଶ୍ୱର-ଚେନ୍ନାଇ, ସମ୍ବଲପୁର-ଚେନ୍ନାଇ, ଭୁବନେଶ୍ୱର-ବେଙ୍ଗାଲୁରୁ, ବ୍ରହ୍ମପୁର-କାଚେଗୁଡା ଇତ୍ୟାଦି।

## ଧାରାବାହିକ ଉପନ୍ୟାସ

# ବୈଦେହୀ



### ଡ.ଭାଗବତ ବେହେରା



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ । ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ.ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୫୧

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମୋ କଥାଶୁଣି ତ୍ରିଜଟା କହିଥିଲା, "ମାଆଲୋ ତୁ ଏ କିପରି କଥା କହୁଛୁ । ବୃକ୍ଷମୂଳରେ କିଛିସମୟ ପାଇଁ ବିଶ୍ରାମ ନିଆଯାଇ ପାରେ । ସବୁ ସମୟ ପାଇଁ ତୁ ଏଠାରେ ରହିବୁ କେମିତି ? ମୋ କଥା ମାନ ମା' । ମୁଁ ତୋତେ ଏହି ଅଶୋକବନରେ ଅତିଥିଶାଳାରେ ରଖାଇବି । ସେଠାରେ ତୋର କୌଣସି ଅସୁବିଧା ହେବନାହିଁ । ତ୍ରିଜଟାର ହାତଧରି ମୁଁ କହିଥିଲି 'ମିଥିଳାରେ ମୋର ମାତା, ଅଯୋଧାରେ ମୋର ଶାଶୁ ତାଙ୍କୁ ଛାଡ଼ି ଆସିଥିଲେ ବି ଏ ଅଶୋକବନରେ ମୁଁ ତୁମକୁ ମାଆ ରୂପରେ ପାଇଛି । ମୋତେ ବାଧ କରନାହିଁ ମାଆ । ମୁଁ ଏହି ଅଶୋକବୃକ୍ଷ ମୂଳରେ ଥାଇ ମୋ ସ୍ୱାମୀ ଦିଅର ଅରଣ୍ୟରେ ମୋତେ ନପାଇ କେତେ ଦୁଃଖ କଷ୍ଟ ପାଉଛନ୍ତି ତାହା ଦେଖିପାରିବି । ମୋ ସ୍ୱାମୀଙ୍କୁ ନଦେଖିଲେ ମୁଁ ବଞ୍ଚିପାରିବି ନାହିଁ ।'

ମୋ କଥା ଶୁଣି ଆଶ୍ଚର୍ଯ୍ୟ ହୋଇ ତ୍ରିଜଟା କହିଥିଲା ଦେବୀ ସୀତେ ! ତୋ ସ୍ୱାମୀ ତ ସମୁଦ୍ର ଆରପଟରେ ପଞ୍ଚବଟୀ ବନରେ । ତୁ ତାଙ୍କୁ ଏଠାରେ ଥାଇ ଦେଖିବୁ କେମିତି ? ଦେଖିପାରିବି ମାତା, ନିଶ୍ଚୟ ଦେଖିପାରିବି । ମୋ ସ୍ୱାମୀ ମୋ ମନ, ହୃଦୟ, ପ୍ରାଣ, ଶରୀର ସବୁକିଛି । ମୁଁ ତାଙ୍କୁ ରୋମେରୋମେ ଅନୁଭବ କରିପାରିବି । ତାଙ୍କ ମଧୁବୋଳା କଥା ମୋ କାନରେ ଗୁଞ୍ଜରି ଉଠିବ । ତାଙ୍କର ସମସ୍ତ କାର୍ଯ୍ୟକଳାପ ଏହି ଅଶୋକବୃକ୍ଷ ତଳେ ବସି ମୁଁ ନଖଦର୍ପଣରେ ସବୁ ଦେଖିପାରିବି ।

ମୋ କଥା ଶୁଣି ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ସେ କହିଥିଲେ, ଆଲୋ ମା ! ତୋ ଭିତରେ ଏତେ ଗୁଣ ପୂରି ରହିଛି । ତୋ ଭଳି ସତୀ, ସ୍ୱାଧୀ, ପତିବ୍ରତା ନାରୀ ଏ ଧରାରେ ଆଉ ଅଦ୍ୟତନ ହୋଇ ନଥିବେ । ତୋରି ଇଚ୍ଛା ପୂର୍ଣ୍ଣ ହେବ ମାଆ । ତୁ ଏହି ଅଶୋକ ମୂଳରେ ଅବସ୍ଥାନ କର । ମୁଁ ଲଙ୍କପତିଙ୍କୁ ବୁଝାଇ ଦେବି । ଏହାକହି ତ୍ରିଜଟା ଅନ୍ୟ ପରିଚାରିକାଙ୍କୁ ଆଦେଶ ଦେଇଥିଲା ଅଶୋକ ବୃକ୍ଷ ମୂଳରେ ଶେଯ ପାରିଦେବାକୁ । ମୁଁ କିନ୍ତୁ ତାଙ୍କୁ ବାଧା ଦେଇ କହିଥିଲି ନା ମାଆ ଯେତେଦିନ ପର୍ଯ୍ୟନ୍ତ ମୋ ସ୍ୱାମୀ ମୋତେ ଏଠାରୁ ଉଦ୍ଧାର କରି ନ ନେଇଛନ୍ତି ସେ ପର୍ଯ୍ୟନ୍ତ ମୁଁ ଶେଯରେ ଶୋଇବି ନାହିଁ । ଏହି ଏକବସ୍ତ୍ର ପିନ୍ଧି ଏହିଠାରେ ବସି ରହିଥିବି । ଲଙ୍କପତିର କୌଣସି ଦାନ ମୁଁ ଗ୍ରହଣ କରିବି ନାହିଁ।

ଯାହା ତୋର ଇଚ୍ଛା ତୁ ସେୟା କର । ତୋ ପାଇଁ ଏଠାରେ ଏ ଦାସୀମାନେ ରହିଲେ ତୋ ସେବା କରିବା ପାଇଁ ।

ମୋର କୌଣସି ସେବା ଦରକାର ନାହିଁ ମାଆ । ମୁଁ ଏମିତି ଏମିତିରେ ଦିନ କାଟୁଥିବି । ସେହିଦିନୁ ମୋ ଜୀବନର ଚତୁର୍ଥ ପର୍ବ ଆରମ୍ଭ ହୋଇଥିଲା ସୁଧାମୟୀ । ପ୍ରଥମେ ମୋ ପିତାଘର ମିଥିଳାରେ, ଦ୍ୱିତୀୟ ମୋ ଶାଶୁଘର ଅଯୋଧାରେ । ତୃତୀୟ ମୋ ସ୍ୱାମୀଙ୍କ ସହିତ ବନବାସରେ ଆଉ ଚତୁର୍ଥ ଅଧ୍ୟାୟ ଆରମ୍ଭ ହେଲା ଲଙ୍କପତି ରାବଣର ଅଶୋକ କାନନରେ । କଥା କହୁକହୁ କାନ୍ଦିକାନ୍ଦି ମୂର୍ଚ୍ଛିତା ହୋଇ ତଳେ ପଡ଼ି ଯାଇଥିଲେ ତପସ୍ୱିନୀ ସୀତା ।

ତାଙ୍କର ଏପରି ଅବସ୍ଥା ଦେଖି ମୁନିକୁମାରୀମାନେ ଜଳ ଆଣି ତାଙ୍କ ମୁଖରେ ସିଞ୍ଚି ତାଙ୍କୁ ବ୍ୟଜନ କରିବାକୁ ଲାଗିଥିଲେ ।

।। ଏଗାର ।।

ଜୀବନ ନାଟକର ଚତୁର୍ଥ ଅଙ୍କରେ ଅଭିନୟ ମୋର ଆରମ୍ଭ ହେଲା ଲଙ୍କପତି ରାବଣର ଅଶୋକ କାନନରେ । ଜନକ ରାଜାଙ୍କର ଅଲିଅଳି କନ୍ୟା, ରାଜା ଦଶରଥଙ୍କର ପୁତ୍ରବଧୂ, ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଅତି ଆଦରର ନୟନ ପିତୁଳା ସୀତା, ଜାନକୀ, ମୈଥିଳୀ, ବୈଦେହୀ ଏବେ ଲୁହ ଢାଳୁଚି ଅଶୋକ ବୃକ୍ଷର ବେଦୀ ମୂଳରେ । ସୂର୍ଯ୍ୟ ଉଦୟରୁ ସୂର୍ଯ୍ୟାସ୍ତ ପୁଣି ସୂର୍ଯ୍ୟାସ୍ତରୁ ସୂର୍ଯ୍ୟୋଦୟ, କେମିତି ହୁଏ ତାହା ମୁଁ କିଛି ଜାଣିପାରେ ନାହିଁ । ଅଶୋକ ବନରେ ବସାବାନ୍ଧି ରହିଥିବା ସହସ୍ର ସହସ୍ର ପକ୍ଷୀମାନଙ୍କର ପ୍ରଭାତ କାକଳି ତଥା ସନ୍ଧ୍ୟା ସମୟକୁ ମଧୁର ସଂଗୀତ ଗାଇ ନୀଡ଼କୁ ଫେରୁଥିବାର କୋଳାହଳ ମୋତେ ପ୍ରଭାତ, ପ୍ରଦୋଷର ସୂଚନା ଦେଇଥାଏ । ରାବଣର ସ୍ୱର୍ଣ୍ଣଲଙ୍କା କେମିତି ହୋଇଥିବ ତାହା ମୋତେ ଜଣାନଥିଲେ ବି, ଅଶୋକବନରେ ଯେ ଆଶ୍ରମ ତୁଲ୍ୟ ଶାନ୍ତି ପୂରି ରହିଥାଏ, ତାହା ତୁମେ ଦର୍ଶନ ନକଲେ ଅନୁଭବ କରିପାରିବ ନାହିଁ ପ୍ରୀତିଦା । ଏତେ ସୁନ୍ଦର ଉଦ୍ୟାନ ଯେ ମର୍ତ୍ତ୍ୟରେ ସମ୍ଭବ, ତାହା ମୁଁ କଳ୍ପନା କରିପାରି ନଥିଲି । ଅଶୋକ ବୃକ୍ଷ ସାଂଗକୁ ନାନା ଜାତି ବୃକ୍ଷଲତାରେ ପରିପୂର୍ଣ୍ଣ ଅଶୋକ ବାଟିକା । ଫୁଲଫଳରେ ପରିପୂର୍ଣ୍ଣ ଉଦ୍ୟାନଟିଏ । କେତେ ଜାତିର ଫୁଲ ଯେ ସେ ଉଦ୍ୟାନରେ ରହିଛି ସେସବୁକୁ ଦର୍ଶନ କଲେ ଚିତ୍ତରେ ଯେତେ ଦୁଃଖ ଥିଲେ ବି ଶାନ୍ତି ଅନୁଭୂତ ହେବ । ନାନା ଜାତି ପୁଷ୍ପର ରଂଗ, ତାଙ୍କ ସୁବାସ ହୃଦୟରେ ସୃଷ୍ଟିକରେ ଏକ ଅନନ୍ୟ ଭାବ । ବିଶେଷକରି ଅଶୋକ, ଚମ୍ପା, କୁରୁବକ, ମଲ୍ଲୀ, ମାଳତୀ, ସେବତୀ ଆଦି ଫୁଲରେ ସୁଶୋଭିତ ଅଶୋକ ବାଟିକାକୁ ଦେଖି ମୁଁ ମନେକଲି ଏହା ଆଉ ଇନ୍ଦ୍ରଙ୍କର ନନ୍ଦନକାନନ ନୁହେଁ ତ ? ତ୍ରିଜଟା କହେ ଦେବୀ ସୀତେ, ରାବଣର ଏହି ଅଶୋକ ବାଟିକାର ଶୋଭାରେ ମୁଗ୍ଧ ହୋଇ ଦେବତାମାନେ ମଧ ଏଠାକୁ ବିଚରଣ କରିବାକୁ ଆସିଥାନ୍ତି । ଯେମିତି ପୁଷ୍ପ ସେମିତି ନାନାଜାତି ଫଳରେ ଫାଟି ପଡୁଥାଏ ଅଶୋକବନ । ଆମ୍ବ, ନାରିକେଳ, ପଣସ, ପୁନାଗ, ବିଲ୍ୱ, କଦଳୀ ଆଦି ଶତଶତ ପାଚିଲା ଫଳର ସୁଗନ୍ଧ, ପୁଷ୍ପର ସୁରଭି ସହିତ ସେ ବନରେ ସଦା ବିରାଜୁଥିବା ମନ୍ଦମନ୍ଦ ମଳୟର ହିଲ୍ଲୋଳନ, ଅନ୍ତରରେ ଆନନ୍ଦ ସୃଷ୍ଟି କରିବ ନିଶ୍ଚୟ । ତା ସାଂଗକୁ ଶୁକ, ପିକ, ମୟୂର, କୁମ୍ଭାଟୁଆ, ପାରାବତ ଆଦି ପକ୍ଷୀମାନଙ୍କର କାକଳି, ମୟୂର ମୟୂରୀଙ୍କ ପୁଚ୍ଛତୋଳା ନୃତ୍ୟ, ସଞ୍ଚଘଞ୍ଚ, ପଲ୍ଲବିତ ବୃକ୍ଷର କୋମଳ ପତ୍ରରାଜି ଚନ୍ଦନ ବନର ଶୋଭାକୁ ନିନ୍ଦା କରୁଥାଏ ।

ସେହି ବାଟିକାରେ ରାବଣ ନେଇ ମୋତେ ଉପନୀତ କରାଇ ତା'ର ପରିଚାରିକାଙ୍କୁ ନିଯୁକ୍ତ କରି ଦେଇଥିଲା ମୋର ସେବା କାର୍ଯ୍ୟ କରିବାପାଇଁ । ପ୍ରଭାତ ହେବାମାତ୍ରେ ସେମାନେ ସୁବର୍ଣ୍ଣ ଘଟରେ ସୁବାସିତ ଜଳ ରାଶି ମୋ ପାଖରେ ରଖିଦିଅନ୍ତି ମୁଖ ପ୍ରକ୍ଷାଳନ ନିମିତ୍ତ । ନାନା ଜାତି ଫୁଲ ଆଣି କୁଢ଼ କରି ଦିଅନ୍ତି ଅଶୋକ ବେଦୀରେ । କେହି କେହି ପରିଚାରିକା ଫୁଲରେ ମାଳା ଗୁନ୍ଥି ରଖନ୍ତି ମୋତେ ଦେବାପାଇଁ । ପାଟବସ୍ତ୍ର ଆଣି ମୋ ପାଖରେ ଥୋଇ ଦିଅନ୍ତି । ସ୍ନାନକୁ ଯିବାପାଇଁ ସୁବାସିତ ତୈଳ, ହରିଦ୍ରା ଧରି ସେମାନେ ଅପେକ୍ଷା କରି ରୁହନ୍ତି । ଭୋଜନ ପାଇଁ ଜାତିଜାତି ପକ୍ୱଫଳ ଆଣି ଥୋଇ ଦିଅନ୍ତି । ବେଶ ପ୍ରସାଧନ ପାଇଁ ହସ୍ତରେ ଚିରୁଣୀ, ପ୍ରସାଧନ ସାମଗ୍ରୀ, ଚନ୍ଦନ, କସ୍ତୁରୀ, କୁଙ୍କୁମ ଧରି ପ୍ରତୀକ୍ଷା କରି ରୁହନ୍ତି । ସେମାନଙ୍କୁ ଧରି ପାଖରେ ଛିଡ଼ା ହୋଇଥାନ୍ତି ମୋର ମାତୃସମା ତ୍ରିଜଟା । ଅପେକ୍ଷା କରିଥାନ୍ତି ମୋର ଆଦେଶକୁ । ଇଂଗିତ ମାତ୍ରେ ସେମାନେ ତାଙ୍କ କାର୍ଯ୍ୟ ଆରମ୍ଭ କରିବେ । ତାଙ୍କୁ ଦେଖି ମୁଁ କହେ, "ମାଆ ତ୍ରିଜଟା ତୁମେ ଏ ସେବିକା ମାନଙ୍କ ମଧରେ ଅଗ୍ରଜା, ମୋର ମାତା ତୁଲ୍ୟ । ମିଥିଳାରେ ମୋର ମାଆ ମାନଙ୍କ ସେବାରେ ଷୋଳବର୍ଷ ମୁଁ କଟାଇ ଦେଇଥିଲି । ଅଯୋଧାରେ ତିନିଜଣ ମାଆଙ୍କୁ ପାଇ ତାଙ୍କ ସ୍ନେହ ମମତାରେ କିଛିଦିନ ବିତାଇଛି କି ନାହିଁ ମୁଁ ହେଲି ବନବାସୀ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା, ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

## ଆଲୋଚନା

# ଗୋଟେ ଦିନ ନୁହେଁ ସବୁଦିନ ହେଉଛି ମା'ର


### ରବିନାରାୟଣ ପଟ୍ଟନାୟକ



ପ୍ରତିବର୍ଷ ମେ ମାସ ଦ୍ୱିତୀୟ ରବିବାରକୁ ମାତୃତ୍ୱ ଦିବସ ରୂପେ ପାଳନ କରାଯାଏ । କିନ୍ତୁ କହିବାକୁ ଗଲେ ମା ପାଇଁ ସେମିତି କୌଣସି ନିର୍ଦ୍ଦିଷ୍ଟ ଦିନର ଆବଶ୍ୟକତା ନ ଥାଏ । ମାଆ ପାଇଁ ଦିନେ ନୁହେଁ ସବୁ ଦିନ ହେଉଛି ମା'ର । ମା ଭଲପାଇବା ସବୁଠୁଁ ନିଆରା ସବୁଠୁଁ ସ୍ୱତନ୍ତ୍ର । ମାଆ ଭଲ ପାଇବା ସେବେଠାରୁ ଗୋଟେ ପିଲା ସାଙ୍ଗରେ ଥାଏ ଯେତେବେଳେ ପିଲା ଏଇ ଦୁନିଆକୁ ବି ଆସି ନଥାଏ ।ଯେତେବେଳେ କିଛି ଅସୁବିଧା ପିଲା ପାଇଁ ମାଡ଼ି ଆସେ ସେତେବେଳେ ପିଲାର ସବୁ ଭୁଲ୍‌କୁ ନିଜ ପଣତ କାନିରେ ଘୋଡ଼େଇ ଦିଏ ମା । ଛୋଟ ବେଳେ ପିଲାକୁ ମା ଯେତେବେଳେ କଳାର ଟୀକା ଲଗାଇଦିଏ ଲାଗେ ଯେମିତି ଏଇ ଦୁନିଆଁର ସବୁଠୁ ସୁନ୍ଦର ହଉଚି ତା ପିଲା । ଦୁନିଆଁ ସବୁ ସଂପର୍କ ପଛରେ କିଛି ନା କିଛି ଉଦ୍ଦେଶ୍ୟ ଲୁଚିକି ଥାଏ କିନ୍ତୁ ମା'ର ସଂପର୍କ ବିନା କୌଣସି ଉଦ୍ଦେଶ୍ୟ ରେ ଥାଏ । ପରିବର୍ତ୍ତନଶୀଳ ସମାଜରେ ଯେତେବେଳେ ଭଲ ପାଇବା ଆଉ ସଂପର୍କର ପରିଭାଷା ବଦଳି ଗଲାଣି ସେତେବେଳେ ମାଆ ଭଲ ପାଇବା ସେମିତି ତା ପିଲା ପାଇଁ ଅଛି ସେଥିରେ ତିଳେ ମାତ୍ର ପରିବର୍ତ୍ତନ ହୋଇନି । ମା ସବୁ ସମୟ ରେ ଚିନ୍ତା କରେ ମୋ ପିଲାଟି କିପରି ଭଲରେ ଖାଇବ, ଭଲରେ ଚାଲିବ ତା ର ଯେମିତି କୌଣସି ଅଭାବ ଅସୁବିଧା ନରୁହେ ।

ଗୋଟେ ମେଡ଼ିସିନ ଦୋକାନ ଆଗରେ ଜଣେ ବୁଢ଼ୀ ମାଉସୀ ଛିଡ଼ା ହେଇଥିଲେ ଆଉ ଦୋକାନରେ ଭିଡ ଥିବାରୁ ମାଉସୀ ପଛରେ ଛିଡ଼ା ହେଇଥାନ୍ତି । କିଛି ସମୟ ପରେ ଯେତେବେଳେ ଦୋକାନରୁ ଲୋକ କମିଲେ ସେତେବେଳେ ଦୋକାନୀ ଜଣଙ୍କ ନଜର ମାଉସୀଙ୍କ ଉପରେ ପଡ଼ିଲା ଦୋକାନୀ ଜଣଙ୍କ କହିଲେ ମାଉସୀ କଣ ମେଡ଼ିସିନ ଦରକାର୍ କୁହନ୍ତୁ କିନ୍ତୁ ମାଉସୀ କହିବା ପାଇଁ ସଂକଚ ହେଉଥିଲେ ଏହା ଦେଖିକି ମେଡ଼ିସିନ ଦୋକାନୀ ଜଣଙ୍କ କହିଲେ ମାଉସୀ ଆପଣଙ୍କ ପାଖରେ ଯଦି ପଇସା ନାହିଁ ଠିକ୍ ଅଛି ଆପଣ ଖାଲି କେଉଁ ମେଡ଼ିସିନ ନେବେ କୁହନ୍ତୁ ମୁଁ ଆପଣଙ୍କୁ ଦେବି । ମାଉସୀ ଜଣଙ୍କ ଉତ୍ତର ଦେଲେ ମୋ ପାଖରେ ପଇସା ଅଛି । ଦୋକାନୀ ଜଣଙ୍କ ପଚାରିଲେ ତା ହେଲେ କହିନାହାନ୍ତି କଣ ପାଇଁ ? ମାଉସୀ ଜଣଙ୍କ ଉତ୍ତର ଦେଲେ ମୁଁ ଏଇ ପାଖରେ ଏକ ରହୁଛି । ମୋ ପୁଅ ଓଡ଼ିଶା ବାହାରେ ଚାକିରୀ କରେ, ବର୍ଷକୁ ଥରେ ମୋ ପାଖକୁ ଆସେ ତା ପରିବାର ନେଇକି । ମୁଁ ବର୍ଷ ସାରା ଅପେକ୍ଷା କରିଥାଏ ତା ଆସିବା ବାଟକୁ । ସେ ଆସିଲେ ତାକୁ ଟିକେ ଦେଖିବାକୁ ତା ପାଇଁ ନିଜ ହାତରେ କିଛି ଖାଇବା କରିକି ଦେବାକୁ କିନ୍ତୁ ମତେ କାଲି ସେ କଲ କରିକି କହିଛି ଏଇ ବର୍ଷ ସେ ଆସିପାରିବନି, ତା ପିଲାମାନଙ୍କୁ ନେଇକି ଛୁଟିରେ ବିଦେଶ ବୁଲିବାକୁ ଯିବ । ମାଉସୀ କହିଲା ବେଳେ ତାଙ୍କ ଆଖି ସାରା ପାଣି ଥାଏ । କହିଲେ ପୁଣି ଆଉ ଗୋଟେ ବର୍ଷ ଅପେକ୍ଷା କରିବା ମୋ ପକ୍ଷରେ ଅସମ୍ଭବ ତେଣୁ ଏମିତି କିଛି ମେଡ଼ିସିନ୍ ଦିଅ ଯେମିତି ମୁଁ ଗୋଟେ ବର୍ଷ ପାଇଁ ଆଉ ଉଠିବିନାହିଁ । ଏହା କହିକି ମାଉସୀ ସେଠାରୁ ଚାଲିଗଲେ ।

ଏମିତି କୌଣସି ଦିନ ନଆସୁ ଯେଉଁ ମାଆ ପିଲାକୁ ଜନ୍ମ କରିଛନ୍ତି ତାକୁ ଦେଖିବାକୁ ଅପେକ୍ଷା କରିବାକୁ ପଡୁ । ନିଜ ପିଲାର ଖୁସି ପାଇଁ ମାଆଟି ଦିନ ରାତି ପରିଶ୍ରମ କରେ । କିନ୍ତୁ ଆଜିର ସମାଜରେ କିଛି ଏମିତି ଘଟଣା ଘଟୁଛି ଯାହା ସହଜରେ ଗ୍ରହଣ କରିବା ସମ୍ଭବ ନୁହେଁ । ଯେଉଁ ମା ପିଲା କୁ ଛୋଟରୁ ବଡ କରିଥାଏ ସେଇ ପିଲା ମାଆକୁ ବୃଦ୍ଧ ସମୟରେ ଦୁଇ ମୁଠା ଖାଇବାକୁ ବି ଦବା ପାଇଁ ଅସମର୍ଥ ହେଉଛି । ବୋଝ ଭାବିକି ମାଆଙ୍କୁ ବୃଦ୍ଧାଶ୍ରମ ଛାଡିକି ଆସୁଛନ୍ତି । ଏହାଠୁ କଷ୍ଟକର ଜିନିଷ କଣ ହେଇପାରେ । ପିଲା ଯେତେବେଳେ ଛୋଟ ଥାଏ ଗୋଟେ ମା ନିଜର ପିଲା କାନ୍ଦିଲେ ଜାଣିପାରେ ପିଲା କଣ ପାଇଁ କାନ୍ଦୁଛି । କିନ୍ତୁ ସେଇ ପିଲା ବଡ଼ ହେଲା ପରେ ମାଆକୁ ବୃଦ୍ଧାଶ୍ରମରେ ଛାଡ଼ିକି ଆସୁଛନ୍ତି । ମଆଟି କୌଣସି କଥା ପରିପ୍ରକାଶ କରେ ନାହିଁ ନିଜ ପିଲା ଆଗରେ କିନ୍ତୁ ସେଇ ମାଆକୁ କେତେ କଷ୍ଟ ନ ହେଉଥିବ ଯେତେବେଳେ ଗୋଟେ ମା ସ୍ୱପ୍ନ ଦେଖୁଥିବ ନିଜ ପିଲା ବଡ଼ ହବ ବୋଲି ଆଉ ବଡ଼ ହେଇକି ସେଇ ପିଲା ନେଇକି ବୃଦ୍ଧାଶ୍ରମ ଛାଡେ । ଯେତେ ଦିନ ପର୍ଯ୍ୟନ୍ତ ମାଆ ଅଛନ୍ତି ତାଙ୍କୁ ଭଲ ପାଇବା ଦେବାରେ ସମ୍ମାନ ଦେବାରେ କେବେ କମ୍ କରିବା କଥା ନୁହେଁ । ମାଆ ଏମିତି ଜଣେ ମଣିଷ ଯେତେବେଳେ ଏଇ ଦୁନିଆଁରୁ ସେ ଚାଲି ଯାଆନ୍ତି ସେତେବେଳେ ଆଉ ଅନ୍ଧପରି ଭଲ ପାଉଥିବା ମଣିଷ ମିଳିବ କଷ୍ଟ ମାଆ ଅଭାବ ଏମିତି ଗୋଟେ ଅଭାବ ଯାହାକୁ କେବେ ପୂରଣ କରି ହେବା ନାହିଁ ।



♥ ପଟିଆ, ଭୁବନେଶ୍ୱର
(ମୋ) ୯୯୩୮୧୧୩୨୨୬

## କବିତା...

### ।। ଜାଗୃତି ।।

### ● ରାଧାଶ୍ୟାମ ରାଉଳ



କହିବାକୁ ଆଉ ସୁଯୋଗ ମିଳୁଛି କେଉଁଠୁ ଯେ,
ବ୍ୟବସ୍ଥା ଭିତରେ ଥାଇ,
ବ୍ୟବସ୍ଥା ବିରୁଦ୍ଧରେ କହିହେବ ?
କହିଲେ ବି, କୋଉଁ ଫରକ ପଡୁଛି ଯେ,
ବାପରାଣ ଢେଙ୍କି ଗିଳ ଯାଏଁ କଥା ଯିବ !

ଥୋକାଏ ବିଷକୁ ଜାଣି ମଧ ହରଦମ୍ ପିଇ ଚାଲିଛନ୍ତି ବିଷ !
ଅଭ୍ୟାସ ବଳରେ ହୁଏତ ବିଷ ସେମାନଙ୍କ ପାଇଁ
ପାଲଟି ଯାଇପାରେ ପୀୟୂଷ !!

ଦେଖାଶିଖା ନୀତିରେ ଆଉ ଥୋକାଏ
ଭେଳିକିରେ ମାଡି ଗଢ଼ିଚାଲିଛନ୍ତି,
ସ୍ୱପ୍ନର ରଙ୍ଗମହଲ,ପ୍ରେମର ତାଜମହଲ !

ସମୟ ଓ ପରିସ୍ଥିତି କିନ୍ତୁ ଭଲ ନୁହେଁ ଜମାରୁ ।
ବିଷାକ୍ତ ହୋଇଯାଉଛି ମାଟି, ପାଣି, ପବନ, ଆକାଶ,
ସମ୍ପର୍କ, ବିଶ୍ୱାସ, ପ୍ରଶ୍ୱାସ ଓ ନିଃଶ୍ୱାସ !
ଜୀବନରୁ କ୍ରମଶଃ ହଜିଯାଉଛି,
ପରିଚୟ, ମୂଲ୍ୟବୋଧ, ସଂସ୍କାର, ନୀତି ନିୟମ ଓ ଆଦର୍ଶ !

ବାସ୍, ବହୁତ ହୋଇଗଲା, ଆଉ ନୁହେଁ ଓ ଲଗାମହୀନ ବ୍ୟବସ୍ଥାରେ
ଲଗାମ୍ ଲଗେଇବାର ସମୟ ହିଁ ଏବେ ।
ମୁଖା ଖୋଲିଦେବାକୁ ହେବ, ସେଇମାନଙ୍କର,
ଯେଉଁମାନଙ୍କର ନିଜଠାରୁ କାଳେ ଅଧିକ ଚିନ୍ତା
ଦେଶ ଓ ଜାତିର; ସମ୍ମାନ ଓ ସ୍ୱାଭିମାନର !
ଯେଉଁମାନେ ଆଖି ବୁଜିବୁଜି କ୍ଷୀର ପିଇବା ନ୍ୟାୟରେ,

ଖୁଲମଖୁଲା କରିଚାଲିଛନ୍ତି
ଦୁର୍ନୀତି, ଭ୍ରଷ୍ଟାଚାର ଓ କ୍ଷମତାର ଅପବ୍ୟବହାର !
ପୃଷ୍ଠପୋଷକତା ଓ ପ୍ରୋତ୍ସାହନ ଦେଇଚାଲିଛନ୍ତି
ପ୍ରିୟାପ୍ରୀତିତୋଷଣ, ଅନୀତି ଓ ଅବ୍ୟବସ୍ଥାର !

ଗଦେଇ ଚାଲିଛନ୍ତି କୁଢ଼କୁଢ଼ କଳାଧନ,
ଅହଙ୍କାରସର୍ବସ୍ୱ ହୋଇ ନିଜକୁ ଭାବୁଛନ୍ତି, ମାନ୍ୟଗଣ୍ୟ,
ମାନ୍ୟବର, କ୍ଷମତାସୀନ ଓ ସର୍ବଶକ୍ତିମାନ !
ଯେଉଁମାନଙ୍କ ହୁକୁମତିରେ ବିପର୍ଯ୍ୟସ୍ତ ହେଉଛି,
ପ୍ରଶାସନ ଓ ଆଇନକାନୁନ;
ବିପନ୍ନ ହୋଇପଡୁଛି ଦେଶର ଗଣତନ୍ତ୍ର ଓ
କୋଟି କୋଟି ନିରୀହ ସାଧାରଣ ଜନତାଙ୍କର
ତେଲଲୁଣର ସଂସାର ଓ ମେହନତୀ ଜୀବନ !!

♥ 'ଇନ୍ଦ୍ରଧନୁ'
ଡ୍ୟୁପ୍ଲେକ୍ସ: ୧୦ (ବି), ବୀମାବିହାର, ମର୍କତନଗର,
ସେକ୍ଟର: ୬, କଟକ : ୭୫୩୦୧୪
ମୋ:୯୪୩୭୦୯୦୯୮୫

### ।। ଆଖି ।।



### ● ଶରତ କୁମାର ଦାସ

ଏ ଆଖ ଦେଖିଛି ଅନେକ ପାପ
ସହିଛି ଦାରୁଣ କଷଣର ଛାଟ

ଦେଖିଛି ବି ସ୍ପଷ୍ଟ ଦିବାଲୋକରେ
ଧୋବଲା ହାତୀଙ୍କ ଅନ୍ୟାୟ
ଗହମା ଗୋଖରଙ୍କ ଭ୍ରଷ୍ଟାଚାର
ଜିଅନ୍ତା ମଣିଷ ଭିତରେ
ମାଟିଆ ଚିଲଙ୍କ ବସାଣ
ଗରିବି ପେଟରେ
ଗୁଣ୍ଡୁଚି ନାଗଙ୍କ ଶାଣଦିଆ ଚୋଟ
ବିଚ ବଜାରରେ ବେଧଡକ ବୁଲୁଥିବା
ହେଟାଙ୍କ ମୁହଁରେ କଞ୍ଚା ମାଂସ ରକ୍ତ

କେତେବେଳେ ନିଜ ଭିତରେ
ଓଦା କାଠ ଭଳି କୁହୁଳିଚି ତ'
ପୁଣି କେତେବେଳେ ଜଳିଛି
ରଡ଼ ନିଆଁ ଭଳି

ତଥାପି ସେ ପ୍ରତିବାଦ କରିନି
ସବୁ ନ ଦେଖିଲା ଭଳି ଅଭିନୟ କରିଛି
ପତାର ପଲକ ପକେଇ ନିରବି ଯାଇଛି

ପାପକୁ ନିରବରେ ସହିଯିବା ହିଁ ପାପ
ପ୍ରତିବାଦ ନ କରିବା ହିଁ ପାପ
ଯାହା ଏବେ ସେ ବୁଝୁଛି ।

ସେଇଥିପାଇଁ ତ' ଏବେ ତା ଅଲକ୍ଷ୍ୟରେ
କୋରି ହୋଇ ଆସୁଛି
ଅନୁତାପର ଲୁହଭର୍ତ୍ତି ମେଘ

ପଚାରିଲେ କହୁଛି
ଏ ଲୁହ ସେମିତି ବୋହି ଚାଲିଥିବ
ଯେ ପର୍ଯ୍ୟନ୍ତ
ଜୀବନ ତମାମ ଦେଖିଥିବା ପାପର
ନ ଘଟିଛି ଅନ୍ତ ।

♥ ବଇଁଶୀରିଆ, ଯାଜପୁର
ମୋ: ୯୪୩୭୪୨୩୯୮୫

### ।। ଭ୍ରୁଣ ।।



### ● ଅଜୟ ସ୍ୱାଇଁ

ଅନ୍ତିମ ବୋଲି କିଛି ନାହିଁ
ଆମ ଭିତରେ...
ଯେଉଁଠି ମୋର ଶୋକ ଶେଷ
ସେଇଠୁ ଆରମ୍ଭ ତୁମର ଶୋଷ... ।

ତୁମ ଛାଇ ଯେଉଁଠି ଶେଷ
ସେଇଠୁ ଆରମ୍ଭ ମୋ ସାମ୍ରାଜ୍ୟ... ।

ଯେଉଁଠି ଶେଷ ତୁମର ଶବ୍ଦ
ସେଇଠୁ ଆରମ୍ଭ ମୋ କବିତା...

ଯେଉଁଠି ଶେଷ ତୁମର ସମ୍ଭାବନା
ସେଇଠି ମୋ ସିଂହାସନ,
ଅନ୍ତିମ ବୋଲି କିଛି ନାହିଁ
ଆମ ଭିତରେ...
ଖାଲି ଯା ଆମ ଇଚ୍ଛା ଓ ଅହଙ୍କାର
ବେଳକୁ ବେଳ

ରଂଗ ବଦଳେଇ
ମିଶିଯାଏ ମାଟିରେ ।
ଯେଉଁଠୁ ପୁଣି ଆମ ପ୍ରେମର ଭ୍ରୁଣ
ଗଜା ହୋଇପାରେ ।

♥ ଜୟପୁର, ଇଟିପୁର, ଭୁବନେଶ୍ୱର
(ମୋ) :୯୧୭୮୫ ୫୮୫୦୮

### ।। କଣ୍ଟା ।।

### ● କ୍ଷମାନିଧି ଭୋଇ



ତୁମ ଯଦି ଇଚ୍ଛା
କ୍ଷତାକ୍ତ କରିଦିଅ ମୋତେ ବାରମ୍ବାର
ମୋ ଆପାଦମସ୍ତକ
ଝରୁଥାଉ ରକ୍ତ ଝର
ଧୋଇ ଦେଇ ଯକ୍ଷିଞ୍ଚିତ ମୋ ପାପ ସକଳ ।

ତିଳେହେଁ ଦୋଷ ମୁଁ ଦେବିନି ତୁମକୁ
ବରଂ, ଆପଣେଇ ନେବି ନିର୍ବିରୋଧେ
ନୀରବରେ, ତୁମ ତୀକ୍ଷ୍ଣ ଆଘାତ ସମୂହକୁ ।

ଯଦି ତୁମେ ଖୁସି
ମୋ ବେଦନାକୁ ଦେଖି

ମୁଁ କିମ୍ପାଇଁ ଦେବି ବାଧା
ସଂକୁଚିତ ଭାବନା ସାଥେ
ମୋ ଆତ୍ମସ୍ୱାର୍ଥକୁ ଜାବୁଡ଼ି ।

ବରଂ, ମୁଁ ରାସ୍ତା ପରି ଲମ୍ବିଯିବି ଆହୁରି
ମୋ ଜୀବନର ଶେଷ ସରହଦ ପର୍ଯ୍ୟନ୍ତ
ଯନ୍ତ୍ରଣା ଭିତରେ ଖୋଜି ଖୋଜି ଜୀବନାମୃତ ।

♥ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦେଓଗାଁ
ଜି: ବଲାଙ୍ଗିର ( ଓଡ଼ିଶା )
ପିନ୍: ୭୬୭୦୨୯
ମୋ: ୯୪୩୮୨୯୨୯୩୩

### ।। ତୁମେ ଏକ ପ୍ରେମ କବିତା ।।



### ● ସଞ୍ଜୟ ଖେମୁଣ୍ଡୁ

ତୁମେ ଏକ ରସପୂର୍ଣ୍ଣ ପ୍ରେମ କବିତା
ମୋ ଗୋବର ଲିପା ଦାଣ୍ଡରେ ସୁନ୍ଦର
ଝୋଟିଚିତା
ମୋ ବାସ୍ନା ହୀନ ଜୀବନରେ ତୁମେ
ସୁବାସିତ ମଧୁଗନ୍ଧା
ଆଉ ମୋ ସ୍ୱରହୀନ ଗୀତର ତୁମେ
ଚପଳଛନ୍ଦା

ପ୍ରଥମ ଥର ଯେବେ ତୁମକୁ ଦେଖିଲି
ଏ ମନକୁ ଯମୁନା ନଦୀ କୂଳରେ ଛାଡି
ଆସିଲି, ତମ ନାଁ ଶ୍ୟାମଳୀ ବୋଲି
ମୋ ବଗିଚାର ଯେତେ ଥୁଣ୍ଟା ଗଛକୁ
ଉପାଡି ଫିଙ୍ଗିଦେଲି ।

ହଜି ହଜେଇବାର ବେଳରେ
ମୋ ଭିତରେ ମୁଁ ତୁମକୁ ଅହରହ
ଖୋଜିହେଲି
ଭିଜି ଭିଜେଇବାର ବେଳରେ
ମୁଁ ତୁମ ପ୍ରେମର ଛିଟାରେ କାହିଁକି କେଜାଣି
ଏକା ଏକା ଓଦାହେଲି ।

ମୁଁ ଯେତେ ଚେଷ୍ଟା କରେ ତମକୁ
ପାସୋରିଦେବି
ମୋ କବିତା ତମକୁ

ସେତେ ଅହରହ ଝୁରି ହୁଏ
ତାହାର ପ୍ରତିଟି ପଂକ୍ତିରେ
ତୁମ ସୁରଭି ଛୁଟେ
ତୁମରି ସାନିଧ ପାଇ ସେ କୃତକୃତ୍ୟ ହୁଏ ।


ହଁ ତୁମେ ଏକ ମନଛୁଆଁ ପ୍ରେମ କବିତା
ମୁଁ ଦୁବଘାସ ଆଉ ତୁମେ କାକର ମୁକ୍ତା
ମୋ ଅନ୍ଧାରୀ ଘରେ ତମେ ଉଜ୍ଜଳ
ଦୀପଶିଖା
ତୁମେ ଆଜି ଯାଏଁ ଖୋଜା ହେଉଥିବା ମୋ
ସ୍ୱପ୍ନର ନାୟିକା ।

♥ ସ୍ନାତକୋତ୍ତର ଛାତ୍ର
ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଜୟପୁର
(ମୋ) ୭୮୫୪୦୧୦୫୧୯

# ସମ୍ମାନ ସମ୍ବର୍ଦ୍ଧନା ପାଇଁ ଥରେ ସ୍ୱାଭିମାନ କ୍ଷୁର୍ଣ୍ଣ ହେଲେ ପ୍ରତିଭାର ଅପମୃତ୍ୟୁ ହୁଏ : ଡ. ବାସନ୍ତୀ ମହାନ୍ତି

**ଡ. ବାସନ୍ତୀ ମହାନ୍ତି, ଓଡଆ ସାହିତ୍ୟ ଜଗତରେ ଗୋଟେ ସ୍ୱଷ୍ଟ ପଦଚିହ୍ନ । ପ୍ରଜ୍ଞା, ପ୍ରତିଭା ଓ ମାନବବାଦର ଅନବଦ୍ୟ ସ୍ରଷ୍ଟା ଭାବରେ ସେ ନିଜ ପାଇଁ ତିଆରି କରିସାରିଛନ୍ତି ଯେଉଁ ପରିଚୟର ବଳୟ, ତାହା ତାଙ୍କୁ ଚିହ୍ନିତ କରାଏ ଜଣେ ଅନନ୍ୟ ସୃଜନଶୀଳ ମଣିଷ ଭାବରେ । ସେ ଗୋଟେଇ ପାରନ୍ତି ଅନୁଭୂତିର ଉପଲକ୍ଷ୍ମ, ସେ ଶବ୍ଦରେ ସଜାଡି ପାରନ୍ତି ଅନୁଭବର ଅନୁରାଗକୁ । ଜୀବନବୋଧ ସହ ବାସ୍ତବତାର ନିରୋଳା ଭାବୋଚ୍ଛ୍ୱାସରେ ତାଙ୍କ ଶବ୍ଦ ସବୁ ପାଲଟି ଯାଆନ୍ତି ଇତିହାସ । ତାଙ୍କ ସହ ଏଥରର ଆଳାପ...**

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?**

■■ କିଛି ଲେଖିବା ଆଗରୁ ମୌଖିକ ଭାବରେ ମୋର ସୃଜନ ପ୍ରକ୍ରିୟା ପରିପ୍ରକାଶ ହୋଇ ସାରିଥିଲା ବୋଲି ମୁଁ ଅନୁଭବ କରୁଛି । ଖୁବ୍ ସାନବେଳୁ ମୋ ଦରୋଟି ଓଠରେ ମୁଁ ଗପ କହିବା ଆରମ୍ଭ କରିଦେଇଥିଲି । ପ୍ରତିଦିନ ସଂଧ୍ୟା ବେଳେ ଆମ ଉଚ୍ଚ ଦାଣ୍ଡପିଣ୍ଡାରେ ମୁଁ ବସୁଥିଲି । ମୋ ଚାରିପଟେ ପିଲାଠାରୁ ବୁଢା ପର୍ଯ୍ୟନ୍ତ ବେଢିକରି ବସୁଥିଲେ । ସେମାନଙ୍କ ମନ ତୃପ୍ତ ହେବା ପର୍ଯ୍ୟନ୍ତ ମୁଁ ଗପ କହିଚାଲୁଥିଲି । ଗପ ଅଧାରୁ ମନେ ନ ପଡିଲେ ମୁଁ କେତେବେଳେ ମନରୁ ଫାନ୍ଦି ପୂରଣ କରି ଦେଉଥିଲି ତ ଆଉ କେତେବେଳେ ପୁରା ଗପଟିଏ ବି ମନରୁ ଗଢି କହି ଦେଉଥିଲି ଏମିତିରେ ମୋର ସୃଜନ ସ୍ଫୁରଣ ହୋଇ ସାରିଥିଲା ବୋଲି କହିଲେ ଭୁଲ୍ ହେବ ନାହିଁ । ମୁଁ ପଞ୍ଚମରେ ପଢୁଥିବା ସମୟରେ ବାପାଙ୍କ କହିବା ଅନୁସାରେ ମୁଁ ତାଙ୍କୁ ଭଜନଟିଏ ଲେଖି ଦେଖେଇ ଥିଲି । ସେଇଟା ମୋର ପ୍ରଥମ ଲିଖିତ ସୃଜନ । 'ବଢିଆ ଲେଖୁଚୁ ଆହୁରି ଲେଖେ' ବୋଲି ବାପା କହିଥିଲେ । ଏହାପରେ କାଉ ବଣି ଗାଈ ଆଦିଙ୍କୁ ନେଇ କେତୋଟି କବିତା ଲେଖିଥିଲି । ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଆମ ସ୍କୁଲରୁ ବାହାରୁଥିବା ହାତ ଲେଖା ପତ୍ରିକା 'ମରୁ ଝରଣା'ରେ ପ୍ରକାଶ ପାଇଁ ନିମାଇଁ ସାର୍ (ବ୍ରଜ କିଶୋର ଦାସ) ମୋତେ ଲେଖାଟିଏ ମାଗିଥିଲେ । ମୁଁ ବଉଳା ଗାଈ ଉପାଖ୍ୟାନ ଉପରେ କବିତାଟିଏ ଲେଖି ସାର୍‌ଙ୍କୁ ଦେଇଥିଲି । ମୋ ବୟସ ତୁଳନାରେ ଲେଖାଟି ଏତେ ଉଚ୍ଚମାନର ହୋଇଥିଲା ଯେ ସଂପାଦନା ମଣ୍ଡଳୀର ଅନ୍ୟ ସାର୍ ମାନେ କବିତାଟି ଯେ ମୋ ଲେଖା ଏଥିରେ ସନ୍ଦେହ ପ୍ରକଟ କଲେ । କିନ୍ତୁ ନିମାଇଁ ସାର୍ ଯୁକ୍ତି ଉପସ୍ଥାପନ କରି କବିତାଟି ଯେ ମୋର ତାହା ସାବ୍ୟସ୍ତ କରିଥିଲେ ଓ ମରୁ ଝରଣାରେ ସ୍ଥାନ ଦେଇ ଥିଲେ । ପତ୍ରିକାର ପ୍ରଥମ କବିତାଟିଥିଲା ମୋ କବିତା । ନବମ ଶ୍ରେଣୀରେ ପଢୁଥିବା ବେଳେ ସେ ସମୟର ବହୁ ଚର୍ଚ୍ଚିତ ଶିଶୁ ସାହିତ୍ୟ ପତ୍ରିକା ମନ ପବନରେ ମୋ କବିତା ମୋ ଗାଁର ଟିକି ନଈଟି ପ୍ରକାଶିତ ହୋଇଥିଲା । ଖୁବ୍ ଉତ୍ସାହିତ ହୋଇଥିଲି । ତା' ପରଠାରୁ ଆଜି ପର୍ଯ୍ୟନ୍ତ ମୋ ସୃଜନ ଶୁଷ୍କ ହୋଇନାହିଁ ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ଲେଖାଲେଖି ପାଇଁ ବାହ୍ୟ ପ୍ରେରଣା ଅପେକ୍ଷା ମୁଁ ବେଶି ବେଶି ଅନ୍ତଃ ପ୍ରେରଣା ଅନୁଭବ କରେ । ନ ଲେଖିଲେ ମୁଁ ବିଚଳିତ ହୋଇ ପଡେ । ମୋ ଭିତରେ ଯେପରି କୌଣସି ଅଦୃଶ୍ୟ ଶକ୍ତି ମୋତେ ଲେଖିବାପାଇଁ ଅହରହ ତାଡନା କରୁଛି, ମୁଁ ସେମିତି ଅନୁଭବ କରେ । ସେହି ଅଦୃଶ୍ୟ ଶକ୍ତିଙ୍କୁ ମୁଁ ମୋର ଆଦ୍ୟ ଗୁରୁ ବୋଲି କହିବି । ଯିଏ ଶୈଶବରୁ ମୋର ଅଧୁରା ଗପ ପୂରଣ କରି ଦେଉଥିଲା । ମୋ ଗ୍ରାମ୍ୟ ଶ୍ରୋତାମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ନୂଆ ନୂଆ ଗପ ମୋ ମନ ଭିତରେ ଗଢି ଦେଉଥିଲା ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ କି ?**

■■ ଏବେ ତ ଆମ ସମାଜ କେବଳ ସମସ୍ୟାର ବାରୁଦ ଗଦାରେ ହିଁ ବସିଛି । କେତେବେଳେ କୋଉ ସମସ୍ୟା ସମାଜର କି ପ୍ରକାର କ୍ଷତି ସାଧନ କରି ବସିବ ତା'ର ଇୟତ୍ତା ନାହିଁ । ମାନବିକ ମୂଲ୍ୟବୋଧର ଅବକ୍ଷୟ ସବୁଠାରୁ ବଳି ବଡ଼ ସମସ୍ୟା । ମଣିଷର ଲୋଭ ପାଇଁ ପ୍ରକୃତି ଧ୍ୱଂସ ପାଉଛି । ମଣିଷର ଆସୁରିକ ଚେତନା ବୃଦ୍ଧି ପାଇବା ହେତୁ ହିଂସାବାଦ ବଢୁଛି । ନାରୀ ଅସୁରକ୍ଷିତ । ବାର୍ଦ୍ଧକ୍ୟ ଅବହେଳିତ । ଶୈଶବ ବିଡ଼ମ୍ବିତ । ଧର୍ମ ନାମରେ ଧର୍ମାନ୍ଧତା । ରାଜନୀତିରେ ପ୍ରହସନ । ଶିକ୍ଷା କ୍ଷେତ୍ରରେ ଲକ୍ଷ୍ମୀଙ୍କ ଅନୁପ୍ରବେଶ । ବ୍ୟୟବହୁଳ ସ୍ୱାସ୍ଥ୍ୟ ସେବା । ଏମିତ ଆହୁରି ଅନେକ । କେଉଁ ସମସ୍ୟାକୁ ବାଦ୍ ଦେଇ କାହା ଉପରେ ଗୁରୁତ୍ୱ ଦେବା ? ମଣିଷ ପଣିଆର ଅପମୃତ୍ୟୁ ହିଁ ଏହି ସମସ୍ୟାର ମୂଳ ବୀଜ । ମଣିଷ ମଣିଷକୁ ଭଲ ପାଇଲେ ଜାତିଧର୍ମ ବର୍ଣ୍ଣକୁ ନେଇ ଯେତେ ସବୁ ଅଘଟଣ ଘଟୁଛି ତାହା ଅଚିରେ ଦୂର ହେଇଯାଆନ୍ତା । ସଭ୍ୟତା ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସବୁ ଘଟଣ ଅଘଟଣ ସତ୍ତ୍ୱେ ସମାଜ ଯଦି ତଥାପି ସନ୍ତୁଳିତ ହୋଇ ରହିଛି ତେବେ ତାହା ସାହିତ୍ୟର ଆଶୀର୍ବାଦରୁ । ରାମାୟଣର ମହାଭାରତର ଆଦର୍ଶ ଚରିତ୍ର ମାନେ ଏବେ ମଧ୍ୟ ଆମ ସାମାଜିକ ଜୀବନର ମାର୍ଗଦର୍ଶକ ହୋଇ ରହିଛନ୍ତି । ରାମ ସୀତା ସାବିତ୍ରୀ ଯୁଧିଷ୍ଠିର ଶ୍ରୀକୃଷ୍ଣ ଭୀଷ୍ମ କର୍ଣ୍ଣଙ୍କ ପରି ଚରିତ୍ର ମାନେ ଆମ ପଥ ହୁଡା ସମାଜ ଓ ଜୀବନ ପାଇଁ ଆଲୋକର ଏକ ଏକ ବର୍ତ୍ତିକା ସଦୃଶ ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖା ଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**

■■ ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖାଯାଉଛି ପରିବର୍ତ୍ତେ ପ୍ରକାଶ ପାଉଛି କହିଲେ ବୋଧହୁଏ ଠିକ୍ ହେବ । ଲୋକ ସଂଖ୍ୟା ଅନୁପାତରେ ପୂର୍ବେ ଯେତେ ସବୁ ଲେଖା ହେଉଥିଲା ତା'ର ଦଶ ପ୍ରତିଶତ ଲେଖା ମଧ୍ୟ ବାହାରକୁ ଆସି ପାରୁନଥିଲା । ଏବେ କିନ୍ତୁ ଯେତେ ଲେଖା ହେଉଛି ତାର ନବେ ପ୍ରତିଶତ ଲେଖା ଛପା ହେଉଛି । ଲେଖିବା ପୂର୍ବରୁ ଛାପିବା କଥା ଚିନ୍ତା କରୁଛନ୍ତି ଲେଖକ । ସେତେବେଳେ ଲେଖିବା କାର୍ଯ୍ୟକୁ ଏକ ସାଧନା ରୂପେ ଗ୍ରହଣ କରାଯାଉଥିଲା । ଏବେ କିନ୍ତୁ ପ୍ରତିଭା ଥାଉ କି ନ ଥାଉ ପରିଚିତି ସଙ୍କଟ ଆଶଙ୍କାରେ ବହି ଲେଖା ହେଉଛି । ଛପା ହେଉଛି । ଆଉ ରହିଲା ପାଠକଙ୍କ ସଂଖ୍ୟା କଥା । ସାରଳା ଦାସଙ୍କ ମହାଭାରତ ଓ ଜଗନ୍ନାଥ ଦାସଙ୍କ ଶ୍ରୀମତ୍ ଭାଗବତକୁ ଛାଡ଼ିଦେଲେ ସବୁ ଯୁଗରେ ଲୋକସଂଖ୍ୟାର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଲୋକ ପଢ଼ିବାର ଆଗ୍ରହ ରଖି ଥାଆନ୍ତି । ସବୁ ମଣିଷର ପଠନ ତୃଷ୍ଣା ନଥାଏ । ଏବେ ମଧ୍ୟ ଅନେକ ପାଠକ ବହିଖଣ୍ଡେ ପାଇଁ ପାଗଳ ପ୍ରାୟ ହେବାର ମୁଁ ଦେଖିଛି । ସେମାନେ ଖୁବ୍ ପଢନ୍ତି । ଏହି ପଠନ ତୃଷ୍ଣା ପାଇଁ ଆଜି ଯେଉଁ ମାନର ବହି ବାହାରକୁ ଆସୁଛି ସବୁଗୁଡିକ ପଠନ ତୃଷ୍ଣା ଚରିତାର୍ଥ କରି ପାରୁନାହାଁନ୍ତି । ଏ କଥା ସତ୍ୟ ଯେ ପାଠକଙ୍କ ସଂଖ୍ୟା ଯେତେ ସଂଖ୍ୟକ ଥିଲେ ଏବେ ସୁଦ୍ଧା ସେହି ସଂଖ୍ୟକ ଅଛନ୍ତି । କିନ୍ତୁ ଅନେକ ପାଠକ ସେମାନଙ୍କ ପଠନ ତୃଷ୍ଣା ବିଦ୍ୟୁତ ଯାନ୍ତ୍ରିକ ମାଧ୍ୟମରେ ଚରିତାର୍ଥ କରୁଛନ୍ତି । ଅବଶ୍ୟ ମୋବାଇଲ ମନସ୍କ ପାଠକଙ୍କୁ ବହି ମନସ୍କ କରିବା ଏତେ ସହଜ ସାଧ୍ୟ ନୁହେଁ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବକି ?**

■■ ମୁଁ ତ ଭାବୁନାହିଁ ମାତୃଭାଷା ସଂକଟରେ ଅଛି । ବିଶ୍ୱରେ ଛଅ ହଜାର ପାଞ୍ଚଶହରୁ ଉର୍ଦ୍ଧ୍ୱ ଭାଷା ଭିତରେ ଓଡ଼ିଆ ତେତିଶ ନମ୍ବରରେ ଅଛି । ଏହା କ'ଣ କମ୍ ବଡ଼ ଉପଲବ୍ଧି ଆମ ପାଇଁ ? ଶହେ ଦେଢ଼ଶହ ବର୍ଷ ତଳେ ଯେଉଁ ଭାଷାକୁ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ତାହାର ଅସ୍ତିତ୍ୱ ଲୋପ କରିଦେବା ପାଇଁ ଚକ୍ରାନ୍ତ ଚାଲିଥିଲା ସେହି ଭାଷା ଏବେ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ହେଉଛି । ତେବେ ସୁଦ୍ଧା ଆପଣ କହିବେ ଆମ ମାତୃଭାଷା ସଂକଟରେ ? ଭାଷାର ରକ୍ଷଣଶୀଳତା ହେତୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇ ନାହିଁ ? ବିଭିନ୍ନ ପ୍ରକାର ଭାଷାକୁ ଅନ୍ତର୍ଗର୍ଭିତ କରି ସୁଦ୍ଧା ସେଥିରେ ମୌଳିକତା ରକ୍ଷା କରିବା କେବଳ ଆମ ମାତୃଭାଷାରେ ହିଁ ସମ୍ଭବ । ଏଥିପାଇଁ ସାହିତ୍ୟ ହିଁ ମୁଖ୍ୟ ଭୂମିକା ଗ୍ରହଣ କରିପାରିବ । ସାହିତ୍ୟିକମାନେ କ୍ରମଶଃ ଲୁପ୍ତ ହୋଇ ଯାଉଥିବା ପ୍ରାଚୀନ ଶବ୍ଦ, ଢଗଢମାଳି, ଲୋକ ଗୀତ, ଲୋକ କଥା ସ୍ଥାନୀୟ ବୋଲି ପ୍ରଭୃତିକୁ ସେମାନଙ୍କ ସୃଷ୍ଟିରେ ସ୍ଥାନ ଦେଲେ ସେଗୁଡିକ ବି ରହିବ । ଭାଷା ସମୃଦ୍ଧ ହେବ । ଆସନ୍ତା ପିଢ଼ି ପାଇଁ ତାହା ଅମୂଲ୍ୟ ସମ୍ପଦ ହୋଇ ରହିବ ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି, ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ଏବେ ସମାଜର ଅବ୍ୟବସ୍ଥାରେ ବୁଦ୍ଧିଜୀବୀମାନେ ଚିନ୍ତିତ ହୋଇ ପଡୁଛନ୍ତି । ସାମାଜିକ ବିପ୍ଳବ ଅସିରେ ନୁହେଁ ମସିରେ ହିଁ ସମ୍ଭବ ହୁଏ । ଅତୀତରେ ଯେତେ ସବୁ ସାମାଜିକ ପରିବର୍ତ୍ତନ ହୋଇଆସିଛି ସେଥିରେ ସାହିତ୍ୟିକମାନଙ୍କର ଲେଖନୀ ପ୍ରଥମେ ଭିତ୍ତିଭୂମି ପ୍ରସ୍ତୁତ କରିଥାଏ । ଏଥିପାଇଁ ସାହିତ୍ୟିକମାନେ ନିଷ୍ପକ୍ଷ ନିର୍ଭୀକ ଓ ସତ୍ୟସନ୍ଧ ହେବା ଜରୁରୀ । ସାହିତ୍ୟିକ ସ୍ୱାର୍ଥ ସର୍ବସ୍ୱ ହେଲେ ସାହିତ୍ୟ ଲକ୍ଷ୍ୟଭ୍ରଷ୍ଟ ହୁଏ । ସଂପ୍ରତି ଆମ ସାହିତ୍ୟରେ ଏହି ସଂକଟ ସୃଷ୍ଟି ହୋଇଛି । ପୁରସ୍କାର ସମ୍ମାନ ସମ୍ବର୍ଦ୍ଧନା ମୋହରେ ବ୍ୟବସ୍ଥାର ସକଳ ଅବ୍ୟବସ୍ଥା ପ୍ରତି ସାହିତ୍ୟିକମାନେ ଉଦାସ ରହୁଛନ୍ତି । ଏହି ସାରସ୍ୱତ ସଙ୍କଟ ଦୂରୀକରଣ ପାଇଁ ଆଶା ରଖିବା, ସାହିତ୍ୟିକମାନେ ସେମାନଙ୍କ କ୍ରାନ୍ତଦର୍ଶୀ ସଂଜ୍ଞାକୁ ସାର୍ଥକ କରନ୍ତୁ । ସାମାଜିକ ବିପ୍ଳବ ସୃଷ୍ଟି କରି ଏକ ରୂପାନ୍ତରିତ ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତୁ ।

■ **ଓଡିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?**

■■ ଓଡିଆ ସାହିତ୍ୟ ପ୍ରାନ୍ତୀୟ ହେଉ, ସର୍ବଭାରତୀୟ ହେଉ କି ବିଶ୍ୱସ୍ତରୀୟ ତା'ର ସ୍ଥିତି ଯଥେଷ୍ଟ ବଜାୟ ରଖିଛି । ସ୍ୱଳ୍ପ ସଂଖ୍ୟକ ହେଉପଛେ ଗଳ୍ପ କ୍ଷେତ୍ରରେ ତ ଅନ୍ୟ ଯେ କୌଣସି ସାହିତ୍ୟକୁ ଆହ୍ୱାନ ଦେବାର ସାମର୍ଥ୍ୟ ରଖିଛି । ନୂଆ ପିଢ ଚମତ୍କାର ଗଳ୍ପ ଓ କବିତାମାନ ରଚନା କରୁଛନ୍ତି । ବିଷୟବସ୍ତୁ ହେଉ କି ପ୍ରକାଶ ଭଙ୍ଗୀ ପ୍ରବୀଣ ମାନଙ୍କୁ ଅତିକ୍ରମୀ ଯିବାର ସକଳ ସାମର୍ଥ୍ୟ ସେମାନଙ୍କ ପାଖରେ ରହିଛି । ତେବେ ଆଶଙ୍କା କାହିଁକି ? ଏମାନଙ୍କ ହାତରେ ଓଡ଼ିଆ ସାହିତ୍ୟ ଅନ୍ତତଃ ଆଉ ଗୋଟିଏ ପିଢ଼ି ପର୍ଯ୍ୟନ୍ତ ସୁରକ୍ଷିତ ଏ ବିଷୟରେ ମୁଁ ଖୁବ୍ ଆଶାବାଦୀ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଲେଖକ ଜୀବନରେ ପୁରସ୍କାରର ଭୂମିକା ନିଶ୍ଚୟ ରହିଛି । ତାହା ତା'ର ସୃଜନ କର୍ମକୁ ସ୍ୱୀକୃତି ଦିଏ । ତା'ର ଆତ୍ମବିଶ୍ୱାସ ଦୃଢ଼ କରେ । କିନ୍ତୁ ଏହା ତା'ର ଅଜ୍ଞାତସାରରେ ସ୍ୱାଭାବିକ ଭାବେ ତା ପାଖକୁ ଏ ସମ୍ମାନ ସ୍ୱୀକୃତି ଆସିବା ଏକ ସୁସ୍ଥ ପରମ୍ପରା । ସ୍ୱପ୍ରଚେଷ୍ଟାରେ ନୁହେଁ, କୌଣସି ବ୍ୟକ୍ତି କିମ୍ବା ସଂସ୍ଥାକୁ ପ୍ରଭାବିତ କରି ନୁହେଁ । ବେଳେବେଳେ ସାମାଜିକ ସ୍ୱୀକୃତି ନମିଳିଲେ ଲେଖକ ଅଭିମାନରେ କଲମ ଛାଡ଼ି ଦେବାର ଦୃଷ୍ଟାନ୍ତ ମଧ୍ୟ ରହିଛି । ପ୍ରକୃତରେ ସାହିତ୍ୟିକଟିଏ ପାଇଁ ପୁରସ୍କାର କିମ୍ବା ସମ୍ମାନ ସମ୍ବର୍ଦ୍ଧନା ନୁହେଁ ପାଠକୀୟ ଶ୍ରଦ୍ଧା ହିଁ ତା'ର ସର୍ବଶ୍ରେଷ୍ଠ ସ୍ୱୀକୃତି । କିନ୍ତୁ ସବୁ ଲେଖକ ଏହି ସ୍ତର ପର୍ଯ୍ୟନ୍ତ ଉତ୍ତୀର୍ଣ୍ଣ ହୋଇ ପାରନ୍ତି ନାହିଁ । ସେଥିପାଇଁ ସେମାନେ ପୁରସ୍କାରରଙ୍କ ହୋଇ ପଡନ୍ତି । ସେଥିପାଇଁ କଳ ବଳ ଓ କୌଶଳ ଲଗାଇ ଦିଅନ୍ତି । ଫଳରେ ପ୍ରକୃତ ପ୍ରତିଭା ପ୍ରତି ଅନ୍ୟାୟ ହୁଏ ପୁରସ୍କାର ପାଇଁ କେହି ଲାଳାୟିତ ନ ହୁଅନ୍ତୁ । ପାଠକ ଅନ୍ତରରେ ନିଜ ଲେଖା ମାଧ୍ୟମରେ ସୂଚ୍ୟଗ୍ରେ ସ୍ଥାନ ଅଧିକାର କରି ପାରିଲେ ତାହା ହିଁ ଲେଖକଟିର ସର୍ବଶ୍ରେଷ୍ଠ ପ୍ରାପ୍ତି । ଏହି ମହତ୍ ଉପଲବ୍ଧି ସମସ୍ତଙ୍କର ହେଉ । ସମ୍ମାନ ସମ୍ବର୍ଦ୍ଧନା ପାଇଁ ଥରେ ସ୍ୱାଭିମାନ କ୍ଷୁର୍ଣ୍ଣ ହେଲେ ପ୍ରତିଭାର ଅପମୃତ୍ୟୁ ହୁଏ । ଏହି ବାର୍ତ୍ତା ଟି ସମସ୍ତଙ୍କ ପାଖକୁ ଯାଉ ବୋଲି ମୁଁ ଚାହିଁବି । ♥♥

---

■ **ଅଳ୍ପରେ ଡକ୍ଟର ବାସନ୍ତୀ ମହାନ୍ତି**

ଜନ୍ମ : ୧୭ ଜାନୁଆରୀ ୧୯୬୦
ଜନ୍ମସ୍ଥାନ : ଆନ୍ଦୁଳି, କେନ୍ଦ୍ରାପଡା
ବର୍ତ୍ତମାନ ଠିକଣା :
ଏମାରେଲଡ ଆପାର୍ଟମେଣ୍ଟ ସି / ୨୧୩
ଲକ୍ଷ୍ମୀ ସାଗର । ଭୁବନେଶ୍ୱର --୬
ମୋ ୯୪୩୭୦ ୩୩୦୭୪
ପିତା : ୰ ବାଉରୀବନ୍ଧୁ ମହାନ୍ତି
ମାତା : ୰ ଶୈଳବାଳା ମହାନ୍ତି



■ **ପ୍ରକାଶିତ ପୁସ୍ତକ** ■ :

**ଗଳ୍ପ**
୧- ରାଜଜେମା, ବିଲେଇ ଓ ଜୁଲି ପ୍ରସଙ୍ଗ
୨- ପିତୃଋଣ
୩- ସୁଲିଅପାର ଭାତୁଡି
୪- ଅଭିଯୁକ୍ତା
୫- ମାଆ
୬ - ନିର୍ବାଚିତ ଗଳ୍ପ
୭- କୁନ୍ତୀ
୮ - ଗୀତ କୁଡିଆଣୀ
୯- ହାତ ପାପୁଲିରେ
୧୦- ଡଙ୍ଗରକନ୍ୟା
୧୧- ଉତ୍ତରଣ
୧୨ - ଆମ୍ବଗଛର ଛାଇ

**ପ୍ରବନ୍ଧ**
୧- ପ୍ରଗତି ଓ ପରମ୍ପରା
୨- ଦୃଷ୍ଟି ଓ ଦିଗନ୍ତ
୩- ପ୍ରଳୟ ପରର ଜୀବନ
୪- ନାରୀ ନୀତି ନିୟତି
୫- ଭୋକ ବିଳାସ
୬ - ଆ ଏତିହ୍ୟ ଆମ ଅସ୍ମିତା

**ଉପନ୍ୟାସ**
୧- ଦୂର ଆକାଶର ତାରା
୨- ନିସଙ୍ଗ ଯୋଦ୍ଧା
ଆଦି ସର୍ବମୋଟ ୪୨ଟି ପୁସ୍ତକ

---



ସୁଖୀ ପରିବାର : ସ୍ୱାମୀ ଓ ପୁତ୍ରଙ୍କ ସହ ଡ. ବାସନ୍ତୀ ମହାନ୍ତି ...



ସମ୍ବର୍ଦ୍ଧିତ ହେବାର ବିରଳ ମୁହୂର୍ତ୍ତ ।



ଏକ ସାହିତ୍ୟ ସଭାରେ କଥାକାର ଡ. ବାସନ୍ତୀ ମହାନ୍ତି ।



ବିଜୟ ପ୍ରଧାନ

ଭଲକି ରାସ୍ତାଘାଟ ନଥିବା ମଫସଲ ଗାଁର ଚାଷୀ ପିଲାଟେ ମୋ ଗପ ପଢି ଭେଟିବାକୁ ଆସିଛି ଜାଣି ମନେମନେ ଖୁସି ହେଲେ ବି ତା'କଥା ମୋତେ କାହାଣୀ ପରି ଲାଗିଲା । ସେଦିନ ତା'ଘରକୁ ଯିବାକୁ ଡାକିଲା । ମାତ୍ର ମୁଁ ଅକ୍ଷମତା ପ୍ରକାଶ କରିବାରୁ ମୋତେ ଅପେକ୍ଷା କରିବାକୁ କହି, ଘରକୁ ଯାଇ ବସ୍ତାଏ ଗୁଡ କାନ୍ଧେଇକି ଫେରି ଆସିଲା । ମୁଁ ଆଶ୍ଚର୍ଯ୍ୟ ହେଲି । ଆତଙ୍କିତ ବି ଓ ଗୁଡ ନେବାକୁ ମନାକଲି । ନିର୍ବାଚନ କାର୍ଯ୍ୟରେ ଆସିଛି । ପୁଣି ପୋଲିସ୍ ପୋଷାକରେ ଅଛି । ଲୋକେ କଣ ଭାବିବେ ?

## ପ୍ରିୟ ପାଠକ-୧୪

# ଆମେ ସାହିତ୍ୟିକମାନେ ପ୍ରଶଂସା ପ୍ରିୟ

ପ୍ରିୟ ପାଠକ ପ୍ରସଂଗ ଉଠିଲେ ମନେପଡ଼େ ୨୦୦୭-୦୮ ମସିହା ବେଳର କଥା ପଂଚାୟତ ନିର୍ବାଚନ ପାଇଁ ମୋବାଇଲ୍ ପେଟ୍ରୋଲିଂ ଡ୍ୟୁଟି କରୁଥାଏ କଳାହାଣ୍ଡିର କେଗାଁ ଥାନା ଏରିଆରେ । ମୋ ଭାଗରେ ଯେତୋଟି ବୁଥ୍ ଥିଲା, ସନ୍ଧ୍ୟା ସୁଦ୍ଧା ସେସବୁ ବୁଥର ମତଦାନ କାମ ସରିଗଲା କେବଳ କାନ୍ଦୁଲଝରର ବୁଥକୁ ଛାଡି। ସେଠି ମତଦାତା ଅଧିକ ଥିବା ବେଳେ ପ୍ରିଜାଇଡିଂ ଅଫିସର ଟିକେ ମଠୁଆ ତଥା ସନ୍ଦେହି ପ୍ରକୃତିର । ଖାସ୍ ତାଙ୍କରି ଯୋଗୁଁ ମତଦାନରେ ବିଳମ୍ବ ହେଲା ଏବଂ ନିର୍ବାଚିତ ସମୟ ପରେ ମଧ୍ୟ ଆହୁରି ପ୍ରାୟ ଦେଢ ଶହ ଲୋକ ଅପେକ୍ଷା କରିଥାନ୍ତି ଭୋଟ ଦେବା ପାଇଁ ।

ସନ୍ଧ୍ୟା ସାତଟା ସୁଦ୍ଧା ଅନ୍ୟ ସବୁ ବୁଥ୍ ପାର୍ଟିକୁ ଜିଲ୍ଲା ସଦର ମହକୁମାକୁ ବାଟୋଇ ଦେଇ କାନ୍ଦୁଲଝରରେ ମୁଁ ପହଂଚିଲା ବେଳକୁ ନିର୍ବାଚନ ଦାୟିତ୍ୱରେ ଥିବା ଅନେକ ପଦସ୍ଥ କର୍ମଚାରୀ ଆସି ସେଠି ରୁଣ୍ଡ ହେଇସାରିଥାନ୍ତି । ମାତ୍ର ଧାଡିରେ ଠିଆ ହୋଇଥିବା ଶେଷ ଲୋକଟି ନିଜ ମତଦାନ ସାବ୍ୟସ୍ତ କରି ନସାରିବା ଯାଏଁ ଆମେ କେବଳ ଅପେକ୍ଷା କରିବା ଭିନ୍ନ ଅନ୍ୟ ଚାରା ନଥିଲା । ପାଟି ଖୋଲିବାକୁ ଯୁ' ନାହିଁ । ଗାଁଟା ସାରା ଗୋଟେ ରାଷ୍ଟ୍ରୀୟ ଦଳର ଅନ୍ଧ ଅନୁଗାମୀ । ସଭିଙ୍କ ଭିତରେ ଏକତା ଅଛି।

ଅପେକ୍ଷା କରିକରି ବିରକ୍ତ ଲାଗୁଥାଏ । ମାଟି ମୋରମର ରାସ୍ତାରେ ପୁଣି ଖୋଲା ଜିପରେ ଦିନସାରା ବୁଲିବୁଲି ଧୂଳିରେ ଆମେ ପୋତି ହେଇ ସାରିଥାଉ । ଦେହର ମାଟିଆ ପୋଷାକ ଆହୁରି ମାଟିଆ ହେବା ସହ ଆଖି, ନାକ, ପାଟି ସବୁରେ ଧୂଳି ଭର୍ତ୍ତି ହେଇଥାଏ । କେମିତି ଯାଇ ଗାଧୋଇ ପଡିଲେ ଟିକେ ଶାନ୍ତି ଲାଗନ୍ତା କି କଣ । ମାତ୍ର ରାତି ସାଢେ ଆଠ ହେଲା ତଥାପି ଭୋଟଦାନ ଚାଲିଛି ଏବଂ ରାସ୍ତାରେ ଲୋକ ହାଉଯାଉ ହେଉଛନ୍ତି ।

ଚାକିରୀ ଜୀବନରେ ସେହି ଦିନଟି ଥିଲା ମୋ ପାଇଁ ସବୁଠୁ ବଡ଼ ବିରକ୍ତିକର ଦିନ । ରିଭଲଭର୍ ଏବଂ ୧୮ ରାଉଣ୍ଡ ଗୁଳିକୁ ଅଣ୍ଟାରେ ବୋହି ବୋହି ଦେହ କ୍ଲାନ୍ତହେଲା ବେଳକୁ ମୋ ବୋତଲର ପାଣି ସରିଯାଇଥାଏ । ପକେଟରୁ ସିଗ୍ରେଟ୍ ସରିଯାଇଥାଏ । ସେହି ଗାଁରେ ଦୋକାନ ଥିଲେ ବି ତା'ଠି ସିଗ୍ରେଟ୍ କି ବିଡ଼ି ନଥିଲା । ପାଣି ବୋତଲ ତ ସ୍ୱପ୍ନ। ଶେଷ ସିଗ୍ରେଟ୍କୁ କଳେ ଲେଖା ଟାଣି, ଦି ଥର ଲିଭେଇକି ରଖୁଥାଏଁ ଭବିଷ୍ୟତ ପାଇଁ । କିନ୍ତୁ ରାତି ନଅଟା ବେଳକୁ ଭୋକ, ଶୋଷରେ ଅତିଷ୍ଠ ହୋଇ ବୁଥ୍ ନିକଟରୁ ଫେରି ଆସିଲି ଜିପ୍ ନିକଟକୁ ଏବଂ ଅବଶିଷ୍ଟ ରାତ୍ରିର ଅବସାଦକୁ ପ୍ରତିହତ କରିବା ପାଇଁ ସାଇତି ରଖିଥିବା ଦରପୋଡା ସିଗ୍ରେଟ୍କୁ କାଢି ନିଆଁ ଧରେଇବାକୁ ବାଧହେଲି । ମୁଁ ଭଲକି ଜାଣୁଥିଲି ଗୋଟାଏ ଇଂଚର ଏହି ସିଗ୍ରେଟ୍ ଖଣ୍ଡଟି ସରିଯିବା ପରେ ଆଗାମୀ ସମୟ ସହ ଯୁଝିବା ପାଇଁ ମୁଁ ଅସ୍ତ୍ରହୀନ ହେଇଯିବି । କିନ୍ତୁ ଉପାୟ ବି ନଥିଲା ।

ଲୋ ଭୋଲ୍ଟେଜ୍ ଯୋଗୁଁ ରାସ୍ତାର ବିଜୁଳିବତିଗୁଡା ଅନ୍ଧାରକୁ ହଟେଇବାକୁ ସକ୍ଷମ ହେଉନଥାନ୍ତି । କିନ୍ତୁ ସେହି ଛାଇ ଆଲୁଅ ଭିତରେ ଗାଁ ଲୋକଗୁଡା ଜାନିଯାତ୍ରାରେ ଭିଡ ଜମେଇବା ପରି ରାସ୍ତାରେ ରୁଣ୍ଡ ହେଇଥାନ୍ତି । କେତେ ପ୍ରକାର ଆଲୋଚନା ଚାଲିଥାଏ । ଜିପ୍କୁ ଆଉଜି ସିଗ୍ରେଟ୍ ଟାଣୁ ଟାଣୁ ନିଷ୍ଫଳ ଆକ୍ରୋଶରେ ସେମାନଙ୍କ ଚାହୁଁଥାଏ। ଠିକ୍ ସେତେବେଳେ ଯୁବକଟେ ଆସି, ବଡ଼ ନମ୍ର ଭାବେ ନମସ୍କାର କଲା। ଅସହିଷ୍ଣୁ ମନ ମୋର ଆଉ ଟିକେ ବିଷେଇଗଲା । ମନେହେଲା- ଅନ୍ୟ ବୁଥ୍ ମାନଙ୍କରେ ମତଦାନ କେମିତି ହେଉଛି ବୋଲି ପଚାରିବାକୁ ଯୁବକଟା ଆସିଛି କି କଣ । କାରଣ ଏମାନଙ୍କ ମଧ୍ୟରୁ ଅନେକେ ରାଜନୀତିଆ, ଟାଉଟର। ଘରେ ଖାଇବାକୁ ନଥାଉ ପଛେ, ସବୁଥରେ ନାକ ଗଳେଇବେ ।

ଅଥଚ ମୋ ଧାରଣାକୁ ଭ୍ରାନ୍ତ ପ୍ରମାଣିତ କରି ଯୁବକଟି ଧୀରେକି ପଚାରିଲା- ସାର୍ ଆପଣ ବିଜୟ ପ୍ରଧାନ ତ ?

ନିଆଁରେ ପାଣି ପଡିଗଲା ! ଆଶ୍ଚର୍ଯ୍ୟ ହେଲି । ଏଇ ନିପଟ ମଫସଲରେ ମୋତେ କିଏ ଜାଣିଲା !

ଅଥଚ ମୁଁ କିଛି ପଚାରିବା ପୂର୍ବରୁ ଯୁବକଟି କହିଲା- ଦୁଇ ହଜାର ମସିହାରେ ଭବାନୀପାଟଣା କଲେଜରେ ପଢୁଥିଲି । ସେତେବେଳେ ଆପଣଙ୍କୁ ଦେଖିଛି ସାର୍ । ଆଜି ଦି'ପହରେ ମଧ୍ୟ ଆପଣଂକୁ ଜିପ୍ରେ ଯିବା ଦେଖିଥଲି ।

ତା'ପରେ ସିଏ ଯାହା କହିଲା ତା'ର ଅର୍ଥ ଏୟା ଯେ, ସେଯାଏଁ ପ୍ରକାଶିତ ମୋର ଅନେକ ଗପ ତଥା "ଏକେଣା ଘର" ସଂକଳନଟି ମଧ୍ୟ ସିଏ ପଢିଛି ଏବଂ ଅନ୍ୟମାନଙ୍କୁ ମଧ୍ୟ ପଢେଇଛି । ଏପରିକି ତା'ସ୍ତ୍ରୀ ମଧ୍ୟ ମୋ ଗପ ପଢିଛି ।

ଭଲକି ରାସ୍ତାଘାଟ ନଥିବା ମଫସଲ ଗାଁର ଚାଷୀ ପିଲାଟେ ମୋ ଗପ ପଢି ଭେଟିବାକୁ ଆସିଛି ଜାଣି ମନେମନେ ଖୁସି ହେଲେ ବି ତା'କଥା ମୋତେ କାହାଣୀ ପରି ଲାଗିଲା । ସେଦିନ ତା'ଘରକୁ ଯିବାକୁ ଡାକିଲା । ମାତ୍ର ମୁଁ ଅକ୍ଷମତା ପ୍ରକାଶ କରିବାରୁ ମୋତେ ଅପେକ୍ଷା କରିବାକୁ କହି, ଘରକୁ ଯାଇ ବସ୍ତାଏ ଗୁଡ କାନ୍ଧେଇକି ଫେରି ଆସିଲା ।

ମୁଁ ଆଶ୍ଚର୍ଯ୍ୟ ହେଲି । ଆତଙ୍କିତ ବି ଓ ଗୁଡ ନେବାକୁ ମନାକଲି । ନିର୍ବାଚନ କାର୍ଯ୍ୟରେ ଆସିଛି । ପୁଣି ପୋଲିସ୍ ପୋଷାକରେ ଅଛି । ଲୋକେ କଣ ଭାବିବେ ? ସିଏ କିନ୍ତୁ ବୁଝିଲାନି । ସେତକ ନେବାକୁ ଜିଦ୍ କଲା । କହିଲା- ମୁଁ ଜାଣିଛି ଆପଣ ମିଠା ପ୍ରିୟ । ମିଠା ନଥିଲେ ଗୁଡ ବି ଖାଇ ଦିଅନ୍ତି । ଆଉ ଏଇ ଗୁଡ ଆମ ନିଜର । ଆଖୁକୁ ସଫା ସୁତୁରା କରି ପେଡିଛୁ । ବାଲିଆଗୁଡ । ଭଲ ଲାଗିବ ସାର୍ । ରୁଟି ସଙ୍ଗେ ବି ଖାଇପାରିବେ ।

ବାଃ, ମୋ ଅଭ୍ୟାସ ବିଷୟରେ ବି ଜାଣିଛି ! ଗପ ଲେଖି ତେବେ ମୁଁ ଭୁଲ୍ କରିନି । ମୋ ସହକର୍ମୀମାନେ ଆଶ୍ଚର୍ଯ୍ୟ ହେଲେ । ମୋର ଜଣେ ଉପରିସ୍ଥ ଅଧିକାରୀ ସୁନିଲ କୁମାର ଆଚାର୍ଯ୍ୟ ଯିଏ ମୋର କିଛି ଗପ ପଢିଥିଲେ; ସିଏ ଖୁସିହେଇ କହିଲେ- ବିଜୟ, ଆଜି ତୁମ ଲେଖକ ଜୀବନ ସାର୍ଥକ ହେଇଗଲା ହୋ । ମନାକରି ପିଲାଟାର ମନ ଭାଙ୍ଗନି । ସବୁ ନନେଲେ ବି କିଛି ତ ନିଅ ।

ନିଜ ସ୍ୱାଭିମାନର ପରିପନ୍ଥୀ ହେଲେ ମଧ୍ୟ ବାଧ୍ୟ ହେଇ ପ୍ରାୟ ଦି' କେ.ଜି. ହେବ ଗୁଡ ତା'ଠୁ ରଖିଲି ଏବଂ ମୁଁ ତା'ର ଉପହାର ଗ୍ରହଣ କରିବାରୁ ଯୁବକଟି ଯେଉଁ ଖୁସି ବ୍ୟକ୍ତ କଲା ତାହା ଲେଖି ହେବନି ।

ଧିମା ଆଲୁଅ ଭିତରେ ସେଦିନ ତାଙ୍କ ଚେହେରାଟା ବି ଭଲକି ଦେଖି ପାରିନି । ସମୟର ସ୍ୱଳ୍ପତା ଏବଂ କର୍ମ ଜଂଜାଳ ଭିତରେ ଭଲମନ୍ଦ ପଚାରି ପାରିଲିନି । ସେହି ସତର ବର୍ଷ ତଳେ ମୋଠି ଛୋଟ ମୋବାଇଲ୍ ଫୋନ୍ଟେ ଥିଲେ ମଧ୍ୟ ତାଙ୍କଠି ନଥଲା । ଏଣୁ ତାଙ୍କ ସହ ଯୋଗାଯୋଗ ହେଇପାରିନି । ଅବଶ୍ୟ ଏଇ ଘଟଣାର ଅନେକ ବର୍ଷ ପରେ କେବଳ ଥରେ ମାତ୍ର ତାଂକୁ ଦେଖିବା ପରି ମନେହେଲା ଭବାନୀପାଟଣାର ସାପ୍ତାହିକ ହାଟରେ। ଦୂରରୁ ଦେଖୁ ଦେଖୁ ଖୁସି ଲାଗିଲେ ବି ଦୋ-ଦୋ ଚିହ୍ନା ଲାଗିଲା । ସାଥେ ସାଥେ ମନେପକେଇ ପାରିଲିନି ଯେ ସେ କିଏ । ଏଣୁ ବାଟଭାଙ୍ଗି ମୁଁ ଚାଲିଗଲି । ଅଥଚ କ୍ଷଣକ ପରେ ମନେପକେଇ ହାଟସାରା କେତେ ଖୋଜିଲି କିନ୍ତୁ ତାଙ୍କୁ ଆଉ ପାଇଲିନି । ସିଏ ହୁଏତ ମୋତେ ଦେଖିଥିଲେ ଅଟକିଥାନ୍ତେ କି ଜଣ !

ସେହି ଅଜଣା ଯୁବକଟି ବ୍ୟତୀତ ମୋର ପ୍ରିୟ ପାଠକ ତାଲିକାରେ ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ପଟ୍ଟନାୟକ, ରାସବିହାରୀ ବେହେରା, ସୋହନଲାଲ ଅଗ୍ରୱାଲ, ପରମେଶ୍ୱର ମୁଣ୍ଡ, ଭାରତ ମାଝୀ, ପ୍ରମୋଦ ପଂଡା, ଜତିନ୍ ପ୍ରଧାନ, ସଂପଦ ନାୟକ, ତପନ ମହାପାତ୍ର, ପ୍ରିୟବ୍ରତ ପାତ୍ର, କୃପାସାଗର ସାହୁ, କମଳାକାନ୍ତ ମହାପାତ୍ର, ମୁକୁନ୍ଦ ଶତପଥୀ, ମଳୟ ମିଶ୍ର, ଦୁର୍ଗା ପ୍ରସାଦ ପଣ୍ଡା, ବ୍ୟାସଦେବ ସାହୁ, ସ୍ୱର୍ଗତ ବିଜୟ ପ୍ରସାଦ ମହାପାତ୍ର, ଅରବିନ୍ଦ ପଟ୍ଟନାୟକ ଓ ଅଖିଳ ନାୟକଙ୍କ ପରି ଆଉ କିଛି ବ୍ୟକ୍ତି ଅଛନ୍ତି । ଏମାନଙ୍କ ଅମୂଲ୍ୟ ମତାମତ ଯୋଗୁଁ ମୋ ପରି ଜଣେ ସାଧାରଣ ମଣିଷ କିଛି ଲେଖିପାରିଛି । କିନ୍ତୁ ବେଳ ଅବେଳରେ ସେହି ଅଜଣା ଯୁବକଙ୍କ କଥା ମନେ ପଡିଗଲେ ନିଜକୁ ଅପରାଧୀ ଅପରାଧୀ ଲାଗେ । ମନଟା ଉଦାସ ହେଇଯାଏ । କାରଣ ତାଙ୍କ ନାମଟି ମଧ୍ୟ ମୋର ଆଉ ମନେନାହିଁ । ୨୦୧୮ ମସିହାରେ ସମ୍ମୁଖୀନ ହେଇଥିବା ସଡକ ଦୁର୍ଘଟଣା ମୋ ମସ୍ତିଷ୍କରେ ଯେଉଁ ଆଘାତ ଦେଇଥିଲା ସେଥିଯୋଗୁଁ ଅନେକ ଆପଣାର ଲୋକଙ୍କୁ ବି ମୁଁ ପାଶୋରିଯାଇଛି ।



### ପ୍ରିୟ ପାଠକ

ବର୍ତ୍ତମାନ ସିଏ କେମିତି ଦିଶୁଥିବେ, କେମିତି ଥିବେ, ପୁସ୍ତକ ପ୍ରତି ତାଙ୍କର ଆଉ ଆଗ୍ରହ ଅଛି କି ନାହିଁ, ମୋ ଅନ୍ୟ ବହିଗୁଡାକ ପଢିଛନ୍ତି କି ନାହିଁ, ସର୍ବୋପରି କରୋନା ମହାମାରୀକୁ ସିଏ ପରାଜିତ କରିଛନ୍ତି କି ନିଜେ ପରାଜୟ ସ୍ୱୀକାର କରିଗଲେ; ଏହି ସବୁ ଚିନ୍ତା ବେଳେ ବେଳେ ମୋତେ ଅଥୟ କରିଦିଏ । କିନ୍ତୁ ଇଚ୍ଛା ଥିଲେ ବି ସେହି ଗାଁକୁ ଯାଇ ତାଙ୍କୁ ଖୋଜିବାକୁ ଆଉ ସମୟ ପାଇନି ।

ଏହି ଲେଖାଟି ପଢି ଯଦି କେହି ସହୃଦୟ ବ୍ୟକ୍ତି ତାଙ୍କର ଠାବ କରିପାରନ୍ତି, ତେବେ ତଳେ ଦିଆଯାଇଥିବା ଫୋନ୍ ନମ୍ବରରେ ମୋତେ ଜଣେଇଲେ କୃତାର୍ଥ ହେବି । କାରଣ ଆମେ ସାହିତ୍ୟିକମାନେ ପ୍ରଶଂସା ପ୍ରିୟ । ପାଠକର ଗୋଟାଏ ଫୋନ୍ କଲ୍ ଅଥବା ଖଣ୍ଡିଏ ପୋଷ୍ଟକାର୍ଡରେ ଭୁଲିଯାଉ ସଂପୃକ୍ତ ଲେଖାଟି ପାଇଁ କରିଥିବା ଯାବତୀୟ ପରିଶ୍ରମ, ଖର୍ଚ୍ଚ ତଥା ନିନ୍ଦା ଅପନିନ୍ଦାକୁ ।

♥ ଲେନ୍ ନଂ-୧୦, ଇରିଗେସନ୍ କଲୋନୀ, ଭବାନୀପାଟଣା, କଳାହାଣ୍ଡି
ମୋ-୯୪୩୭୦୯୭୪୮୩

# ବିଷ୍ଣୁପ୍ରିୟା : ଓଡ଼ିଶାର 'ନାଇଟେଙ୍ଗଲ୍'

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



## ଅନ୍ତର୍ଜାତୀୟ ନର୍ସ ଦିବସ

ସମାଜକୁ ନର୍ସଙ୍କ ଅବଦାନକୁ ମନେ ପକାଇବା ଉଦ୍ଦେଶ୍ୟରେ ସମଗ୍ର ବିଶ୍ୱରେ ପ୍ରତି ବର୍ଷ ମେ ୧୨ ତାରିଖ ପାଳନ କରାଯାଏ ଅନ୍ତର୍ଜାତୀୟ ନର୍ସ ଦିବସ। ୧୯୬୫ ମସିହାରୁ ଇଣ୍ଟରନ୍ୟାସନାଲ କାଉନ୍ସିଲ ଅଫ୍ ନର୍ସେସ ଏହି ଦିବସ ପାଳନ କରିଆସୁଛି। ଆମେରିକୀୟ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣ ବିଭାଗର ଅଧିକାରୀ ଡୋରୋଥି ସଦରଲ୍ୟାଣ୍ଡ ୧୯୫୩ ମସିହାରେ ନର୍ସ ଦିବସ ପାଳନ ପାଇଁ ରାଷ୍ଟ୍ରପତିଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସ୍ୱୀକୃତି ମିଳିନଥିଲା। ୧୯୭୪ ମସିହା ମେ ୧୨ ତାରିଖ ଫ୍ଲୋରେନ୍ସ ନାଇଟ୍ଇନଜେଲ୍ଙ୍କ ଜନ୍ମ ଜୟନ୍ତୀକୁ ନର୍ସ ଦିବସ ପାଳନ ନିମନ୍ତେ ଘୋଷଣା କରାଗଲା। ତାଙ୍କୁ ଆଧୁନିକ ନର୍ସିଂର ପ୍ରତିଷ୍ଠାତା କୁହାଯାଏ। ପ୍ରତିବର୍ଷ ଇଣ୍ଟରନ୍ୟାସନାଲ କାଉନ୍ସିଲ ଅଫ୍ ନର୍ସେସ ଏହି ଦିବସର କିଟ୍ ପ୍ରସ୍ତୁତ କରି ବାଣ୍ଟିଥାଏ। ଏହି କିଟ୍ରେ ନର୍ସଙ୍କ ଦ୍ୱାରା ବ୍ୟବହୃତ ଶୈକ୍ଷିକ ଓ ଜନସାଧାରଣ ସୂଚନା ସମ୍ପର୍କିତ ବସ୍ତୁ ଥାଏ।

୧୯୪୭ ମସିହା ଦ୍ୱିତୀୟାର୍ଦ୍ଧ । ସ୍ୱାଧୀନତାର ସ୍ୱାଦକୁ ଦେଶବାସୀ ଠିକ୍ ଭାବେ ଅନୁଭବ କରିପାରିନଥାନ୍ତି । ସେତିକିବେଳେ, ରକ୍ଷଣଶୀଳ ଓଡ଼ିଆ ସମାଜରେ ଜଣେ ୨୧ ବର୍ଷିୟା ଝିଅ ସୁଦୂର ଦିଲ୍ଲୀ ଯାଇ ନର୍ସିଂ ଭଳି ପେସାର ତାଲିମ୍ ନେବା କିଛି କମ୍ କଥା ନଥିଲା । ଏହି ଝିଅ ଜଣକ ଅନ୍ୟ କେହି ନଥିଲେ - ସେ ଥିଲେ ଓଡ଼ିଶା ନର୍ସିଂ ସମାଜର କୁଳବୃଦ୍ଧା ବିଷ୍ଣୁପ୍ରିୟା ମହାନ୍ତି । ବିଷ୍ଣୁପ୍ରିୟାଙ୍କ ପଦକ୍ଷେପକୁ ସେତେବେଳେ କେବଳ ଯେ ସମାଲୋଚନା କରାଯାଇଥିଲା, ତା ନୁହେଁ; ପରିବାରକୁ ମଧ୍ୟ ଅନେକ ପ୍ରକାର କୁତ୍ସାରଚନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହେଲେ ସମଗ୍ର ସମାଜର ଉନ୍ନତି ପାଇଁ ସଂକଳ୍ପ ବଦ୍ଧ ହୋଇଥିବା ବିଷ୍ଣୁପ୍ରିୟା ଏ ସବୁକୁ ଆଢ଼େଇ ଦେଇ ଆଗେଇ ଯାଇଥିଲେ; ଆଉ ରଖି ଯାଇଥିଲେ ସବୁ କ୍ଷେତ୍ରରେ ପ୍ରଥମ ହେବାର ଅନନ୍ୟ ଉଦାହରଣ । ପ୍ରଥମ ଓଡ଼ିଆ ନର୍ସିଂ ଛାତ୍ରୀ, ପ୍ରଥମ ମାଟ୍ରନ୍, ପ୍ରଥମ ଚିଫ୍ ମାଟ୍ରନ୍, ପ୍ରଥମ ପ୍ରିନ୍ସପାଲ ଟ୍ୟୁଟର୍, କଲେଜ୍ ଅଫ୍ ନର୍ସିଂର ପ୍ରଥମ ଅଧ୍ୟକ୍ଷା ଓ ଏମିତି ଅନେକ ପ୍ରଥମ । କୁହାଯାଏ ପ୍ରଥମ ହେବାଟା ଯେତିକି କଷ୍ଟ, ପ୍ରଥମ ସ୍ଥାନକୁ ବଜାୟ ରଖିବା ତା ଠାରୁ ଢ଼େର୍ ଅଧିକ କଷ୍ଟ । ହେଲେ, ବିଷ୍ଣୁପ୍ରିୟା କେବଳ ଯେ ପ୍ରଥମ ହୋଇଥିଲେ ତା ନୁହେଁ, ଶେଷ ପର୍ଯ୍ୟନ୍ତ ନିଜର ପ୍ରଥମ ସ୍ଥାନକୁ ବଜାୟ ରଖିଥିଲେ । ଦିଲ୍ଲୀର ରାଜକୁମାରୀ ଅମ୍ରିତା କୌର କଲେଜ୍ ଅଫ୍ ନର୍ସିଂ (ଦିଲ୍ଲୀ କଲେଜ ଅଫ୍ ନର୍ସିଂ ଭାବେ ପରିଚିତ)ରୁ ବିଏସ୍ସି ନର୍ସିଂ ଓ ପରେ ଏମ୍.ଏସ୍ସି ନର୍ସିଂ ଶିକ୍ଷା ଗ୍ରହଣ କରିଥିଲେ । ଶିକ୍ଷା ଶେଷ ହେବା ପୂର୍ବରୁ ବିଷ୍ଣୁପ୍ରିୟାଙ୍କୁ ସୁଯୋଗ ମିଳିଥିଲା ଦିଲ୍ଲୀର କେତେକ ପ୍ରତିଷ୍ଠିତ ଚିକିତ୍ସାଳୟରେ ଯୋଗଦେବାକୁ । ଅନ୍ୟ କେହି ହୋଇଥିଲେ ବ୍ୟକ୍ତିଗତ ପ୍ରତିଷ୍ଠା ସମ୍ପନ୍ନତା ପାଇଁ ଏହାକୁ କେବେ ହାତଛଡ଼ା କରିନଥାନ୍ତା । ହେଲେ ନିଜ ରାଜ୍ୟର ଅସହାୟ ରୋଗୀମାନଙ୍କ ସେବା କରିବାକୁ ଯିଏ ସଂକଳ୍ପବଦ୍ଧତାକୁ ଏ ସବୁ ଲୋଭ ଅଟକାଇପାରିଥାଆନ୍ତା ବା କେମିତି ? ଶିକ୍ଷା ସମାପ୍ତିରେ ବିଷ୍ଣୁପ୍ରିୟା ବାଛି ନେଇଥିଲେ ଓଡ଼ିଶାକୁ ନିଜର କର୍ମଭୂମି (ବରଂ ସେବା ଭୂମି କହିଲେ ଅଧିକ ଉପଯୁକ୍ତ ହେବ) ଭାବେ । ଏସ୍ସିବିରୁ ପ୍ରଥମ ଓଡ଼ିଆ ନର୍ସ ଭାବେ କାର୍ଯ୍ୟ ଆରମ୍ଭ କରିବା ସହିତ ଓଡ଼ିଆ ଝିଅମାନଙ୍କୁ ଅଧିକରୁ ଅଧିକ ଏହି ପେସାପ୍ରତି ଆକୃଷ୍ଟ କରାଇବାର ଉଦ୍ୟମ ଆରମ୍ଭ କରିଦେଇଥିଲେ । ପଦୋନ୍ନତି ଓ ନିଷ୍ପତ୍ତି ନେବାର କ୍ଷମତା ମିଳିବା କ୍ଷଣି ଓଡ଼ିଆ ଝିଅମାନଙ୍କୁ ବାଙ୍ଗାଲୋର, ଭେଲୋର, ଦିଲ୍ଲୀ ଓ ମାଡ୍ରାସ୍ର ଚିକିତ୍ସାଳୟକୁ ପାଠାଇ ଉନ୍ନତ ସ୍ତରରେ ନର୍ସିଂ ତାଲିମ ଦିଆଇବାରେ ମଧ୍ୟ ସେ କେବେ କୌଣସି ସୁଯୋଗ ହାତଛଡ଼ା କରିନଥିଲେ । ସେଇଥିପାଇଁ 'ବଡ଼ ଦିଦି' ବୋଲି ସମ୍ବୋଧନ କରୁଥିଲେ ବି ଅଧିକାଂଶ ସେବିକା ତାଙ୍କୁ ନିଜ ମା' ଭଳି ଦେଖୁଥିଲେ । ସେ ମଧ୍ୟା ମାତୃବତ୍ ସ୍ନେହ ଦେବାରେ କେବେ କାର୍ପଣ୍ୟତା ଦେଖାଇ ନଥିଲେ । ଚାକିରି କାଳରେ ନର୍ସିଂ ସେବାକୁ ଅଧିକ ଲୋକାଭିମୁଖୀ କରାଇବା ସହ ନର୍ସିଂ କଲେଜ ପ୍ରତିଷ୍ଠା ଭଳି ବହୁ ଯୁଗାନ୍ତକାରୀ ପଦକ୍ଷେପ ତାଙ୍କ ଧ୍ୱଜା ତଳେ ନିଆଯାଇଥିଲା । ଚାକିରିର ଶେଷ ସମୟରେ ବହୁଉଚ୍ଚ ପଦସ୍ଥ ଅଧିକାରୀ ଚାକିରିକାଳକୁ ବଢ଼ାଇବା ପାଇଁ ସରକାରଙ୍କ ଦ୍ୱାରସ୍ଥ ହେଉଥିବା ବେଳେ ବିଷ୍ଣୁପ୍ରିୟାଙ୍କ କ୍ଷେତ୍ରରେ ଠିକ୍ ତାର ଓଲଟା ଘଟିଥିଲା । ସରକାରଙ୍କ ପକ୍ଷରୁ ତାଙ୍କୁ ନିବେଦନ କରାଯାଇଥିଲା ଆଉ ଦୁଇ ବର୍ଷ ଅଧିକ ସେବା କରିବାକୁ । କହିବା ଅନାବଶ୍ୟକ ହିମାଳୟ ପରି ତାଙ୍କର ପ୍ରଚଣ୍ଡ ପ୍ରତିଭା ଓ ନର୍ସିଂ ସେବା ପ୍ରତି ତାଙ୍କର ସମର୍ପଣ ଭାବ ଯୋଗୁଁ ସରକାରଙ୍କ ପକ୍ଷରୁ ନିୟମର ଏଭଳି ପରିବର୍ତ୍ତନ କରାଯାଇଥିଲା । ଅବସର ନେବା ପରେ ମଧ୍ୟ ବିଷ୍ଣୁପ୍ରିୟା ଚୁପ୍ ହୋଇ ବସିନଥିଲେ । ନିଜ ଉଦ୍ୟମରେ 'ଲିଟିଲ୍ ବାର୍ଡ଼ି' ନାମକ ସ୍କୁଲ ଖୋଲିବା ସହ ଶେଷ ସମୟ ପର୍ଯ୍ୟନ୍ତ 'ଉପେନ୍ଦ୍ର ଟ୍ରଷ୍ଟ କଲେଜ୍ ଅଫ୍ ନର୍ସିଂ'ର ନିର୍ଦ୍ଦେଶିକା ଭାବରେ କାର୍ଯ୍ୟ କରୁଥିଲେ । ବିଷ୍ଣୁପ୍ରିୟାଙ୍କ ସମାଜ ସେବାର କାହାଣୀ ବଖାଣି ବସିଲେ ସମୟ ଓ କାଗଜ କମ୍ ପଡ଼ିଯିବ। ଓଡ଼ିଶା ନର୍ସିଂ ସେବାର ଏହି କୁଳବୃଦ୍ଧାଙ୍କାର ପରଲୋକ ହୋଇଥିଲେ ବି ନର୍ସିଂ ସେବାରେ ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ । ଓଡ଼ିଶାର ସେବିକା ସମାଜ ପାଇଁ ସେ ସର୍ବଦା ଆଦର୍ଶ ଓ ପ୍ରେରଣାର ମାର୍ଗଦର୍ଶିକା ହୋଇ ରହିବେ ।

♥ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
(ମୋ) ୯୪୩୭୦୫୧୯୫୭

ପୁରାଣରୁ ଗପ

# ସୂର୍ଯ୍ୟ ଆଉ ଚନ୍ଦ୍ର, ସେହିଦିନୁ ଆକାଶରେ...



ରେବା ପଟ୍ଟନାୟକ







କେଜାଣି କେତେ ଶହ ବର୍ଷ ହେବ, ସୂର୍ଯ୍ୟ ଓ ଜଳ ଭାରି ସାଙ୍ଗ ଥିଲେ। ଭାରି ସାଙ୍ଗ। ସେମାନେ ସାଙ୍ଗ ହୋଇ ଏଇ ପୃଥିବୀ ପୃଷ୍ଠରେ ରହୁଥିଲେ। ସୂର୍ଯ୍ୟ ସବୁବେଳେ ସାଙ୍ଗ ଘରକୁ ଯାଆନ୍ତି, କିନ୍ତୁ ଜଳ କେବେ ଦିନେ ମନ କଲେ ନାହିଁ ସୂର୍ଯ୍ୟଙ୍କ ଦୁଆର ମାଡ଼ିବାକୁ। ସୂର୍ଯ୍ୟଙ୍କର ସେଥିପାଇଁ ଭାରି ମନ ଦୁଃଖ।

ଦିନେ ଶେଷରେ ସୂର୍ଯ୍ୟ ପଚାରି ଦେଲେ। ପଚାରି ଦେଲେ ଜଳକୁ, 'ତୁମେ ତ ଦିନେ ମୋ ଦୁଆର ମାଡ଼ିଲ ନାହିଁ। ତୁମେ କଣ ମୋତେ ତୁମର ପ୍ରକୃତ ବନ୍ଧୁ ବୋଲି ଭାବୁନାହଁ ?

ଜଳ ଉତ୍ତର ଦେଲେ ଯେ ସୂର୍ଯ୍ୟଙ୍କ ଘର ସେତେ ବଡ଼ ନୁହେଁ। ତେଣୁ ସେ ତାଙ୍କର ବନ୍ଧୁବାନ୍ଧବ ଧରି ଆସିଲେ ସୂର୍ଯ୍ୟଙ୍କ ଘରେ ଜାଗା ହେବ ନାହିଁ। ଏପରି ମଧ୍ୟ ହୋଇପାରେ ସୂର୍ଯ୍ୟ ତାଙ୍କ ପରିବାର ସହ ତାଙ୍କ ଘରୁ ବାହାରି ଯାଇପାରନ୍ତି।

ତଥାପି ଜଳ ଭାବିଚିନ୍ତି ସୂର୍ଯ୍ୟଙ୍କ ମନ ଦୁଃଖ ନ ହେବା ପାଇଁ କହିଲେ, 'ତୁମେ ଯଦି ମୋତେ ତୁମ ଘରକୁ ଡାକିବାକୁ ଚାହୁଁଛ, ତେବେ ଆଗ ଗୋଟେ ବିରାଟ ଘର ତୋଳ। ମୁଁ ତୁମକୁ ଚେତାଇ ଦେଉଛି ଘରଟି ନିହାତି ବଡ଼ ହୋଇଥିବା ଆବଶ୍ୟକ। ମୋର ଅନେକ ଲୋକବାକ ଆଉ ସେମାନଙ୍କ ପାଇଁ ପ୍ରଚୁର ଜାଗା ଦରକାର।

ସୂର୍ଯ୍ୟ ଜଳକୁ ଜବାବ୍ ଦେଇ ଘରକୁ ଫେରିଲେ। ଘରେ ତାଙ୍କ ପତ୍ନୀ ଚନ୍ଦ୍ର ସବୁଦିନ ପରି ମନଲୋଭା ହସରୁ ଧାରେ ସହ ସ୍ୱାମୀଙ୍କୁ ଅଭିବାଦନ ଜଣାଇଲେ।

ସୂର୍ଯ୍ୟ ଚନ୍ଦ୍ରଙ୍କୁ ତାଙ୍କର ଜଳଙ୍କୁ ଦେଇଥିବା ଜବାବ୍ ବିଷୟରେ କହିଲେ। ଆଉ ଠିକ୍ ତା ପରଦିନ ଠାରୁ ଆରମ୍ଭ ହୋଇଗଲା ଘର ତୋଳା ଅଭିଯାନ। କାମ ଚାଲିଲା ଜୋରସୋରରେ। ସୂର୍ଯ୍ୟ ତାଙ୍କ ପ୍ରିୟ ବନ୍ଧୁଙ୍କ ଆଗମନ ପାଇଁ ଅତି ତତ୍ପର ଥିଲେ। ଘର ତୋଳା ସରିଲା ପରେ ସୂର୍ଯ୍ୟ ଜଳଙ୍କୁ ତାଙ୍କ ଘରକୁ ଆସିବା ପାଇଁ ନିମନ୍ତ୍ରଣ ଜଣାଇଲେ।

ଜଳ ଯେତେବେଳେ ସୂର୍ଯ୍ୟଙ୍କ ଘର ଦୁଆର ସାମ୍ନାରେ ପହଞ୍ଚିଲେ, ତାଙ୍କ ଲୋକ ଜଣେ ଯାଇ ଜଳ ଭିତରକୁ ପ୍ରବେଶ କରିବାରେ କିଛି ବିପଦ ନାହିଁ ତ ବୋଲି ଜାଣିବାକୁ ଚାହିଁଲେ। ଅନେକ ଦିନର ପ୍ରତୀକ୍ଷା ପରେ ସୂର୍ଯ୍ୟ ତାଙ୍କର ବନ୍ଧୁ ଘରକୁ ଆସୁଥିବାରୁ ଏତେ ଅଧିର ଥିଲେ ଯେ ବିନା ଦ୍ୱିଧାରେ ସେ ସମ୍ମତି ଦେଇଦେଲେ।

ପାଣି ଭିତରକୁ ବହିବା ଆରମ୍ଭ କଲା। ସାଙ୍ଗରେ ବହି ଆସିଲେ ଅନେକ ମାଛ ଓ ସାମୁଦ୍ରିକ ଜୀବ।

ଖୁବ୍ ଶୀଘ୍ର ଘର ବୁଡ଼ି ପାଣି ଆଣ୍ଠୁଏ ହେଲା ଜଳ ବନ୍ଧୁଙ୍କ ଆଡ଼େ ଚାହିଁ ପଚାରିଲେ , 'କିଛି ବିପଦ ନାହିଁ ତ ?

ସୂର୍ଯ୍ୟ କିଛି ବ୍ୟସ୍ତ ହେଲେ ନାହିଁ ଏବଂ ଜଳଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରବେଶ କରିବା ପାଇଁ ଅନୁରୋଧ ଜଣାଇଲେ। ଯେତେବେଳେ ପାଣି ମୁଣ୍ଡ ଉଚ୍ଚର ହେଲା , ସେତେବେଳେ ଜଳ ପୁଣି ଥରେ ପଚାରିଲେ ,

'କିଛି ଅସୁବିଧା ନାହିଁ ତ, ବନ୍ଧୁ ?'

ସୂର୍ଯ୍ୟ ଅନନ୍ୟୋପାୟ ହୋଇ ସମ୍ମତି ସୂଚକ ଉତ୍ତର ଦେଲେ। ଏଥର ଏତେ ପାଣି ବହିଲା ଯେ ସୂର୍ଯ୍ୟ ଓ ଚନ୍ଦ୍ର ଯାଇ ମଥାନ ଉପରେ ବସିଲେ।

ପୁଣି ଥରେ ଜଳ ପଚାରିଲେ,'ଆସିବି ତ ?

ସୂର୍ଯ୍ୟ ଓ ଚନ୍ଦ୍ର ଦୁହେଁ ଉତ୍ତର ଦେଲେ, ହଁ, ହଁ, ଆସ'।

ପାଣି ଘର ଭର୍ତ୍ତି ହୋଇ ଛାତ ବୁଡ଼ାଇ ଦେଲା। ସୂର୍ଯ୍ୟ ଓ ଚନ୍ଦ୍ର ବାଧ୍ୟ ହୋଇ ଆହୁରି ଉପରକୁ , ଆହୁରି ଉପରକୁ ହୋଇ ଶେଷରେ ଆକାଶକୁ ଉଠିଗଲେ ଆଉ ସେହି ଦିନ ଠାରୁ ସେହିଠାରେ ହିଁ ଅଛନ୍ତି।

(ଆଫ୍ରିକାର ଲୋକଗଳ୍ପ)

♥ ସ୍ୱର୍ଣ୍ଣଲତା ଆପାର୍ଟମେଣ୍ଟ
ଭୁବନେଶ୍ୱର
ମୋ:୯୮୬୧୦୧୭୫୫୧

ଚେତନାର ଦର୍ପଣ - ୨୯

# ନିଜେ ନିଜ ଘରର ରାଜା



♥ ଲଳିତ ମୋହନ ମିଶ୍ର

ବହୁ ଦିନ ତଳର କଥା । ସେହି ସମୟରେ ମୁନ୍ସି ପ୍ରେମଚାନ୍ଦ ଶିକ୍ଷା ବିଭାଗର ଡେପୁଟି ଇନ୍ସପେକ୍ଟର ଥିଲେ। ଦିନେ ଇନ୍ସପେକ୍ଟର ତାଙ୍କର ସ୍କୁଲକୁ ତଦାରଖ କରିବାକୁ ଆସିଲେ। ମୁନ୍ସି ପ୍ରେମଚାନ୍ଦ ସ୍କୁଲ ଇନ୍ସପେକ୍ଟରଙ୍କୁ ବିଦ୍ୟାଳୟର ସବୁଆଡେ ବୁଲାଇ ଦେଖାଇଲେ। ପରଦିନ ପ୍ରେମଚାନ୍ଦ କୌଣସି କାର୍ଯ୍ୟବଶତଃ ସ୍କୁଲକୁ ଗଲେ ନାହିଁ । ସେ ତାଙ୍କର ଘରେ ଚେୟାରରେ ବସି ଖବରକାଗଜ ପଢୁଛନ୍ତି, ସେହି ସମୟରେ ସେ ରାସ୍ତା ଦେଇ ଇନ୍ସପେକ୍ଟର ମୋଟର ସାଇକେଲରେ କୁଆଡେ ଯାଉଥିଲେ । ସେହି ଯୁଗରେ କେବଳ ବ୍ରିଟିଶ ଅଫିସରମାନେ ହିଁ ମୋଟର ସାଇକେଲ ଚଳାଉଥିଲେ । ଇନ୍ସପେକ୍ଟର ଦେଖିଲେ, ପ୍ରେମଚାନ୍ଦ ଚେୟାରରେ ବସି ଖବର କାଗଜ ପଢୁଛନ୍ତି । ଇନ୍ସପେକ୍ଟରଙ୍କୁ ଦେଖି ତାଙ୍କର କୌଣସି ପ୍ରତିକ୍ରିୟା ନାହିଁ । ଏକଥାଟି ଇନ୍ସପେକ୍ଟରଙ୍କୁ ବହୁତ ଖରାପ ଲାଗିଲା । ଏତେ ଘମଣ୍ଡି ପ୍ରେମଚାନ୍ଦ ଯେ, ସେ ଚେୟାରରୁ ଉଠି ନଥିଲେ। ଏହାଦ୍ୱାରା ଇନ୍ସପେକ୍ଟରଙ୍କ ଅପମାନ । ଇନ୍ସପେକ୍ଟର ମୁନ୍ସି ପ୍ରେମଚାନ୍ଦଙ୍କୁ ପିଅନ ଦ୍ୱାରା ଡକାଇଲେ। ମୁନ୍ସି ପ୍ରେମଚାନ୍ଦ ସଙ୍ଗେ ସଙ୍ଗେ ଆସିଲେ । ଇନ୍ସପେକ୍ଟର କହିଲେ, ଆପଣ ଉପରିସ୍ଥ ଅଧିକାରୀଙ୍କୁ ସମ୍ମାନ ଦେବା ଶିଖି ନାହାଁନ୍ତି। ମୁନ୍ସି ପ୍ରେମଚାନ୍ଦ କହିଲେ ସେମିତି କିଛି ନାହିଁ ତ... ଇନ୍ସପେକ୍ଟର କହିଲେ ଆପଣ ଅତ୍ୟଧିକ ଅହଂକାରୀ । ମୁଁ ଆପଣଙ୍କ ଘର ଦେଇ ଗଲି, ଆପଣ ନମସ୍କାରଟିଏ ମଧ୍ୟ କଲେ ନାହିଁ । ଏହାର ଉତ୍ତରରେ ମୁନ୍ସି ପ୍ରେମଚାନ୍ଦ କହିଥିଲେ, ମୁଁ ସ୍କୁଲରେ ଥିବା ବେଳେ ହିଁ ସେବକ । ପରବର୍ତ୍ତୀ ସମୟରେ ମୁଁ ମୋ ଘରର ରାଜା । ଏହା ଶୁଣି ଇନ୍ସପେକ୍ଟର ଲଜ୍ଜିତ ହୋଇଥିଲେ । ଏହି ନିରପେକ୍ଷତା ମୁନ୍ସି ପ୍ରେମଚାନ୍ଦଙ୍କ ସମସ୍ତ ରଚନାରେ ସ୍ପଷ୍ଟ ଭାବରେ ଦେଖିବାକୁ ମିଳେ ।

♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬

॥ ଆତ୍ମଜୀବନୀ ॥

# ମୋ ମାଆ ସୁବର୍ଣ୍ଣରେଖା

ଡ. ଶ୍ରୀକାନ୍ତ ଚରଣ ପାତ୍ର



## ଆମର ନଈକୂଳିଆ ଗାଆଁ
(ପୂର୍ବ ପ୍ରକାଶିତ ଉତ୍ତାରୁ)

## (୨୬)
## ନାନିର ବାଆଘର

ମୋ ନାନିର ବାଆଘର ବେଳକୁ ମୁଁ ନିହାତି ସାନଥିଲି, ପ୍ରାୟ ଶିଶୁ ଶ୍ରେଣୀରେ ପଢୁଥିଲି ।

ସେତେବେଳେ କମ୍ ବୟସରେ ଝିଅମାନଙ୍କର ବିବାହ ହେଉଥିଲା ଓ ବର -କନ୍ୟାଙ୍କ ବୟସରେ ବହୁତ ତଫାତବି ରହୁଥିଲା। ମୁଁ ପରେ ଜାଣିଲି ବିବାହ ବେଳକୁ ନାନିକୁ ପ୍ରାୟ ଏଗାର ବର୍ଷ ଓ ଭିଣୋଇଙ୍କୁ ପ୍ରାୟ ଏକୋଇଶ ବର୍ଷ ବୟସ ହୋଇଥିଲା। ସିଏ ମୋଠୁ ବୟସରେ ବଡ ଥିବାରୁ ମୁଁ ତାଙ୍କୁ ନାନି ବୋଲି ଡାକୁଥିବାବେଳେ ବାପା-ମାଆଙ୍କର ସିଏ ବଡ ଝିଅ ହୋଇଥିବାରୁ ସେମାନେ ତାଙ୍କୁ 'ବଡବୁଢୀ 'ବୋଲି ଡାକୁଥିଲେ। ମୋ ନାନିଙ୍କର ନାମଥିଲା..ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କର ନାମ ଥିଲା..ଚକ୍ରଧର ପାତ୍ର, ଘର..ଏବର ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ନନ୍ଦିକା ଗ୍ରାମରେ। ସେହି ଗ୍ରାମରେ ଆମର ଜଣେ ବନ୍ଧୁଥିଲେ, ତାଙ୍କର ନାମ ଥିଲା ବନମାଳି ପାତ୍ର। ସେହିଁ ମଧ୍ୟସ୍ଥ ଥିଲେବୋଲି ପରେ ଜାଣିଲି।

ତେବେ, ଆମ ଘରଠୁ ଭିଣୋଇଙ୍କ ଘରର ଆର୍ଥିକ ଅବସ୍ଥା ଭଲଥିଲା । ସେମାନଙ୍କର କିଛି ଭୂସମ୍ପତ୍ତି ରହିଥିଲା । ଦୁଇଭାଇ ସାଥିରେ ଥିଲେ। ତାଙ୍କର ବଡଭାଇଙ୍କ ନାମ ତ୍ରିଲୋଚନ । (ମୋ ବାପାଙ୍କ ନାମବି ଥିଲା ତ୍ରିଲୋଚନ ପାତ୍ର)। ସେ ଜଳେଶ୍ୱରର ଜେଠମଲଙ୍କ ଗୋଞ୍ଜିକଳ, ଚାଉଳକଳ ଓ ତେଲକଳରେ ରାତ୍ରି ଜଗୁଆଳି ଭାବରେ କାମ

> ପ୍ରତିଦିନ ସନ୍ଧ୍ୟାରେ ଗାଆଁର ପିଲାମାନେ ଏଇଠି ଏକଜୁଟହୋଇ ନାନା ଖେଳ ଖେଳୁଥିଲେ ଓ ବୟସ୍କଲୋକେ ମନ୍ଦିର କଡେକଡେ ବସି ପିଲାଙ୍କ ଖେଳ ଉପଭୋଗ କରିବା ସହିତ ସେମାନଙ୍କ ଭିତରେ ସୃଷ୍ଟି ହେଉଥିବା ବିବାଦରବି ମିମାଂଶା କରୁଥିଲେ । ଆବଶ୍ୟକ ହେଲେ ଓ ନିୟମିତ ବ୍ୟବଧାନରେ ଗ୍ରାମବାସୀମାନେ ମନ୍ଦିରର ମୁଖଶାଳା ବା ସମ୍ମୁଖରେ ପ୍ରାୟତଃ ସନ୍ଧ୍ୟାରେ ଏକତ୍ରିତ ହୋଇ ବିବାଦର ଆପୋଷ ସମାଧାନ କରିବା ସହିତ ଗ୍ରାମର ଉନ୍ନତିମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରି ସିଦ୍ଧାନ୍ତ ନେଉଥିଲେ।

କରୁଥିଲେ। ତେଣୁ, ଦରମା ଆକାରରେ କିଛି ଅର୍ଥ ମିଳୁଥିଲା । ତେଣୁ, ବଡଭାଇ ଭାବରେ ଘର ଚଳାଇବାରେ ତାଙ୍କର କିଛି ଅସୁବିଧା ହେଉନଥିଲା । ମୋ ଭିଣୋଇ ପ୍ରାୟ ସବୁବେଳେ ଚାଷକାମରେ ବ୍ୟସ୍ତ ରହୁଥିଲେ। ତେବେ ଦୁଇଭାଇ ଅତି ସରଳଥିଲେ ଓ କେବଳ ନାମ ଦସ୍ତଖତହିଁ କରିପାରୁଥିଲେ। ଭିଣୋଇଙ୍କ ମାଆ ଅର୍ଥାତ୍ ମାଉସୀ ସେତେବେଳେ ଜୀବିତ ଥିଲେବି ଘରର କୌଣସି କଥାରେ ମଥାପୂରାଉ ନଥିଲେ । ଖଡା ପକାଇ ଭଲଭଲ ମାଛ ଧରୁଥିଲେ ।

ଜଳେଶ୍ୱର ସହରରୁ ରେଳଲାଇନ ଅତିକ୍ରମକରି କପାସିଆ ସଡକରେ ପ୍ରାୟ ଅଧମାଇଲିଏ ଦକ୍ଷିଣକୁ ଗଲେ ସଡକର ପୂର୍ବପାଖରେ ନନ୍ଦିକା ଗ୍ରାମର ଅବସ୍ଥିତି । ସେଇ ସଡକରୁ ନନ୍ଦିକା ଗ୍ରାମକୁଗଲେ ପ୍ରବେଶ ପଥରେ ବିଜେ କରିଛନ୍ତି ଶ୍ରୀଶ୍ରୀ ନନ୍ଦିକେଶ୍ୱର ମହାଦେବ। ମନ୍ଦିରର ମୁଖ ପୂର୍ବକୁ ଓ ସମ୍ମୁଖରେ ମହାଦେବଙ୍କ ପୋଖରୀ । ମନ୍ଦିର ଓ ପୋଖରୀର ମଝିରେ ରହିଥିବା ରାସ୍ତାରେ ଅଳ୍ପ ଦକ୍ଷିଣକୁ ଗଲେ ଭିଣୋଇ ଓ ଆଉ କେତେଜଣଙ୍କ ବାସସ୍ଥାନରେ ପହଞ୍ଚିହେବ। ମୋଟ ଉପରେ ସେଠାକାର ଅଧିବାସୀ ଘରୁ ବାହାରି ଯୁଆଡେବି ଯାଆନ୍ତୁନା କାହିଁକି, ନିଶ୍ଚିତ ଭାବରେ ତାଙ୍କୁ ମହାଦେବଙ୍କ ମନ୍ଦିରର ସମ୍ମୁଖଦେଇ ଓ ଇଚ୍ଛାକଲେ ପ୍ରଣାମକରି ଯିବାକୁ ହେବ। ପ୍ରତିଦିନ କେତେଥରଯେ ପ୍ରତ୍ୟେକେ ଶିବଙ୍କୁ ପ୍ରଣାମ କରୁଥିବେ ତାର ଇୟତ୍ତା ନାହିଁ। ଅନେକେତ ମହାଦେବଙ୍କ ପୋଖରୀରେ ସ୍ନାନସାରି ସୂର୍ଯ୍ୟଙ୍କୁ ଜଳଦାନ ଓ ପ୍ରଣାମ ତଥା ମହାଦେବଙ୍କୁ ଦର୍ଶନ, ଜଳସ୍ନାନ ଓ ପ୍ରଣାମକରି ଘରକୁ ଫେରନ୍ତି । ଏବେ ସେଠାରେ ଅନ୍ୟ ଏକ ମନ୍ଦିରରେ ଶ୍ରୀ ହନୁମାନଜୀ ବିଜେ କରିଛନ୍ତି। ସତରେ କେଡେ ଭାଗ୍ୟବାନ ସେମାନେ !

ପ୍ରତିଦିନ ସନ୍ଧ୍ୟାରେ ଗାଆଁର ପିଲାମାନେ ଏଇଠି ଏକଜୁଟହୋଇ ନାନା ଖେଳ ଖେଳୁଥିଲେ ଓ ବୟସ୍କଲୋକେ ମନ୍ଦିର କଡେକଡେ ବସି ପିଲାଙ୍କ ଖେଳ ଉପଭୋଗ କରିବା ସହିତ ସେମାନଙ୍କ ଭିତରେ ସୃଷ୍ଟି ହେଉଥିବା ବିବାଦରବି ମିମାଂଶା କରୁଥିଲେ ।

ଆବଶ୍ୟକ ହେଲେ ଓ ନିୟମିତ ବ୍ୟବଧାନରେ ଗ୍ରାମବାସୀମାନେ ମନ୍ଦିରର ମୁଖଶାଳା ବା ସମ୍ମୁଖରେ ପ୍ରାୟତଃ ସନ୍ଧ୍ୟାରେ ଏକତ୍ରିତ ହୋଇ ବିବାଦର ଆପୋଷ ସମାଧାନ କରିବା ସହିତ ଗ୍ରାମର ଉନ୍ନତିମୂଳକ କାର୍ଯ୍ୟ ସଂପର୍କରେ ଆଲୋଚନା କରି ସିଦ୍ଧାନ୍ତ ନେଉଥିଲେ।

ମହାଦେବଙ୍କ ଚଡକଯାତ୍ରା ଓ ହନୁମାନ ଜୟନ୍ତୀ ଗ୍ରାମର ପ୍ରମୁଖ ପର୍ବ । ଏତଦ୍ ବ୍ୟତୀତ , ଅନ୍ୟାନ୍ୟ ଯାନିଯାତ୍ରା, ମେଳା ମଉଛବ ଏଇଠି ମହାଦେବଙ୍କ ସମ୍ମୁଖ ଓ ଦକ୍ଷିଣକୁ ଥିବା ପଡିଆରେ ଅନୁଷ୍ଠିତ ହେଉଥିଲା ।

ମୋ ପଲାଦିନେ ଦେଖିଛି ବର୍ଷାଋତୁ ଆସିଗଲେ ବିଶେଷତଃ ଶରତ ଋତୁରେ ଏଠାକାର ଲୋକେ ବାରମୁହାଁ ପୋଲରୁ ଦକ୍ଷିଣକୁ ବହି ଯାଉଥିବା ପାଣିର ସଦ୍ ବ୍ୟବହାରକରି ନିଜର ବା ବନ୍ଧୁବାନ୍ଧବଙ୍କ ବିଲ ହିଡରେ ଆରହାଣି ଓ ଖଇଞ୍ଚା ବସାଇ ପ୍ରଚୁର ମାଛ ଧରୁଥିଲେ। ଭିଣୋଇବି ସେଇ ସମୟରେ ଆମଘରକୁ ଅନେକଥର ମାଛନେଇ ଆସିଛନ୍ତି ।

ପ୍ରଥମରୁ ସେ ଗାଆଁ ଓ ତାର ଅଧିବାସୀମାନଙ୍କୁ ମୁଁ ଖୁବ୍ ପସନ୍ଦ କରିଥିଲି ।

ନାନିଘରେ ଓ ସେଇଗାଆଁରେ ମୋ କୈଶୋରର ଅନେକ ମୂଲ୍ୟବାନ ମୁହୂର୍ତ୍ତ ମୁଁ ଅତିବାହିତ କରିଛି । (କ୍ରମଶଃ)

♥ ଅବସରପ୍ରାପ୍ତ ଅଧ୍ୟକ୍ଷ
ଚମାରଗାଁ, ଲକ୍ଷ୍ମଣନାଥ,
ବାଲେଶ୍ୱର-୭୫୬୦୮୭
ମୋ: ୭୮୯୪୬୭୯୪୪୧

ସ୍ମୃତି ଆଲେଖ୍ୟ...

# ମା'କୁ କୋଟି ପ୍ରଣାମ



ଡକ୍ଟର ଲକ୍ଷ୍ମଣ ସାହୁ

"ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି" । ଅର୍ଥାତ୍ ଜଗତରେ ମା' ହିଁ ସବୁଠୁ ଶୀର୍ଷରେ । କେହି କେବେ ମା'ର ଋଣ ସୁଝି ପାରେ ନାହିଁ । ଯେତେବେଳେ ଶିଶୁ ମାତୃ ଗର୍ଭରେ ଭ୍ରୂଣ ଭାବରେ ସ୍ଥାନ ନେଇଥାଏ, ସେତେବେଳେ ହିଁ ମା' ତା' ଶିଶୁ ପାଇଁ ଅନେକ ସ୍ୱପ୍ନ ଦେଖିଥାଏ । ସେ ସ୍ୱପ୍ନକୁ ସାକାର କରିବା ପାଇଁ ନିଜର ଜୀବନ , ଯୌବନ ଲଗାଇ ଦେଇଥାଏ। କାରଣ ତା ନିକଟରେ ଥାଏ ପିଲାର ଭବିଷ୍ୟତ । ତେଣୁ ମା' ହେଉଛି ପୁଣ୍ୟମୟୀ, ସ୍ନେହମୟୀ ଓ କର୍ମବୀରା ମା ପାଇଁ ଆଜି ଦିନଟି ସମର୍ପିତ । ମା' ଏକା ଧାରାରେ ନିଜ ପିଲା ମାନଙ୍କ ପାଇଁ ଶିକ୍ଷୟତ୍ରୀ, ସେବିକା, ରୋଷେଇଆ, ଭଲ ସାଙ୍ଗ, ଦେହରକ୍ଷୀ ବା ବଡି ଗାର୍ଡ, ମ୍ୟାଜିକସିଆନ୍ ସବୁକିଛି। ଯେଉଁ ରୂପରେ ଦେଖିବ ମାକୁ ସେ ସେହି ରୂପରେ ମହାନ୍ । ଅନ୍ୟ ଅର୍ଥରେ କହିଲେ ମା' ଘରର ଘରଣୀ, ସନ୍ତାନଙ୍କ ଜନନୀ ସେ ପ୍ରତିଘରର ଦେବୀ ମା' ଭାବେ ବନ୍ଦିତା ।

ଏ ସୁନ୍ଦର ଜଗତରେ ମା' ହିଁ ପ୍ରଥମ ପ୍ରେମ, ସବୁଠାରୁ ମୂଲ୍ୟବାନ ବରଦାନ । ଏ ଧୂଳି ମାଟିରେ ଈଶ୍ୱରଙ୍କ କାହାଣୀ, ପ୍ରକୃତିର ସୌନ୍ଦର୍ଯ୍ୟରେ ପ୍ରଥମ ଉପହାର । କଣ୍ଟାଭରା ରାସ୍ତାରେ ଫୁଲର ଅନୁଭବ, ଖୁସିର ଅମାରରେ ପ୍ରେମର ଭଣ୍ଡାର । ଭଲପାଇବା ଓ ଗାଳିର ଖଟା-ମିଠା ଖେଳ, ପର ଆପଣାର ଦୁନିଆରେ ଆପଣାର ବିଶ୍ୱାସ ମା' । ସେ ଯେଉଁ ରୂପରେ ହେଉନା କାହିଁକି ସେ ସର୍ବଦା ପୂଜ୍ୟା । ପେଟର ଭୋକ ମାରି ହସହସ ମୁହଁରେ ନିଜ ଛୁଆଙ୍କ ପେଟ ଭରିଥାଏ । ରାତି ଅନିଦ୍ରା ହୋଇ ଅସୁସ୍ଥ ଶିଶୁ ପାଖରେ ପଲକହୀନ ଚକ୍ଷୁରେ ସେବିକା ଭଳି ବସି ରୁହେ । କିନ୍ତୁ ତା ମୁହଁରୁ ଟିକେ ହେଲେ ଯନ୍ତ୍ରଣାର ଚିତ୍କାର ବାହାରେ ନାହିଁ । ଜନ୍ମିତ ଶିଶୁ ପ୍ରତି ସ୍ନେହ ଭରି ସକଳ ଆପଦ ବିପଦକୁ ଛାତି ଦେଖେଇ ଗୋଟିଏ ବୀର ନାରୀ ଭଳି ସାମ୍ନା କରିବାକୁ ପଛାଇ ନଥାଏ । ବାସ୍ତବରେ ମା'ର ମହତ୍ତ୍ୱ ଖୁବ୍ ଊର୍ଦ୍ଧ୍ୱରେ, ଯାହାର କେବେ ତୁଳନା ନାହିଁ । ସତରେ ସଂସାରର ସର୍ବଶ୍ରେଷ୍ଠ ଆଧାର ହେଉଛି ମ'। ଜୀବନରେ ଯେତେ ଦୁଃଖ କଷ୍ଟ ଆସିଲେ ତା ପଣତକାନିରେ ସବୁ ଘୋଡାଇ ଦିଏ। ଗର୍ଭଧାରଣଠାରୁ ଆରମ୍ଭ କରି ପ୍ରସବ ଯନ୍ତ୍ରଣା ପର୍ଯ୍ୟନ୍ତ ସକଳ କଷ୍ଟକୁ ସେ ନିଜେ ଆପଣେଇ ନେଇଥାଏ ।

ଏହି ମାତୃ ଦିବସ ଦିନଟିକୁ ପାଳନ କରିବାର ପ୍ରଥମ ପ୍ରୟାସ କରିଥିଲେ ଆମେରିକାର ଐନା ଏମ ଜାରଭି଼ସ୍ । ଆମେରିକାର ୱେଷ୍ଟ ଭର୍ଜିନିଆରେ ସେ ଜନ୍ମ ନେଇଥିଲେ । ଐନାଙ୍କ ମା' ଅନ୍ନା ଗୋଟିଏ ସ୍କୁଲ୍‌ରେ ଶିକ୍ଷୟତ୍ରୀ ଥିଲେ । ଏକଦା ସେ ସ୍କୁଲ୍‌ରେ ପଢ଼ାଉଥିବା ସମୟରେ କହିଥିଲେ ଯେ ଗୋଟିଏ ଦିନ ଏଭଳି ଆସିବ, ଯେଉଁ ଦିନଟି ମା'ଙ୍କ ନାମରେ ପାଳିତ ହେବ । ଐନା ନିଜ ମା'ଙ୍କ ମୃତ୍ୟୁ ପରେ ସେ ନିଜ ସାଙ୍ଗ ମାନଙ୍କ ସହିତ ମିଶି ଗୋଟିଏ ଅଭିଯାନ ଆରମ୍ଭ କରିଥିଲେ। ଯେଉଁଥିରେ ମାତୃଦିବସ ଦିନ ରାଷ୍ଟ୍ରୀୟ ଛୁଟି ଘୋଷଣା ହେଉ ବୋଲି କୁହାଯାଇ ଥିଲା । ଐନା ଏଥିପାଇଁ କରିବାକୁ ଚାହୁଁଥିଲେ କାହିଁକିନା ପିଲାମାନେ ତାଙ୍କ ମା' ଜୀବିତ ଥିବା ସମୟରେ ଏହି ଦିନଟିକୁ ଯେମିତି ପାଳନ କରିବେ। ତାଙ୍କର ଇଚ୍ଛା ଥିଲା ମା'ମାନଙ୍କର ନିସ୍ୱାର୍ଥପର ପ୍ରେମ ପାଇଁ ଏକ ଅର୍ଥପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଭାବରେ କାର୍ଯ୍ୟ କରିବ। ଏଥିଲାଗି ସେ କେବେ ବିବାହ ମଧ୍ୟ କରିନଥିଲେ। କାରଣ ବିବାହ କଲେ ମାଆଙ୍କୁ ଛାଡି ଶାଶୁ ଘରେ ରହିବାକୁ ପାଇଁ ପଡ଼ିଥାନ୍ତା।

ଶେଷରେ ତାଙ୍କ ଉଦ୍ୟମ ଫଳ ଦେଇଥିଲା ଯେତେବେଳେ ରାଷ୍ଟ୍ରପତି କାଠ୍ରୋ ୱିଲସନ ୧୯୧୪ରେ ଏକ ଘୋଷଣାନାମାରେ ସ୍ୱାକ୍ଷର କରିଥିଲେ । ମେ'ର ଦ୍ୱିତୀୟ ରବିବାରକୁ ମାତୃ ଦିବସ ଭାବରେ ନାମିତ କରିଥିଲେ । ସେହି ଦିନଠାରୁ ଏହା ସୀମା ଓ ସଂସ୍କୃତି ଅତିକ୍ରମ କରି ଏକ ବ୍ୟାପକ ଉତ୍ସବ ପାଲଟିଛି । ପ୍ରଥମ ମାତୃ ଦିବସ ମଇ ମାସ ୮ ତାରିଖ ୧୯୧୪ ରେ ପାଳିତ ହୋଇଥିଲା । ସେହି ଦିନଠାରୁ ପ୍ରତିବର୍ଷ ମଇ ମାସର ଦ୍ୱିତୀୟ ରବିବାର ଦିନକୁ ମଦର୍ସ ଡେ ବା ମାତୃ ଦିବସ ଭାବରେ ପାଳନ କରାହୋଇ ଆସୁଛି। ଭାରତ ସମେତ ଆମେରିକା, ନ୍ୟୁଜିଲାଣ୍ଡ , କାନାଡା ଭଳି ଅନେକ ଦେଶରେ ଏହିଦିନଟିକୁ ଆନ୍ତର୍ଜାତୀୟ ମାତୃ ଦିବସ ଭାବରେ ପାଳନ କରାଯାଇ ଥାଏ । ଆଜିର ବ୍ୟସ୍ତବହୁଳ ଜୀବନରେ ଆମେ ନିଜ ମା ପାଇଁ ଗୋଟିଏ ଦିନ ବାହାର କରିବା ଅସମ୍ଭବ ହେଉଛି, କିନ୍ତୁ ଏହି ମଇ ମାସର ଦ୍ୱିତୀୟ ରବିବାର ଦିନଟି ସମସ୍ତ ମା ମାନଙ୍କ ପାଇଁ ବିଶେଷ ମହତ୍ତ୍ୱ ରଖିଛି ।

ମାତୃ ଦିବସର ମୂଳ ପ୍ରାଚୀନ କାଳରୁ ଅନୁସନ୍ଧାନ କରାଯାଇପାରେ । ସର୍ବ ପୁରାତନ ସଭ୍ୟତାକୁ ଅନୁଧ୍ୟାନ କଲେ ସେମାନେ ସ୍ୱତନ୍ତ୍ର ଉପାୟରେ ମାତୃତ୍ୱ ଦିବସ ପାଳନ କରିଥିଲେ । ପ୍ରାଚୀନ ଗ୍ରୀକ୍ ଓ ରୋମୀୟମାନେ ରିୟା ଓ ସାଇବେଲ ପରି ମାତୃ ଦେବୀଙ୍କୁ ସମ୍ମାନିତ କରିବା ପାଇଁ ଉତ୍ସବ ଉତ୍ସର୍ଗ କରୁଥିଲେ । ପ୍ରାଥମିକ ଖ୍ରୀଷ୍ଟିଆନ ପରମ୍ପରାରେ, କୁମାରୀ ମରିୟମଙ୍କୁ ସ୍ମରଣ କରି "ମାତୃତ୍ୱ ରବିବାର" ନାମକ ଏକ ଦିନ ପାଳନ କରାଯାଇଥିଲା । ଅବଶ୍ୟ ମାତୃ ଦିବସର ଆଧୁନିକ ଧାରଣା ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆମେରିକାର ସାମାଜିକ କାର୍ଯ୍ୟକର୍ତ୍ତା ଆନ୍ନା ଜାରଭିସ୍‌ଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା।

ଆକାଶ ଭଳି ଯାହାର ହୃଦୟ ବିଶାଳ ଓ ନିର୍ମଳ, ସାଗର ପରି ଯାର ସ୍ନେହ, ଶ୍ରଦ୍ଧା ଗଭୀର ସେ ହେଉଛି ମା' । ତେଣୁ କୁହାଯାଏ ପିତା ସ୍ୱର୍ଗ ହେଲେ ମାଆ ସ୍ୱର୍ଗାଦପୀ ଗରିୟସୀ । ବିପଦରୁ ପତିତଙ୍କୁ ରକ୍ଷା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ମାଆ । ନିଖିଳ ବ୍ରହ୍ମାଣ୍ଡର ସୃଷ୍ଟିଠାରୁ ଆରମ୍ଭ କରି ବିନାଶକାରୀ ପ୍ରଳୟର ସେ ଅଧିକାରିଣୀ । ସେ ହିଁ ଦୁର୍ଗା, ମହାମାୟୀ ଓ ଆଦ୍ୟଶକ୍ତି । ତେଣୁ ମା' ଦେବୀ ସ୍ୱରୂପା । ସଂସ୍କୃତରେ ଏକ ଶ୍ଳୋକ ଅଛି, "ଯା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା, ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋନମଃ"। ଏହି ଉପାସନା ସଂସାରରେ ମାଆ ମାନଙ୍କର ଅର୍ଥାତ୍ ମାତୃଶକ୍ତିର ବର୍ଣ୍ଣନା କରିଥାଏ । ପୁରାଣରେ ଅନେକ ମାତାଙ୍କ ଗାଥା ଉଲ୍ଲେଖ ରହିଅଛି। କାରଣ ସେମାନେ ସମସ୍ତେ ପ୍ରେରଣା ଦାତ୍ରୀ ଅଟନ୍ତି। ଗୋଟିଏ ପାର୍ଶ୍ୱରେ ମା' ହିଁ ସମଗ୍ର ଜାତିକୁ ସୁଦୃଢ ଓ ଶକ୍ତିଶାଳୀ ହେବା ପାଇଁ ଶିକ୍ଷା ଦେଉଥିବା ବେଳେ ଅନ୍ୟ ପାର୍ଶ୍ୱରେ ସେହି ମାଆ ଦୟା, କ୍ଷମା ଓ ଶାନ୍ତିର ପ୍ରତୀକ ହୋଇ ଆବିର୍ଭାବ ହୋଇଥାନ୍ତି।

ହିନ୍ଦୁ ପୁରାଣ ଅନୁସାରେ, ମାତା ଲକ୍ଷ୍ମୀ ଓ ସରସ୍ୱତୀଙ୍କ ପରି ତ୍ରୀଶକ୍ତିଙ୍କ ମଧ୍ୟରୁ ମାତା ପାର୍ବତୀ ଅନ୍ୟତମ । କାର୍ତ୍ତିକ ଯଦିଓ ତାଙ୍କର ପ୍ରଥମ ସନ୍ତାନ ଅଟନ୍ତି, ତଥାପି ପ୍ରଭୁ ଗଣେଶଙ୍କର ଜନନୀ ଭାବେ ସେ ସାରା ଜଗତରେ ବିଦିତ । ନିଜ ହାତରେ ସେ ଗଣେଶଙ୍କୁ ଗଢି ତା'ଙ୍କୁ ଜୀବନ ଦାନ ଦେଇଥିଲେ। ଯଦି ମାତା ପାର୍ବତୀ ଗଣେଶଙ୍କର ଈଶ୍ୱରୀୟ ସ୍ଥିତି ପାଇଁ ଲଢି ନଥାନ୍ତେ, ତେବେ ଆଜି ବିଘ୍ନରାଜ ଶ୍ରୀଗଣେଶଙ୍କୁ ପୂଜା ପାଉନଥାନ୍ତେ। ନିଜ ଶିଶୁ ପ୍ରତିଷ୍ଠା ପାଇଁ ଜଣେ ମା' କ'ଣ କରିପାରେ ତାହା ପାର୍ବତୀଙ୍କଠାରୁ ଶିକ୍ଷା ମିଳିଥାଏ।

ସେହିଭଳି ରାମାୟଣରେ କୌଶଲ୍ୟା ଚରିତ୍ର ଅନୁଧ୍ୟାନ କରାଯାଇପାରେ। କୌଶଲ୍ୟା ପ୍ରଭୁ ଶ୍ରୀରାମଙ୍କର ମାତା ଥିଲେ । ପୁରାଣ ଅନୁଯାୟୀ, ସେ ଜଣେ ସ୍ନେହମୟୀ ନାରୀ ଭାବେ ଜଣାଶୁଣା। ସେ କ୍ଷମାର ପ୍ରତୀକ ଅଟନ୍ତି । ଶ୍ରୀରାମଙ୍କୁ କୈକେୟୀ ବନବାସ ପଠାଇବା ପରେ ଦଶରଥଙ୍କର ମୃତ୍ୟୁ ହୋଇଥିଲା । ଏହାପରେ ନିଜର ବୈବାହିକ ସୁଖ ହରାଇଥିଲେ ମଧ୍ୟ ସେ କୈକେୟୀଙ୍କୁ କ୍ଷମା କରି ଦେଇଥିଲେ । ସେ ହେଉଛନ୍ତି କ୍ଷମା ଓ ନମ୍ରତାର ପ୍ରତୀକ । କଦାପି ମା' ଶବ୍ଦର ତୁଳନା ନାହିଁ କି ବିକଳ୍ପ ନାହିଁ । ପ୍ରତିଦିନ ଯିଏ ପ୍ରେରଣା ଦିଏ, କେଉଁଟା ଠିକ୍? କେଉଁଟା ଭୁଲ ନୂତନ ପଥ ଦେଖାଏ ସେ ହେଉଛି ମା'। ଚିର ବନ୍ଦିତା ସେ । ପରିବାର ପ୍ରତି ମା'ଙ୍କ ଅବଦାନ କ'ଣ ତାହା କେବେ ଭାଷାରେ ବ୍ୟକ୍ତ କରିହେବ ନାହିଁ କି ବୁଝାଇବାକୁ ପଡ଼ିବ ନାହିଁ । ମା' ଅତୁଳନୀୟ। ପରିବାର ପ୍ରତି ସେମାନଙ୍କର ଅକ୍ଳାନ୍ତ ପରିଶ୍ରମ, ଅବଦାନ ଓ ବଳିଦାନ ବିଷୟରେ ଚିନ୍ତା କରିବା ପାଇଁ ଏହି ଦିନଟି ଆସିଥାଏ। ଯଦିଓ ପ୍ରତିଦିନ ଏହି ଦିବସ ପାଳନ ପାଇଁ ବି ସେମାନେ ଯୋଗ୍ୟ ଅଟନ୍ତି । କିନ୍ତୁ ଆଜିର ଦିନଟି କେବଳ ମା' ପାଇଁ ।

ମା' ଗଢ଼େ ସୁସ୍ଥ ସମାଜ । ହେଲେ ଆଧୁନିକ ଯୁଗରେ ମାତୃତ୍ୱ ସଂକଟରେ । ପରିବର୍ତ୍ତିତ ସମୟରେ ମାତୃତ୍ୱ ଲାଭ କରିବାକୁ ବହୁ ମହିଳା ଆଜି ତ୍ରସ୍ତ । ଜୀବିକା ଚାପରେ ସେମାନେ ବଳି ପଡ଼ିଯାଉଛି । କର୍ମଜୀବୀ ନାରୀ ଶିଶୁକୁ ଲାଳନପାଳନ କରିବାକୁ ଯାଇ ତା' ଉପରେ ପଡୁଥିବା ନାନାଦି ସମସ୍ୟାରୁ ମା' ହେବାକୁ ଭୟ କରୁଛି । ଅତ୍ୟାଧୁନିକ ଜୀବନଶୈଳୀରେ ଘଟୁଥିବା ପରିବର୍ତ୍ତନ ଏଥିପାଇଁ ବହୁମାତ୍ରାରେ ଦାୟୀ ବୋଲି କୁହାଯାଉଛି । ହୁଏତ ଆଗକୁ ଏସବୁ ସାମାଜିକ ଚିନ୍ତାର କାରଣ ସାରିବାକୁ ଯାଉଛି । ମା'କୁ ଉପଯୁକ୍ତ ସମ୍ମାନ ଓ ସ୍ୱୀକୃତି ନ ମିଳିଲେ, ଆଗାମୀ ଦିନରେ ଏହା ସାମାଜିକ ସଂକଟ ହେବ ବୋଲି ଜଳଜଳ ହୋଇ ଦୃଶ୍ୟମାନ ହେଉଛି । ଏହା କେବଳ ଭାରତର ସମସ୍ୟା ନୁହେଁ, ସମଗ୍ର ବିଶ୍ୱରେ ସମସ୍ୟା । ଜନ୍ମ ଦେଉଥିବା ମା' ଯେତେବେଳେ ଜନ୍ମିତ ସଂତାନ ଦ୍ୱାରା ଲାଞ୍ଛିତ, ଅପମାନିତ, ଶୋଷିତ ହୋଇ ରାସ୍ତାକଡ଼ରେ ବା ଜରାଶ୍ରମରେ ଜୀବନ ବିତାଉଛି ।

ତଥାପି ନିଷ୍କର୍ଷରେ କେବଳ କହିହେବ ମା' କେବଳ ଗୋଟିଏ ଶବ୍ଦ ନୁହେଁ, ଗୋଟିଏ ବିରାଟ ଦାୟିତ୍ୱ । ଯିଏ ଜନ୍ମ ଦିଏ କେବଳ ସିଏ ମା' ନୁହେଁ, ଯିଏ ଲାଳନ ପାଳନ କରେ ସେ ମଧ୍ୟ ଯଶୋଦା ମା' । ମା' ର ମମତାରେ ସେ ବାନ୍ଧି ରଖେ । ଖବର କାଗଜ ପୃଷ୍ଠାରୁ ସଂଗୃହୀତ ଏପରି ଜଣେ ମା' ହେଉଛନ୍ତି ଚିନ୍ମୟୀ ଦାଶ । ଯେ ଅନୁଗୁଳରେ ଏକ ସେବାଶ୍ରମ କରି ସେ ଅସହାୟ ଶିଶୁଙ୍କ ଜନନୀ ପାଲଟିଛନ୍ତି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଚିନ୍ମୟୀ ଜଣେ ମହିଳା ନୁହଁନ୍ତ ଜଣେ କିନ୍ନର । ତେଣୁ ଆଜିର ଏହି ପବିତ୍ର ମା' ବା ମାତୃ ଦିବସରେ ପ୍ରତ୍ୟେକ ମା'ଙ୍କୁ କୋଟି କୋଟି ପ୍ରଣାମ ...!!!

♥ ତାରା ନିଳୟ , ପ୍ଲଟ-୮୫୪/ଏ
ଚାଚେରା ଶବରସାହି, ମୁକୁନ୍ଦପ୍ରସାଦ,
ଖୋର୍ଦ୍ଧା: ୫୫
ମୋ : ୯୦୪୦ ୧୫୧୪୭୫

# ଆମ ପରିବାର

ବୈଷ୍ଣବ ମେହେର

ବିଶ୍ୱରେ ଦେଖା ଦେଉଥିବା ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟ ଗୁଡ଼ିକୁ ସାମନା କରି ସେସବୁ ସମସ୍ୟାର ସମାଧାନ ନିମନ୍ତେ ପରସ୍ପର ମଧ୍ୟରେ ସହଯୋଗର ହାତ ବଢ଼ାଇବା, ଅନ୍ତର୍ଜାତୀୟ ପରିବାର ଦିବସ ପାଳନର ସବୁଠାରୁ ମହତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ । ଏକବିଂଶ ଶତାବ୍ଦୀର ମଣିଷ ଅଥଳ ସମୁଦ୍ର ଭିତରେ ଓ ମହାକାଶରେ ବସତି ସ୍ଥାପନ ପାଇଁ ପ୍ରୟାସ ଜାରିରଖିଛି, ଏକଥା ସତ । କିନ୍ତୁ ଅପରପକ୍ଷେ ଏଯାଏଁ ଅନେକ ମଣିଷଙ୍କ ଖାଦ୍ୟ, ବାସଗୃହ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟାକୁ ମଧ୍ୟ ସମାଧାନ କରାଯାଇ ପାରିନାହିଁ । ତେଣୁ ଏହିସବୁ ଆହ୍ୱାନର ସମୁଚିତ ମୁକାବିଲା ପାଇଁ ଏକ ପରିବାର ଭାବରେ ବିଶ୍ୱବାସୀଙ୍କ ମଧ୍ୟରେ ସୁସଂପର୍କ ଓ ସମନ୍ୱୟ ରକ୍ଷା ଅତି ଜରୁରୀ । ଏହି ଆଶା ଓ ଆକାଂକ୍ଷା ଉପରେ ହିଁ ଅନ୍ତର୍ଜାତୀୟ ପରିବାର ଦିବସ ପର୍ଯ୍ୟବେସିତ । ବସୁଧୈବ କୁଟୁମ୍ବକମ୍' ର ଉଦାର ଆହ୍ୱାନକୁ ଗ୍ରହଣ କରି ଏକପରିବାର ସୂତ୍ରରେ ବାନ୍ଧି ହୋଇ ଜଗତର ପ୍ରଗତି ଦିଗରେ ଗୁରୁତ୍ୱ ଦେବାକୁ ଭାରତୀୟ ସଂସ୍କୃତି କେଉଁ ଆବାହମାନ କାଳରୁ ଚେତାଇ ଆସୁଛି । ମଣିଷ ସମାଜର କଲ୍ୟାଣ ନିମିତ୍ତ ଯଦି ବିଶ୍ୱ ଜନମାନସ ଏହାକୁ ଗୁରୁତ୍ୱ ଦେଇ ପାରସ୍ପରିକ ସହଯୋଗକୁ ଅଗ୍ରାଧିକାର ଦିଅନ୍ତି, ତେବେ ସାଂପ୍ରତିକ ସ୍ଥିତିରେ ବିଶ୍ୱରେ ଲାଗିରହିଥିବା ଅନେକ ସମସ୍ୟାର ଅଚିରେ ସମାଧାନ ହୋଇପାରନ୍ତା । ଏଥିପାଇଁ ଆମକୁ ବ୍ୟକ୍ତିଗତ ସ୍ୱାର୍ଥକୁ ପରିତ୍ୟାଗ କରି ସାମୁହିକ ବିକାଶ ଆଡ଼କୁ ଧ୍ୟାନ କେଂଦ୍ରିତ କରିବାକୁ ହେବ । ସମଗ୍ର ମାନବ ସମାଜର କଲ୍ୟାଣରେ ହିଁ ନିଜର କଲ୍ୟାଣ ନିହିତ ରହିଛି, ଏହି ବିଚାର ଜାଗ୍ରତ ହେଲେ ହିଁ ବିଶ୍ୱବାସୀ ଶାନ୍ତି ଓ ସନ୍ତୋଷରେ ବଂଚିବା ସମ୍ଭବ ହେବ ।

୧୯୯୩ ମସିହା ଠାରୁ ପ୍ରତିବର୍ଷ ମେ ମାସ ୧୫ ତାରିଖକୁ ଅନ୍ତର୍ଜାତୀୟ ପରିବାର ଦିବସ ଭାବରେ ପାଳନ କରାଯାଉଛି । କହିବା ଅନାବଶ୍ୟକ ଯେ, ସମାଜର ସବୁଠାରୁ କ୍ଷୁଦ୍ର ଅନୁଷ୍ଠାନ ପରିବାର ହୋଇଥିଲେ ହେଁ, ଏହା ହିଁ ସମାଜର ମେରୁଦଣ୍ଡ ଭାବରେ ସଦା ପରିଗଣିତ । କେବଳ ହାତଗଣତି କିଛି ମଣିଷଙ୍କ ସମଷ୍ଟିରେ ପରିବାରଟିଏ ଗଠନ ହୋଇଯାଏ, ତାହା ନୁହେଁ ବରଂ ଗୋଟିଏ ଛାତ ତଳେ ଏକତ୍ର ରହୁଥିବା ମଣିଷ ମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ସମ୍ମାନ, ସହଯୋଗ, ତ୍ୟାଗ, ସହିଷ୍ଣୁତା ଓ ଦାୟିତ୍ୱବୋଧ ରହିଲେ ଯାଇ ତାକୁ ଏକ ସଫଳ ପରିବାର ବୋଲି କୁହାଯାଇଥାଏ । ପରିବାର ଗଠନ ପାଇଁ ଯେ ରକ୍ତ ସଂପର୍କ ଅପରିହାର୍ଯ୍ୟ, ସେକଥା ବି ନୁହେଁ । ଭାବଗତ,ବିଚାରଗତ ସମନ୍ୱୟ ରଖୁଥିବା ସମଭାବାପନ୍ନ ମଣିଷଙ୍କ ସମାହାରରେ ସୁସ୍ଥ ପରିବାର ଗଠନ କରାଯାଇ, ଏକ ସଭ୍ୟ ସମାଜ ଗଠନରେ ନିଜ ଭାଗିଦାରୀ ଦିଆଯାଇପାରିବ ।

କରୋନା ସମୟର କଥା ଯଦି ଚିନ୍ତା କରିବା ତେବେ ଏହି ମହାମାରୀକୁ ପ୍ରତିହତ କରିବା ପାଇଁ ସେହି ସମୟରେ ବିଶ୍ୱର ପ୍ରତ୍ୟେକ ଦେଶ କେତେ ଉଦ୍ୟମ କରି ନଥିଲେ, ତଥାପି ଆଜି ଯାଏଁ ତତଜନିତ ଭୟ ସଂପୂର୍ଣ୍ଣ ଦୂର ହୋଇ ନାହିଁ । ଏ କ୍ଷେତ୍ରରେ ଯଦି ପ୍ରତି ପରିବାର ସଚେତନ ହୋଇ ନିଜ ଦାୟିତ୍ୱକୁ ସୁଚାରୁରୂପେ ପାଳନ କରିଥାନ୍ତେ ତେବେ କରୋନା ଏତେ ଜୀବନ ନେବାରେ ସଫଳ ହୋଇନଥାନ୍ତା । କିନ୍ତୁ ସାମୁହିକ ସ୍ୱାର୍ଥ ପ୍ରତି ଅସଚେତନ ଅନେକ ଅମାନିଆ ଏହାର ଗୁରୁତ୍ୱକୁ ଭ୍ରୁକ୍ଷେପ ନକରି ଅଣଦେଖା କରିଥିବାରୁ,ଏହାର ଭୟବହତା ମଣିଷ ସମାଜକୁ ଭୋଗିବାକୁ ପଡ଼ିଛି । ଏହି ଅମାନିଆ ମାନେ ଆମ ପରିବାରରୁ ହିଁ ଆସିଥାନ୍ତି, ଯେଉଁମାନଙ୍କ ଅପରିଣାମଦର୍ଶୀତା ବ୍ୟକ୍ତି, ପରିବାର, ସମାଜ ତଥା ମାନବତା ପାଇଁ କାଳ ହେଉଛି । ଆମ ସମାଜରେ ଏଭଳି ଅନେକ ପରିବାର ଅଛନ୍ତି ଯେଉଁଠାରେ ପରସ୍ପର ମଧ୍ୟରେ ସମନ୍ୱୟର ଘୋର ଅଭାବ ରହିଛି । ସ୍ଥୂଳ ଶରୀରରେ ହୁଏତ ସେମାନେ ଗୋଟିଏ ଛାତ ତଳେ ରହିଥାଇ ପାରନ୍ତି କିନ୍ତୁ ମାନସିକ ସ୍ତରରେ ଏମାନଙ୍କ ମଧ୍ୟରେ ରହିଥିବା ଯୋଜନ ଯୋଜନର ଦୂରତ୍ୱ ହିଁ ଅନେକାଂଶରେ ସେମାନଙ୍କୁ ବିପଥଗାମୀ କରିଦିଏ । ଅନେକ ସ୍ଥଳରେ ପରିବାରରେ ରହୁଥିବା ବାପାପୁଅ, ପତିପତ୍ନୀ, ଭାଇଭାଇଙ୍କ ମଧ୍ୟରେ କଥାବାର୍ତ୍ତା ହେବା ତ ଦୂରର କଥା ମାସାଧିକ କାଳ ସେମାନଙ୍କ ମଧ୍ୟରେ ଦେଖା ସାକ୍ଷାତ ମଧ୍ୟ ହୁଏ ନାହିଁ । ଏଭଳି ଜୀବନହୀନ ପରିବାର କେବଳ ନିଜ ପାଇଁ ନୁହଁ ସମାଜ ପାଇଁ ମଧ୍ୟ କ୍ଷତିକାରକ ହୁଅନ୍ତି ।

ଋଷ ଓ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧରେ ଉଭୟ ଦେଶର ପ୍ରର୍ଯ୍ୟାପ୍ତ ଧନ ସଂପତି ନଷ୍ଟ ହେବା ସହ ଶତାଧିକ ସୈନ୍ୟ ଓ ସାଧାରଣ ଜନତାଙ୍କ ମୃତ୍ୟୁ ଘଟିଲାଣି । ତଥାପି ଉଭୟ ପକ୍ଷର ଜିଦ୍ ଯୋଗୁଁ ଯୁଦ୍ଧ ଆହୁରି କେତେ ଦିନ ଚାଲିବ କହି ହେଉ ନାହିଁ । ଅନେକଙ୍କ ଆଶଙ୍କା ଯଦି ସତ ହୁଏ ତେବେ ଏହା ତୃତୀୟ ବିଶ୍ୱ ଯୁଦ୍ଧ ଆଡ଼କୁ ମଧ୍ୟ ଗତି କରିପାରେ । ଏଯୁଦ୍ଧର ଭୟାବହ କୁପ୍ରଭାବ ସମଗ୍ର ବିଶ୍ୱକୁ ଭୋଗୀବାକୁ ପଡୁଛି । ସମଗ୍ର ମାନବ ସଭ୍ୟତାକୁ ଏକ ଭାବଧାରାରେ ବାନ୍ଧି ରଖି ବିଶ୍ୱ କଲ୍ୟାଣ ଦିଗରେ ସମସ୍ତେ ଯେମିତି ଗୋଟିଏ ପରିବାର ଭଳି ପରସ୍ପରର ସହଯୋଗୀ ହେବେ, ଏହି ପ୍ରୟାସ ବିଶ୍ୱ ସ୍ତରରେ ଗତ କିଛି ବର୍ଷ ହେଲା ଆରମ୍ଭ ହୋଇଥିବା ବେଳେ ସଂପ୍ରତି ଋଷ-ୟୁକ୍ରେନ୍ ଯୁଦ୍ଧର ପରିସମାପ୍ତି ଘଟାଇ ନପାରିବା ଆମ ଉଦ୍ୟମର ଶିଥିଳତାକୁ ପଦାରେ ପକାଉଛି ।

ବିଶ୍ୱର ବଡ଼ବଡ଼ ସମସ୍ତ ବିପର୍ଯ୍ୟୟକୁ ହରାଇ ପାରିବାର ଶକ୍ତି ପରିବାର ଭିତରେ ହିଁ ନିହିତ ଅଛି । କାରଣ ବ୍ୟକ୍ତିଟିଏ ପରିବାରରୁ ହିଁ ଉଚିତ ଅନୁଚିତର ଶିକ୍ଷା ପାଇ ସମାଜ ଭିତରକୁ ପ୍ରବେଶ କରିଥାଏ । ତେଣୁ ଏସମୟ ପ୍ରତ୍ୟେକ ପରିବାର ଭିତରେ ସ୍ନେହ, ପ୍ରେମ, ସଂସ୍କାର, ଓ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣକୁ ଯଥାସାଧ୍ୟ ଜାଗରଣ କରିବା ଓ କରାଇବାର ସମୟ ହେଉ ।

♥ ସିନାପାଲି,ନୂଆପଡ଼ା (ମୋ) ୯୭୭୭୫୩୯୩୫

# ବିଜେଡିର ସାଂଗଠନିକ ବୈଠକ ଓ ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟ ଉଦ୍‌ଘାଟିତ

ବଡସାହି, ୧୧/୫ (ନି.ପ୍ର): ଆଗାମୀ ଜୁନ ୧ ତାରିଖ ସାଧାରଣ ନିର୍ବାଚନ । ସେଥିପାଇଁ ବଡସାହି ନିର୍ବାଚନ ମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଭାବେ ଅନସୂୟା ପାତ୍ର ଓ ବାଲେଶ୍ୱର ସଂସଦ ପ୍ରାର୍ଥିନୀ ଭାବେ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନାମ ବିଜୁ ଜନତା ଦଳ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରି ସାରିଛନ୍ତି । ପ୍ରଚାର ମଧ୍ୟ ଜମିଛି । ବିଧାୟିକା ଓ ସଂସଦ ପ୍ରାର୍ଥିନୀ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଘରକୁ ଘର ବୁଲି ଭୋଟ ଭିକ୍ଷା କରୁଥିବାର ଦେଖିବାକୁ ମିଳିଛି । ନିର୍ବାଚନ ଯେତେ ପାଖଉଛି ପ୍ରଚାର ମଇଦାନ ସେତେ ସରଗରମ ହେଉଛି । ଏହି ଅବସରରେ ବଡସାହି ଠାରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜୁ ଜନତାଦଳର ଏକ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ମୟୁରଭଂଜ ଜିଲ୍ଲା ସହପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫିତାକାଟି ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି । ଏହା ପରେ ନିର୍ବାଚନମଣ୍ଡଳୀ ସଂଯୋଜକ ସୁବ୍ରମଣ୍ୟମ ମହାନ୍ତିଙ୍କ ସଭାପତିତ୍ୱରେ ଏକ ସଂଗଠନିକ ବୈଠକ ଅନୁଷ୍ଠିତ ହେଇଛି । ଏହି ବୈଠକରେ ଶ୍ରୀ ଲେଙ୍କା ସହିତ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ମନୋରଂଜନ ସେଠୀ, ବିଧାୟିକା ପ୍ରାର୍ଥିନୀ ଅନସୂୟା ପାତ୍ର, ନିର୍ବାଚନ ମଣ୍ଡଳୀ ସଂଯୋଜିକା ସବିତା ହାଁସଦା, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ ଓ ଧାନୀ କିସ୍କୁ, ବଡସାହି ବ୍ଲକ୍ ଅଧକ୍ଷ୍ୟା ମିନତୀ ସିଂ, ଉପାଧକ୍ଷ୍ୟ କାଂଚନ ପ୍ରଧାନ, ବେତନଟୀ ବ୍ଲକ୍ ଅଧକ୍ଷ୍ୟା କୌଶଲ୍ୟା ମାଝୀ, ବେତନଟୀ ମହିଳା ସଭାପତି ସେହ୍ନଲତା ପାଣି, ଫେଡରେସନ ସଭାପତି ପୂର୍ଣ୍ଣିମା ମିଶ୍ର ଓ ଭାରତୀ ଦାସ, ବେତନଟୀ ବ୍ଲକ୍ ସଭାପତି ସନ୍ତକ ଲେଙ୍କା, ଜିଲ୍ଲା ସଂପାଦକ ପ୍ରକାଶ ଚନ୍ଦ୍ର ଦଳେଇ, ଅଭିନ୍ନ ସୁନ୍ଦର ପାତ୍ର, ବଡସାହି ବ୍ଲକ୍ ସଂଯୋଜକ ସନ୍ତୋଷ କୁମାର ଜେନା, ଜୋନ ସଂଯୋଜକ ରାଜେନ୍ଦ୍ର ବେହେରା, ଜ୍ଞାନରଂଜନ ଦାଶ, ରବି ଧଳ ଓ ଚିନ୍ମୟ ପଣ୍ଡା, ବରିଷ୍ଠ ନେତା ରଣଜିତ ପାତ୍ର, ସାଧାରଣ ସଂପାଦକ ବୃନ୍ଦାବନ ଦାସ, ଯୁବ ନିର୍ବାଚନଣ୍ଡଳୀ ସଭାପତି ରାକେଶ ମହାପାତ୍ର, ନିର୍ବାଚନ ମଣ୍ଡଳୀ ଛାତ୍ର ସଭାପତି ସିଦ୍ଧାର୍ଥ ଆଚାର୍ଯ୍ୟ, ଛାତ୍ର ସଭାପତି ବାଇଧର ବିନ୍ଧାଣୀ, ମନିଷ ଗିରି ଦଳର ବିଧାୟିକା ଓ ସଂସଦ ପ୍ରାର୍ଥିନୀଙ୍କୁ ଜିତେଇବା ପାଇଁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ବିଜେପିର ବରିଷ୍ଠ କୁଡୁମୀ ନେତା ଇନ୍ଦ୍ରଜିତ ଓରଫ୍ ମିନା ମହାନ୍ତ ଓ ଭକ୍ତହରି ମହାନ୍ତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିଲେ । ପ୍ରତି ପଂଚାୟତରେ ଗଠନ ହୋଇଥିବା ୱାର୍ଡ କମିଟି, ପଂଚାୟତ କମିଟି ଓ ବ୍ଲକ୍ କମିଟିର କର୍ମକର୍ତାମାନଙ୍କୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦିଆଯାଇଛି । ଏତଦବାଦ ପଂଚାୟତମାନଙ୍କରେ ଥିବା ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ କିପରି କରିବା ସହିତ ସାଧାରଣ ଲୋକଙ୍କ ପାଖରେ ପଂହଚି ସେମାନଙ୍କର ସମସ୍ୟା ବୁଝିବାକୁ ପରାମର୍ଶ ଦିଆଯାଇଛି । ଆଗାମୀ ୨୦୨୪ ନିର୍ବାଚନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୁଣି ଥରେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ସେଥିପାଇଁ ଯୁବ ଓ ଛାତ୍ରମାନଙ୍କର ଭୂମିକା ଅଧିକ ଥିବାରୁ ସେମାନେ ସଠିକ୍ ଢଙ୍ଗରେ ସଂଗଠନ ସଜାଡିବା ସହିତ ସୋସିଆଲ ମିଡିଆ ଉପରେ ଅଧିକ ଧ୍ୟାନ ଦେବାକୁ କୁହାଯାଇଥିଲା । ଏହି ବେଠକରେ ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ପଣ୍ଡା, ପୁରୁଷୋତମ ପଣ୍ଡା, ଜ୍ୟୋତିକାନ୍ତ ସାମଲ, ଯାମିନୀ ନାଏକ, ଲଲାଟେନ୍ଦୁ ବେହେରା, ଅର୍ଜୁନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଯୁବ ସଭାପତି ନିହାର ରଂଜନ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ବଡସାହି ବେତନଟୀ ବ୍ଲକ୍‌ର ସମସ୍ତ ପଂଚାୟତର ଦଳୀୟ, ଯୁବ, ଛାତ୍ର ଓ ମହିଳା ସଭାପତି, ସରପଂଚ, ସମିତି ସଭ୍ୟା, ବ୍ଲକ୍ ଓ ଜିଲ୍ଲା ସ୍ତରୀୟ କର୍ମକର୍ତା ଓ ବରିଷ୍ଠ ନେତାମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେବା ସହିତ ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପଛରୁ ପିଟି ଦେଲା ...

ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଏବଂ ଏହି ସବୁ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ୨୮ଟି ବିଧାନସଭା କ୍ଷେତ୍ର ପାଇଁ ଭୋଟ୍ ଗ୍ରହଣ କରାଯିବ। ଏହି ପର୍ଯ୍ୟାୟରେ ୪ଟି ଯାକ ସଂସଦୀୟ କ୍ଷେତ୍ର ଅଧୀନରେ ମୋଟ ୬୨,୮୭,୨୨୨ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୩୦,୯୭,୫୨୭ ଜଣ ପୁରୁଷ, ୩୧,୮୯,୦୬୦ ଜଣ ମହିଳା ଓ ୬୩୫ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ପୁରୁଷ ଭୋଟରଙ୍କ ଅପେକ୍ଷା ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି।

### ୧୩ରେ ମତଦାନ: ବୁଥ ମୁହାଁ ....

ପ୍ରଶାସନ ପକ୍ଷରୁ ହୋଇଛି ସ୍ୱତନ୍ତ୍ର ବ୍ୟବସ୍ଥା। ଏଥର ବହୁ ପୋଲିଂ ଅଧିକାରୀ ପ୍ରଥମ ଥର ଇଲେକ୍ସନ ଡ୍ୟୁଟିରେ ଯାଉଥିବା ବେଳେ, ଅନେକେ ବଖାଣିଛନ୍ତି ନିଜର ଅଭୁଲା ଅଭିଜ୍ଞତା। ପ୍ରଥମ ପର୍ଯ୍ୟାୟ ଭୋଟିଂ ପାଇଁ ହୋଇଛି ୭ ହଜାର ୩୦୩ ବୁଥ୍। ୩୭ ଲୋକସଭା ଓ ୨୪୩ ବିଧାନସଭା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୬୨ ଲକ୍ଷ ୮୭ ହଜାର ଭୋଟର। ଫାଷ୍ଟ୍ ଫେଜରେ ପୁରୁଷଙ୍କଠାରୁ ପ୍ରାୟ ୧ ଲକ୍ଷ ଅଧିକ ମହିଳା ଭୋଟର ଅଛନ୍ତି। ୭୧୫ ବୁଥ୍ ମହିଳାଙ୍କ ଦ୍ୱାରା ପରିଚାଳିତ ହେବ ଏବଂ ୧୨୭୬ଟି ଆଦର୍ଶ ବୁଥ୍ ରହିବ ବୋଲି ସୂଚନା ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ। ବ୍ରହ୍ମପୁର ବିଧାନସଭା ନିର୍ବାଚନ ପାଇଁ ୧୭ ଜଣ ପ୍ରାର୍ଥୀ ଥିବାରୁ ସେଠାରେ ଦୁଇଟି ଇଭିଏମ୍ ବ୍ୟବହୃତ ହେବ। ୬୦ ପ୍ରତିଶତ ବୁଥରୁ ଲାଇଭଷ୍ଟ୍ରିମ୍ ବ୍ୟବସ୍ଥା କରାଯାଇଥିବା ବେଳେ, ୧୨୬୪ ସମ୍ବେଦନଶୀଳ ବୁଥ୍ ଚିହ୍ନଟ କରାଯାଇଛି। ସୁରକ୍ଷା ପାଇଁ ବିଭିନ୍ନ ଫୋର୍ସର ୨ଶହରୁ ଅଧିକ କଂପାନୀ ଯବାନ ମୁତୟନ ହୋଇଛନ୍ତି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

### ରାଜଧାନୀରେ ଡ୍ୟାନ୍ସରଙ୍କୁ ମାରି ....

ସେହି ସମୟରେ ତାଙ୍କର ଜଣେ ଯୁବକଙ୍କ ସହିତ ଦେଖା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟଙ୍କ ଭିତରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଏକାଠି ରାଜଧାନୀରେ ଏକ ଭଡ଼ା ଘରେ ରହୁଥିଲେ। ସୁଲୋଚନା ବିବାହ କରିବାକୁ ଚାହୁଁଥିଲେ। ହେଲେ ଏଥିରେ ରାଜି ହେଉନଥିଲେ ତାଙ୍କ ପ୍ରେମିକ। ଯେଉଁଥିପାଇଁ ଉଭୟଙ୍କ ଭିତରେ ଅନେକ ସମୟରେ ଗଣ୍ଡଗୋଳ ହେଉଥିବା ଅଭିଯୋଗ ହୋଇଛି। ସୁଲୋଚନାଙ୍କୁ ତାଙ୍କ ପ୍ରେମିକ ମାରିଦେବାକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ତଥାପି ଉଭୟ ଏକାଠି ରହୁଥିଲେ। ଅଭିଯୋଗ ଅନୁସାରେ ଶୁକ୍ରବାର ରାତି ସୁଲୋଚନାଙ୍କ ଘରେ ଥିଲେ ତାଙ୍କ ପ୍ରେମିକ। ଆଉ ସେହି ରାତିରେ ସୁଲୋଚନାଙ୍କ ମୃତ୍ୟୁ ଘଟିଥିଲା। ସୁଲୋଚନାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସୁଲୋଚନା ମୃତଦେହ ଝୁଲୁଥିବା ଘର ଚଟାଣରେ ଖାଦ୍ୟ ଏତେତେଣେ ପଡ଼ିଥିବା ବେଳେ ରହିଥିଲା ମଦ ବୋତଲ। ତେଣୁ ତାଙ୍କୁ ହତ୍ୟା କରାଯାଇ ଝୁଲାଇ ଦିଆଯାଇଥିବା ଅଭିଯୋଗ ହେଉଛି। ସେପଟେ ସୁଲୋଚନାଙ୍କୁ ତାଙ୍କ ପ୍ରେମିକ ମାରି ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି ତାଙ୍କ ବାପା ବୈରାଗୀ ଓ ଭଉଣୀ ମିଲିନା। ବୈରାଗୀ ଏନେଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୁଲୋଚନାଙ୍କ ପ୍ରେମିକଙ୍କୁ ଗିରଫ କରି ଉଚିତ ଦଣ୍ଡ ଦେବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ ଘଟଣାର ତଦନ୍ତ ଚଳାଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ମାମଲାର ତଦନ୍ତ ଚଳାଇଛି। ମୃତ୍ୟୁ ହୋଇଥିବା ରୁମରେ ପଡି ରହିଥିବା ମଦ ବୋତଲ ଓ ଖାଇବା ସାମଗ୍ରୀକୁ ଜବତ କରି ତଦନ୍ତକୁ ଆଗକୁ ନେଉଛି। ସେପଟେ ଅଭିଯୁକ୍ତ ପ୍ରେମିକ ପ୍ରବର ଚମ୍ପଟ ମାରିଥିବା ଜଣାପଡ଼ିଛି।

### ମୋଦୀଙ୍କ ସରକାରଙ୍କଠୁ ....

ବରିଷ୍ଠ ନେତା ଦିଗବିଜୟ ସିଂ ପୁଲୱାମା ଆକ୍ରମଣ ଉପରେ ପ୍ରଶ୍ନ ଉଠାଇବା ସହ ସର୍ଜିକାଲ ଷ୍ଟ୍ରାଇକ ଓ ବାଲାକୋଟ ଷ୍ଟ୍ରାଇକ ଘଟଣାକୁ ନେଇ ବିବାଦୀୟ ସୋସିଆଲ ମିଡିଆ ପୋଷ୍ଟ କରିଥିଲେ । ତେବେ ନିର୍ବାଚନ ଭିତରେ ଏଭଳି ବୟାନବାଜୀ ରାଜନୈତିକ ଦଳଗୁଡିକ ପାଇଁ ସମସ୍ୟା ଆଣିବ ନା ସହାୟକ ହେବ ତାହା ନିର୍ବାଚନୀ ଫଳାଫଳରୁ ସ୍ପଷ୍ଟ ହେବ ।

### ଓଲଟିଲା ଟାଟା ଏସି: ରାସ୍ତା ଉପରେ ...

ଏହାପୂର୍ବରୁ ଶୁକ୍ରବାର ଦିନ ମଧ ଆନ୍ଧ୍ର ପ୍ରଦେଶର ଏନ୍‌ଟିଆର ଜିଲ୍ଲାରୁ ପୁଲିସକୁ ବଡ଼ ସଫଳତା ମିଳିଥିଲା। ଚେକିଂ ବେଳେ ଏଠାରୁ ଏକ ପାଇପ୍ ଲଦା ହୋଇଥିବା ଟ୍ରକ୍ ଭିତରୁ ନଗଦ ୮ କୋଟି ଟଙ୍କା ମିଳିଥିଲା। ଏହି ମାମଲାରେ ପୁଲିସ ଟ୍ରକ୍ ଓ ଟଙ୍କାକୁ ଜବତ କରିଥିଲା। ଏଥିସହ ଦୁଇ ଜଣଙ୍କୁ ଗିରଫ ମଧ କରାଯାଇଥିଲା। ଗୋରଖପୁର ଚେକ୍ ପୋଷ୍ଟରେ ଚେକିଂ ବେଳେ ଏହି ଟଙ୍କା ଧରାପଡିଥିଲା।

### ବିଶ୍ୱବିଦ୍ୟାଳୟ ହଷ୍ଟେଲରେ.....

ଶୁକ୍ରବାର କ୍ଲାସ୍‌ସାରି ରୁମ୍‌କୁ ଆସିଥିଲେ। ହେଲେ ସନ୍ଧ୍ୟା ବେଳେ ତାଙ୍କ ରୁମ୍‌ର କବାଟ ବନ୍ଦ ରହିଥିଲା। ତେଣୁ ସହପାଠୀଙ୍କ ମନରେ ସନ୍ଦେହ ହୋଇଥିଲା। ଏହାପରେ ହଷ୍ଟେଲ୍ ଦାୟିତ୍ୱରେ ଥିବା ଅଧିକାରୀ ଓ ଅନ୍ୟ ଛାତ୍ରୀମାନେ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ କବାଟ ଭାଙ୍ଗି ରୁମ୍‌ରୁ ମାମାଲିଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ମାମାଲି ଫ୍ୟାନ୍‌ରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ହେଲେ କେଉଁ କାରଣ ପାଇଁ ଛାତ୍ରୀ ଜଣକ ଆତ୍ମହତ୍ୟା କଲେ, ତାହା ଜଣାପଡ଼ି ନାହିଁ। ଗୋପାଳପୁର ଥାନା ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

# ଜଙ୍ଗଲ ଜମି ଉପରେ ସ୍ଥାପିତ ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ ବସବାସ କରୁଥିବା ଲୋକମାନଙ୍କୁ ମାଲିକାନାସତ୍ୱ ଦେବାକୁ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ୍‌ଙ୍କ ଦାବି

ବାରିପଦା , ୧୧/୫ (ନି.ପ୍ର): ମୟୂରଭଞ୍ଜ ଓଡ଼ିଶା ର ବୃହତ୍ ଆଦିବାସୀ ବହୁଳ ଜିଲ୍ଲା। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ଭାରତ ବର୍ଷର ଏକ ପଛୁଆ ଜିଲ୍ଲା। ୧୯୩୬ ମସିହାରେ ମୟୂରଭଞ୍ଜ ଜିଲ୍ଲାରେ ବନ୍ଦବସ୍ତ ଆଇନ୍ କାର୍ଯକାରୀ କରାଯାଇଥିଲା। ସେତେବେଳେ ବାରିପଦା ସହିତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସହର ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ତେଣୁ ରାଜସ୍ୱ ଜମି ଗୁଡିକ ଜଙ୍ଗଲ କିସମରେ ଆସୁଥିଲା। ତାପରେ ମୟୂରଭଞ୍ଜ ଜିଲ୍ଲାରେ ୧୯୮୬ ମସିହାରେ ବନ୍ଦବସ୍ତ ଆଇନ୍ କାର୍ଯକାରୀ ହେଲା । କିନ୍ତୁ ଭାରତ ସରକାରଙ୍କର ଜଙ୍ଗଲ ସଂରକ୍ଷଣ ଆଇନ ୨୫/୧୦/୧୯୮୦ ରେ ଲାଗୁ କରାଯାଇଥିଲା ।ତେଣୁ ୧୯୩୬ ମସିହାରେ ଜଙ୍ଗଲ କିସମ ଥିବା ଜମି ଜଙ୍ଗଲ କିସମ ହେଇ ରହିଗଲା । ଯଦିଓ କେତେକ ଜମି ୧୯୮୬ ମସିହାରେ ଅଣଜଙ୍ଗଲ କିସମ ହୋଇ ଯାଇଥିଲା। ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନା ଗମନର ସୁବିଧା ପାଇଁ ପଡିଆ ପଡିଥିବା ସରକାରୀ ଜମିରେ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଓ ଗମନାଗମନର ସୁବିଧା ପାଇଁ ରାସ୍ତା ଘାଟ ଓ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯକାରୀ ହେଲା। ବର୍ତ୍ତମାନ କେନ୍ଦ୍ରସରକରଙ୍କର ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ କଡାକଡି ଭାବେ ଲାଗୁ ହେବାରୁ ଦେଖାଗଲା ଯେ ବହୁ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଓ ସାଧାରଣ ଗରିବ ଲୋକଙ୍କ ଘରଦ୍ୱାର କରିରହିଥିବା ଜମିର କିସମ ଜଙ୍ଗଲ ଅଟେ ।ତେଣୁ ରାଜ୍ୟ ସରକାର ସମ୍ପୃକ୍ତ ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଓ ବସବାସ କରୁଥିବା ଗରିବ ଲୋକଙ୍କୁ ପଟ୍ଟା ପ୍ରଦାନ କରିପାରୁ ନାହିଁ। ରାଜ୍ୟସରକରଙ୍କ ପ୍ରସ୍ତାବ କ୍ରମେ ଶିକ୍ଷାନୁଷ୍ଠାନ, ଚିକିତ୍ସା ମହାବିଦ୍ୟାଳୟ କେନ୍ଦ୍ରସରକାରଙ୍କର ଜଙ୍ଗଲ ଓ ପରିବେଶ ବିଭାଗ କୁ ନିୟମ ଅନୁସାରେ ଫରେଷ୍ଟ ଡାଇଭର୍ସନ୍ ପ୍ରୋପଯାଲ୍ ଅନଲାଇନ ରେ ଆବେଦନ କରିଛନ୍ତି। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସଂପୃକ୍ତ ଫରେଷ୍ଟ ଡାଇଭର୍ସନ୍ ପ୍ରୋପଯାଲ୍ କୁ ଅନୁମୋଦନ କରିବା ପରିବର୍ତ୍ତେ କାରଣ ଦର୍ଶାଅ ନିର୍ଦ୍ଦେଶନାମା ସଂପୃକ୍ତ ଅନୁଷ୍ଠାନ ଜିଲ୍ଲାପାଳଙ୍କୁ ଜଣାଉଛନ୍ତି ଯେ ଜଙ୍ଗଲ ଜମି ବ୍ୟବହାର ପୂର୍ବରୁ କେନ୍ଦ୍ର ସରକାରଙ୍କର ଅନୁମତି ନିଆଯାଇ ନଥିବାରୁ ସଂପୃକ୍ତ ଅନୁଷ୍ଠାନ ଓ ସରକାରୀ ଅଧିକାରୀଙ୍କୁ ଦଣ୍ଡିତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ବାସ୍ତବ ରେ କାର୍ଯକାରୀ କରିବା ସମ୍ଭବପର ନୁହେଁ। କାରଣ ଯେଉଁ ଅଧିକାରୀ ମାନେ ସଂପୃକ୍ତ ଶିକ୍ଷାନୁଷ୍ଠାନରେ ଥିଲେ ବା ସରକାରୀ ପଦପଦବୀରେ ଥିଲେ ସେମାନେ ଆଉ ସେହି ପଦପଦବୀରେ ନାହାନ୍ତି। ସେମାନଙ୍କ ମଧ୍ୟରୁ କେତେକ ଏହି ପୃଥିବୀ ପୃଷ୍ଠରୁ ବିଦାୟ ନେଲେଣି ।ତେଣୁ କେନ୍ଦ୍ରସରକାର ସାମାଜିକ ଓ ଶିକ୍ଷାନୁଷ୍ଠାନ ସ୍ୱାର୍ଥ ଦୃଷ୍ଟିରୁ ସେଭଳି ନିର୍ଦ୍ଦେଶନାମା ନଦେଇ ସଂପୃକ୍ତ ଫରେଷ୍ଟ ଡାଇଭର୍ସନ୍ ପ୍ରୋପଯାଲ୍ କୁ ଅନୁମୋଦନ କରିବା ନିମନ୍ତେ ପୂର୍ବତନ ରାଜ୍ୟସେବା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ୍ ଦାବି କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ସ୍ୱାର୍ଥ ଦୃଷ୍ଟିରୁ ଶିକ୍ଷାନୁଷ୍ଠାନର ଚତୁଃପାର୍ଶ୍ୱରେ ଥିବା ଜଙ୍ଗଲ କିସମ ଜମି କୁ ସେହି ଶିକ୍ଷାନୁଷ୍ଠାନକୁ ବିଭିନ୍ନ ଫଳ ଗଛ ଲଗାଇବା ନିମନ୍ତେ ସ୍ୱୀକୃତି ପ୍ରଦାନ କଲେ ଜଙ୍ଗଲ ଜମି ସଂରକ୍ଷିତ ରହିବା ସହିତ ଶିକ୍ଷାନୁଷ୍ଠାନର ପରିବେଶ ସୁରକ୍ଷିତ ରହିବ । ବନୀକରଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଅର୍ଥ ମଧ ସଞ୍ଚୟ ହୋଇପାରିବ ବୋଲି ଶ୍ରୀମତୀ ହେମ୍ବ୍ରମ ମତପ୍ରକାଶ କରିଛନ୍ତି। ପ୍ରଧାମନ୍ତ୍ରୀଙ୍କର କାର୍ଯ୍ୟାଳୟ ତୁରନ୍ତ ହସ୍ତକ୍ଷେପ କରିବାକୁ ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ୍, ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ, ବିଶ୍ୱବିଦ୍ୟାଳୟ ପୂର୍ବତନ ସିନେଟ୍ ସଦସ୍ୟ ପ୍ରଦୀପ କୁମାର ନାୟକ ଓ ଅନ୍ୟମାନେ ଦୃଢ଼ ଦାବି କରିଛନ୍ତି।

# ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଦ୍ୱିତୀୟ ଜାତୀୟ ସ୍ତରୀୟ ଲୋକ ଅଦାଲତ

ମାଲକାନଗିରି, ୧୧/୫ (ନି.ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧି କରଣ ମୋଟୁ ଏବଂ ଜେଏମଏଫସି ମାଥିଲି ଓ ଜେଏମଏଫସି କୁଡୁମୁଲୁ ଗୁମ୍ମା, ଗ୍ରାମ ନ୍ୟାୟାଳୟ କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ଦ୍ୱିତୀୟ ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁଗୁମ୍ମା ଠାରେ ମଧ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ବିକ୍ରମ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ ଶାନ୍ତନୁ କୁମାର ଦାସ, ବରିଷ୍ଠ ଦେଖାନୀ ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ରାକେଶ କୁମାର ମୁଦୁଲି, ଉପଖଣ୍ଡ ଦଣ୍ଡାଧିକାରି ରୁଦ୍ର ପ୍ରକାଶ ନାୟକ ଏବଂ ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, ମୋଟୁ, ପ୍ରବୀଣ କୁମାର ହୋତା ଓ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, କୁଡୁମୁଲୁଗୁମ୍ମା ସୁମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ । ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୫୮୯୩ ଗୋଟି ମୋକଦ୍ଦମାର ଫଇସଲା କରାଯାଇ ୬୧୬୭୫୨ /- ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସିଜେଏମ କୋର୍ଟ, ସବ ଜଜ କୋର୍ଟ, ଏସଡିଜେଏମ କୋର୍ଟ ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁ ଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି ମୋଟୁ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ର ଓକିଲ ସଂଘର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ ସହଯୋଗ କରିଥିଲେ ।

# ମତଦାନ ପାଇଁ ସାହି ମୁରବିଙ୍କୁ ଅନୁରୋଧ

ପୁରୀ, ୧୧/୫ (ନି.ପ୍ର): ପୁରୀ ଜିଲ୍ଲାରେ ପୂର୍ବ ନିର୍ବାଚନ ଅପେକ୍ଷା ଯେପରି ଅଧିକ ମତଦାନ ହେବ ସେଥିପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ଚଳିତ ନିର୍ବାଚନରେ ଯେପରି ଅଧିକରୁ ଅଧିକ ମତଦାନ ହେବ ସେଥିପାଇଁ ମତଦାତାଙ୍କୁ ସଚେତନ କରାଯାଉଛି। ପୁରୀ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଗତକାଲି ସିଂହଦ୍ୱାର ନିକଟରେ ପୁରୀର ବିଭିନ୍ନ ସାହି ମୁରବି ମାନଙ୍କୁ ଏକ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ଏହି ପତ୍ର ମାଧ୍ୟମରେ ସେମାନଙ୍କ ସାହିର ସମସ୍ତ ଭୋଟର ମାନେ ଯେପରି ଚଳିତ ମାସ ୨୫ ତାରିଖରେ ନିଜ ନିଜ ବୁଥ୍ ମାନଙ୍କରେ ମତଦାନ କରିବେ ସେଥିପାଇଁ ନିବେଦନ କରିଥିଲେ ।ଏକ ଦୃଢ ଗଣତନ୍ତ୍ର ପାଇଁ ମତଦାନ ଜରୁରୀ। ଆଉ ମତଦାନ ହେଉଛି ଗଣତନ୍ତ୍ର ର ମହାପର୍ବ। ଏଥିରେ ସମସ୍ତେ ସାମିଲ ହେବାକୁ ଜିଲ୍ଲାପାଳ ଆହ୍ୱାନ ଦେବା ସହ ମତଦାନ ନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ।

# ବରଗଡ଼ରେ ‘ବିଜୟ ସଂକଳ୍ପ ସମାବେଶ’ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ

ବରଗଡ଼, ୧୧/୫ (ନି.ପ୍ର): ବରଗଡ଼ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାର ଅବ୍ୟବସ୍ଥାକୁ ସଜାଡିବା ପାଇଁ ସରକାର ବଦଳାଇବା ପାଇଁ ଅପିଲ କରିଛନ୍ତି । ସାଢେ ୪ କୋଟି ଓଡ଼ିଆଙ୍କ ଅସ୍ମିତାର ସୁରକ୍ଷା, ଲୋକଙ୍କ ପ୍ରତି ଥିବା ଆସ୍ଥା ତଥା ଓଡ଼ିଆ ଲୋକଙ୍କ ବିକାଶର ଦାୟିତ୍ୱ ନେବା ପାଇଁ ସେ ଗ୍ୟାରେଣ୍ଟି ଦେଇଛନ୍ତି ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶନିବାର ବରଗଡ଼ରେ ‘ବିଜୟ ସଂକଳ୍ପ ସମାବେଶ’ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଧାନ ଓ ଧନୁଯାତ୍ରାର ଭୂମି ବରଗଡ଼ରେ ପ୍ରଧାନମନ୍ତ୍ରୀ ଚାଷୀଙ୍କ କଲ୍ୟାଣର ଗ୍ୟାରେଣ୍ଟି ନେଇ ଆସିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଭଳି ରାଷ୍ଟ୍ର ନେତା ସର୍ବଦା ଓଡ଼ିଶାକୁ ପ୍ରାଥମିକତା ଦେଇ ଆସିଛନ୍ତି । ଏଥିପାଇଁ ମୁଁ ତାଙ୍କ ନିକଟରେ କୃତଜ୍ଞ । ଆଜି ପ୍ରଧାନମନ୍ତ୍ରୀ ଓଡ଼ିଶାର ଅବ୍ୟବସ୍ଥାକୁ ଆଉ ସହ୍ୟ କରାଯାଇପାରିବ ନାହିଁ । ଏହାକୁ ବଦଳାଇବା ପାଇଁ ପଡିବ ବୋଲି କହିଛନ୍ତି । ସାଢେ ୪ କୋଟି ଓଡ଼ିଆଙ୍କ ଅସ୍ମିତାର ସୁରକ୍ଷା, ତାଙ୍କ ପ୍ରତି ଥିବା ଆସ୍ଥା ତଥା ଓଡ଼ିଆ ଲୋକଙ୍କର ବିକାଶର ଦାୟିତ୍ୱ ମୋଦୀ ନିଜେ ନେବେ ବୋଲି କହିଛନ୍ତି । ଏହାସହ ଓଡ଼ିଶାର ଜନସାଧାରଣଙ୍କୁ ବିଜେପିକୁ ୫ ବର୍ଷ ସେବା କରିବା ପାଇଁ ସୁଯୋଗ ଦେବାକୁ ନିବେଦନ କରିଛନ୍ତି । ମୋଦୀଙ୍କ ନେତୃତ୍ୱରେ ହିଁ ଓଡ଼ିଶା ୧ ନମ୍ବର ହେବ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ରତ୍ନଭଣ୍ଡାର ଭଳି ଓଡ଼ିଶାର ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଓ ଭାବନାର ପ୍ରଶ୍ନକୁ ମୋଦୀ ଉପସ୍ଥାପିତ କରିଛନ୍ତି । ବିଜେପି ସବୁବେଳେ ରତ୍ନଭଣ୍ଡାର ପ୍ରସଙ୍ଗରେ ଉଠାଇ ଆସିଛି । ଓଡ଼ିଆ ଲୋକଙ୍କ ଆସ୍ଥା ସହ ଯୋଡି ହୋଇଥିବା ଶ୍ରୀମନ୍ଦିରର ରତ୍ନଭଣ୍ଡାର ଚାବି କିଏ ହଜାଇଲେ ? ରତ୍ନଭଣ୍ଡାର କାହିଁକି ଖୋଲାଯାଉନାହିଁ ? ରାଜ୍ୟ ସରକାର କାହାର ପାପକୁ ଘଣ୍ଟ ଘୋଡାଇବା ପାଇଁ ଚେଷ୍ଟା କରୁଛନ୍ତି ? ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସହ କିଏ ଖେଳୁଛି ? ତାହାର ଉତ୍ତର ଦେବା ପାଇଁ ପଡିବ । ସେହିପରି ଓଡ଼ିଶାରେ ସରକାର ପୂରା ଆଉଟ ସୋର୍ସ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଉପରେ ଜଣେ ସୁପର ସିଏମ୍ ହୋଇଗଲେଣି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଓଡ଼ିଶାର ମୁଖ୍ୟ ଶାସନ ସଚିବ, ଡିଜି, ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର ସୁଯୋଗ ପାଉନାହାନ୍ତି । ଅନ୍ୟପକ୍ଷେ ଦୀର୍ଘ ୨୪ ବର୍ଷ ଶାସନରେ ରହିବା ପରେ ବି ରାଜ୍ୟର ଘରେ ଘରେ ପାଇପ ଯୋଗେ ପିଇବା ପାଣିର ସୁବିଧା ନାହିଁ । ଚାଷଜମିରେ ଜଳସେଚନର ବ୍ୟବସ୍ଥା ନାହିଁ । ମେଡିକାଲରେ ଡାକ୍ତର ଓ ସ୍କୁଲରେ ଶିକ୍ଷକ ନାହାନ୍ତି । ରାଜ୍ୟର ଏକ ତୃତୀୟାଂଶ ଲୋକ ବାହାର ରାଜ୍ୟକୁ କାମ କରିବାକୁ ଯାଉଛନ୍ତି । ଦୀର୍ଘ ୨୫ ବର୍ଷ ଧରି ରାଜ୍ୟରେ ଯେଉଁ ଅବ୍ୟବସ୍ଥା, ଦୁର୍ନୀତି, ଅତ୍ୟାଚାର, ଭ୍ରଷ୍ଟାଚାର ଶାସନ ଚାଲିଛି, ଲୋକମାନେ ଏଥର ଜବାବ ଦେବେ ଏବଂ ପରିବର୍ତ୍ତନ କରାଇବେ । ଓଡ଼ିଶାରେ ମୋଦୀଙ୍କ ଶାସନ ପ୍ରଣାଳି ଆଣିବା ପାଇଁ ଲୋକମାନେ ପରିବର୍ତ୍ତନ କରାଇବେ । ଏଥର ଓଡ଼ିଆ ଭାଷାଭାଷୀ ମୁଖ୍ୟମନ୍ତ୍ରୀ ହେବେ । ମୋଦୀଙ୍କ ସହ ଓଡ଼ିଆ ଲୋକମାନେ ସାଙ୍ଗରେ ଯିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଗଣମାଧ୍ୟମର ଏକ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଭାରତର ମାନ୍ୟବର ରାଷ୍ଟ୍ରପତି ଅଯୋଧ୍ୟାରେ ରାମ ମନ୍ଦିରରେ ଦର୍ଶନ ପ୍ରସଙ୍ଗ ନେଇ କଂଗ୍ରେସ ମନ୍ଦିରକୁ ଗଙ୍ଗା ଜଳରେ ସ୍ନାନ କରାଇବା ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ । କଂଗ୍ରେସ ଦଳର ନୈତିକତା ନାହିଁ । କଂଗ୍ରେସ ଏକ ଦେବାଳିଆ ପାର୍ଟି ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି ।

# କୋଟପାଡ ନିର୍ବାଚନ ମଣ୍ଡଳିର ଭୋଟଦାନ କେନ୍ଦ୍ରକୁ ଗଲେ ପୁଲିଂପାର୍ଟି

ଜୟପୁର, ୧୧/୫ (ନି.ପ୍ର): ଆସନ୍ତା ୧୩ ତାରିଖରେ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଏନେଇ ଆଜି ଅପରାହ୍ନରେ କୋଟପାଡ ନିର୍ବାଚନ ମଣ୍ଡଳିର ଭୋଟଦାନ କେନ୍ଦ୍ରକୁ ଗସ୍ତ କରିଛନ୍ତି । କୋଟପାଡ ନିର୍ବାଚନ ମଣ୍ଡଳି ପାଇଁ ୨ଲକ୍ଷ ୮ ହଜାର ୯୨୬ ଭୋଟର ରହିଛନ୍ତି । କୋଟପାଡ ନିର୍ବାଚନ ମଣ୍ଡଳି ପାଇ ୨୪୩ ବୁଥ କରାଯାଇଥିବା ବେଳେ ପୋଲିଂ ଅଫିସର, ସୁରକ୍ଷା କର୍ମଚାରି ଭାବେ ୧୫ ଶହରୁ ଅଧୁକ କର୍ମଚାରି ନିୟୋଜିତ ଅଛନ୍ତି । ଜୟପୁର ବିକ୍ରମ ଦେବ ବିଶ୍ୱ ବିଦ୍ୟାଳୟରେ ଅସ୍ଥାୟୀ କ୍ୟାମ୍ପ ନିର୍ମାଣ କରାଯାଇଛି। କୋଟପାଡ ନିର୍ବାଚନ ମଣ୍ଡଳି ପାଇ ନିୟୋଜିତ କର୍ମଚାରି ମାନେ ନାମ ପଞ୍ଜି କରଣ କକିଛନ୍ତି । ୨୪୩ଟି ଭୋଟ ଡାନ କେନ୍ଦ୍ର ପାଇ ୧୨ଟି କାଉଣ୍ଟର କରାଯାଇଛି । ଆଜି କର୍ମଚାରି ମାନେ ଇଭିଏମ ଧରି ଭୋଟ ଦାନ କେନ୍ଦ୍ରକୁ ଗସ୍ତ କରିଛନ୍ତି । ୨୪୩ ବୁଥ ମଧ୍ୟରୁ ୧୪ଟି ସକ୍ଷୀ ବୁଥ କରାଯାଇଛି । ଏଠାରେ ସମସ୍ତ ମହିଳା କର୍ମଚାରି ନିୟୋଜିତ ହେବେ । ଶକ୍ଷି ବୁଥର ନିୟୋଜିତ କର୍ମଚାରୀମାନେ ରବିବାର ସକାଳୁ ଭୋଟ ଦାନ କେନ୍ଦ୍ର କୁ ଯିବେ । କୋଟାଡନିବାଚନ ମଣ୍ଡଳି ପାଇଁ ୧୮୩ଟି ବିଭିନ୍ନ ଗାଡି କରାଯାଇଛି । ଉକ୍ତ ଗାଡିରେ ପୋଲିଂ ପାର୍ଟି ମାନେ ଭୋଟ ଦାନ କେନ୍ଦ୍ର କୁ ଯାଇଛି । ଆଜି ଜିଲାପାଳ ଭି କିର୍ତି ଭାସନ ସମିକ୍ଷା କରିଥିଲେ। ସମକ୍ତ କାର୍ଯ୍ୟକୁ ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ ପୌର ନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ ତଦାରଖ କରିଥିଲେ । ସେହିପରି ଆସନ୍ତା ୧୩ ତାରିଖରେ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ରହିଛି । ଏନେଇ କୋରାପୁଟ ଜିଲାରେ ୧୧୫୯ଟ ଭୋଟ ଦାନ କେନ୍ଦ୍ର କରାଯାଇଛି । ଏଥି ମଧ୍ୟରୁ ୧୧୭ଟି ସଖୀ ବୁଥ କରାଯାଇଛି । ଏହି ସଖୀ ବୁଥରେ ସମସ୍ତ ନିୟୋଜିତ କର୍ମଚାରି ମହିଳା ରହିବେ ।


# ବିଜୁ ଜନତା ଦଳରେ ମିଶିଲେ ଦୁଇ ପୂର୍ବତନ କାଉନସିଲର

ସମ୍ବଲପୁର, ୧୧/୫ (ନି.ପ୍ର): ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀଙ୍କ ସାକ୍ଷୀପଡା ସ୍ଥିତ ଆବାସିକ କାର୍ଯ୍ୟାଳୟରେ ସମ୍ବଲପୁର ମ୍ୟୁନିସିପାଲଟିର ଦୁଇଜଣ ପୂର୍ବତନ କାଉନସିଲର ଆଜି ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି । କଂଗ୍ରେସ ଦଳର ବରିଷ୍ଠ ନେତା ତଥା ୩୨ ନମ୍ବର ୱାର୍ଡରେ ପୂର୍ବତନ କାଉନସିଲର ରାଜେନ୍ଦ୍ର ଗଡତିଆ ଏବଂ ବିଜେପି ଦଳର ବରିଷ୍ଠ ନେତା ତଥା ୱାର୍ଡ ନମ୍ବର ୧୯ର ପୂର୍ବତନ କାଉନସିଲର ଦିଲୀପ ସାହୁ ବିଧିବଦ୍ଧ ଭାବେ ଆଜି ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି । ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ସେମାନଙ୍କୁ ଉତରୀୟ ଏବଂ ପୁଷ୍ପମାଲ୍ୟ ଦେଇ ଦଳକୁ ସ୍ୱାଗତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିତୀ, ଆଦର୍ଶ ଓ ସ୍ୱଚ୍ଛଳ ଶାସନରେ ଅନୁପ୍ରାଣିତ ହୋଇ ସେମାନେ ବିଜୁ ଜନତା ଦଳକୁ ଆପଣାଇଥିବା କହିଛନ୍ତି । ପ୍ରଣବ ପ୍ରକାଶଙ୍କ ଭଳି ଜଣେ ଦକ୍ଷ ନେତୃତ୍ୱ ଓ ରୋହିତ ପୂଜାରୀଙ୍କ ଭଳି ମେଳାପୀ ବ୍ୟକ୍ତିଙ୍କ ନେତୃତ୍ୱରେ ସମ୍ବଲପୁର ସହର ଆଗାମୀ ଦିନରେ ବିକାଶ ପଥରେ ଆଗେଇବା ସହ ଏକ ସମୃଦ୍ଧଶୀଳ ଜିଲ୍ଲାରେ ପରିଣତ ହେବା ବୋଲି ଆଶା ପ୍ରକାଶ କରିଛନ୍ତି। ତେବେ ଏହି ଦୁଇଜଣ ନେତା ବିଜେଡି ଦଳରେ ମିଶିବା ପରେ କଂଗ୍ରେସ ଓ ବିଜେପି ପାଇଁ ବହୁ କ୍ଷତିକାରକ ସାବ୍ୟସ୍ତ ହେବ ବୋଲି କିଛି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତପ୍ରକାଶ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଶାନ୍ତିକାନନରେ ମଧୁସୂଦନ ମାଝୀଙ୍କ ଗଳ୍ପ ସଂକଳନ 'ସମାଜକୁ ଦାନ' ଉନ୍ମୋଚିତ




ବାଲେଶ୍ୱର, ୧୧/୫ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶନିବାର ସନ୍ଧ୍ୟାରେ ଶାନ୍ତିକାନନଠାରେ କବି ମଧୁସୂଦନ ମାଝୀଙ୍କର ଗଳ୍ପ ସଂକଳନ 'ସମାଜକୁ ଦାନ' ଉନ୍ମୋଚିତ ହୋଇଯାଇଛି । ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ଗବେଷକ ଡ. ଭାଗବତ ପ୍ରସାଦ ଦାସ ମୁଖ୍ୟଅତିଥି ଓ ବଲାଙ୍ଗୀ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ହରେକୃଷ୍ଣ ପଲେଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ପୁସ୍ତକଟିର ଆଙ୍ଗିକ ଓ ଆତ୍ମିକ ଦିଗ ଉପରେ ଆଲୋଚନା କରିଥିଲେ। ଲେଖକ ଶ୍ରୀ ମାଝୀ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ଅରୁଣା ରାୟ, ଡ. ଶିରୀଶଚନ୍ଦ୍ର ଜେନା, ସଂଜୟ କୁମାର ପଣ୍ଡା, ଜ୍ୟୋସ୍ନା ରାୟ, ସୁଷମା ମହାପାତ୍ର, ମୀନା ସେଠି, କାଞ୍ଚନମଣି ତପସ୍ୱୀ, ଶତ୍ରୁଘ୍ନ ମଲ୍ଲିକ, ଲକ୍ଷ୍ମଣ ଚରଣ ବିଶ୍ୱାଳ, କୁଂଜବିହାରୀ ଧଳ, କରୁଣାକର ସ, ଡ. ରତ୍ନାକର ସିଂହ, କମଳାକାନ୍ତ ନାୟକ, ପଦ୍ମଲୋଚନ ଦତ୍ତ, ତପନ ରାୟ, ଦିନେଶ କୁମାର ନାଏକ, ଭୋଳାନାଥ ବେହେରା, ପ୍ରଭାକର ସାହୁ, ରମାକାନ୍ତ ମହାନ୍ତି, କରୁଣାକର ଜେନା, ଆରୋଲିକା ସିଂହ, ହୃଷୀକେଶ ତରାଇ, ମନ୍ମଥ କୁମାର ସାହୁ, ଶରତଚନ୍ଦ୍ର ମହାପାତ୍ର, ଅନସୂୟା ନାୟକ, ନିତ୍ୟାନନ୍ଦ ରାଉତ, ବେଣୁଧର ସାହୁ, ବିଦ୍ୟାଧର ସାହୁ, ଓମ୍ ସାଇକୃଷ୍ଣ ସାହୁ, ଅରୁଣ କୁମାର ମିଶ୍ର, ରୁଦ୍ରାମ୍ବରୀ ମାଝୀ, ମାନ୍ୟତା ମାନବୀ ତରାଇ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ ସାହିତ୍ୟିକ ଉପସ୍ଥିତ ଥିଲେ।

# ବଜ୍ରପାତରେ ଜଳିଗଲା ଘର: ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ



ଲଙ୍ଗଳେଶ୍ୱର , ୧୧/୫ (ନି.ପ୍ର): ଘରେ କେହି ନଥିବା ବେଳେ ଘର ଉପରେ ହେଲା ବଜ୍ରାପାତ,ବଡ ଦୁର୍ଘଟଣା ରୁ ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ , ଲକ୍ଷାଧିକ ଟଙ୍କା ର ଆସବାବପତ୍ର ସମେତ ନଗଦ ଟଙ୍କା ଏବଂ ସୁନା ଗହଣା ପୋଡି ପାଂଉଷ ହୋଇଯାଇଛି, ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମରେ ଘଟିଛି ଏଭଳି ଅଭାବନୀୟ ଘଟଣା , ସୂଚନା ଅନୁଯାୟୀ ଆଜି ଅପରାହ୍ନ ରେ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ହୋଇ ଥିଲା, ସାର୍ଥା ଗ୍ରାମର ରାମ ଚନ୍ଦ୍ର ବେହେରା ଙ୍କ ପରିବାର ର ସମସ୍ତ ସଦସ୍ୟ ତାଲା ବନ୍ଦ କରି ବିଲକୁ ଧାନ ଅମଳ ପାଂଇ ଯାଇ ଥିଲେ, ହଠାତ ବର୍ଷା ଆରମ୍ଭ ହେବା ସହ ରାମ ବେହେରା ଙ୍କ ଗୋଟିଏ ବଖରା ଚାଳଘର ଉପରେ ବଜ୍ରପାତ ହୋଇ ଥିଲା, ଯାହା ଫଳରେ ଘର ଟି ହୁତୁ ହୁତୁ ହୋଇ ଜଳିବା ସହ ଘର ଭିତରେ ଥିବା ସମସ୍ତ ଆସବାବପତ୍ର, ସୁନାଗହଣା, ନଗଦ ଟଙ୍କା ଏବଂ ଧାନ ଚାଉଳ ପୋଡି ପାଂଉଷ ହୋଇଯାଇଛି , ଖବର ପାଇ ବସ୍ତା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ସେତେବେଳକୁ ଘର ଟି ସମ୍ପୂର୍ଣ୍ଣ ପୋଡି ପାଂଉଷ ହୋଇ ଯାଇ ଥିଲା , ଆନୁମାନିକ ୪ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ର ସମ୍ପତ୍ତି ପୋଡି ପାଂଉଷ ହୋଇଯାଇ ଥିବା ପରିବାର ଲୋକେ କହିଛନ୍ତି, ତେବେ ରାମ ଜଣେ ଅତ୍ୟନ୍ତ ଗରୀବ ପରିବାର ର ହୋଇଥିବା ରୁ ତୁରନ୍ତ ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ପରିବାର ଲୋକେ ଦାବି କରିଛନ୍ତି।

# ଗଡ଼ପଦାରେ ବିଜେପି ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନୀ ସଭା



ବସ୍ତା, ୧୧/୫ (ନି.ପ୍ର): ବସ୍ତା ନିର୍ବାଚନ ମଣ୍ଡଳୀର ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଚ୍ଛମନଖୁଣ୍ଟକ୍ଷ ଠାରେ ଶନିବାର ବିଜେପିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପୂର୍ବତନ ସରପଞ୍ଚ ତଥା ରାଉତପଡା ସମବାୟ ସମିତିର ସଭାପତି ଦେବାଶିଷ ମହାପାତ୍ର ସଭାପତିତ୍ୱ କରି ଦଳର ଶକ୍ତି ବୃଦ୍ଧି ପାଇଁ କାର୍ଯ୍ୟକର୍ତ୍ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ ଯୋଗ ଦେଇ ବସ୍ତା ନିର୍ବାଚନ ମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ପ୍ରଭୃତି କ୍ଷେତ୍ରରେ ବିକାଶ ପାଇଁ ଉଭୟ ଏମପି ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ପ୍ରାର୍ଥୀ ଶ୍ରୀ ଅଣ୍ଡିଆ ଙ୍କୁ ବିଜୟୀ କରିବାକୁ କହିଥିଲେ । ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା,ବସ୍ତା ଏମପି ପ୍ରତିନିଧି ପ୍ରଦୀପ ପଣ୍ଡା, ସଦର ବ୍ଲକ ଏମପି ପ୍ରତିନିଧି ଶୁଭେଶ ନାୟକ, ଭାଜପା ନେତା ହରଗୋପାଳ ସିଂହ ଓ ତପନ ଗିରି, ବସ୍ତା ମଣ୍ଡଳ ସଭାପତି ରଞ୍ଜନ କୁମାର ମହାନ୍ତି, ପୂର୍ବତନ ସମବାୟ ସମିତି ସଭାପତି ହରେନ୍ଦ୍ର ଦାସ ପ୍ରମୁଖ ମଞ୍ଚାସିନ ହୋଇ ଦେଶକୁ ବିକାଶର ଶୀର୍ଷରେ ପହଞ୍ଚାଇବାକୁ ହେଲେ ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ଆହ୍ୱାନ ଦେଇଥିଲେ । ପଞ୍ଚାୟତ ଯୁବ ସଭାପତି ଅଞ୍ଜନ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ । ୱାର୍ଡ ସଭ୍ୟା ରଶ୍ମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ନୀଳଗିରିର ବରିଷ୍ଠ ଜୀବନବୀମା ଏଜେଣ୍ଟ ଶଶୀକାନ୍ତଙ୍କ ପରଲୋକ

ନୀଳଗିରି , ୧୧/୫ (ନି.ପ୍ର): ନୀଳଗିରି ବ୍ଲକ୍ ସଜନାଗଡ ଗ୍ରାମର ବହୁ ପରିଚିତ ସିନିୟର୍ ଏଲ୍. ଆଇ. ସି ଏଜେଣ୍ଟ ଶଶିକାନ୍ତ ନାୟକଙ୍କ( ୫୭) ବର୍ଷ ବୟସରେ କ୍ୟାନ୍ସର ରୋଗରେ ମୃତ୍ୟୁବରଣ ହୋଇଛି। ଗତ ୧ବର୍ଷରୁ ଉର୍ଦ୍ଧ୍ୱ କ୍ୟାନସରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ତାଙ୍କର ଦେହ ଅଧିକ ଖରାପ ହେବାରୁ ତାଙ୍କୁ ପ୍ରଥମେ ନୀଳଗିରି ଡାକ୍ତରଖାନା ନିଆଯାଇ ଚିକିତ୍ସା କରାଯାଇଥିଲା। ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ କୁରୁଡ଼ା ସ୍ଥିତ ଜ୍ୟୋତି ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ରାତ୍ରୀ ୩.୩୦ସମୟରେ ମୃତ୍ୟୁ ହୋଇଥିଲା। ଆଜି ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଶବସତ୍କାର କରାଯାଇଛି। ଏକମାତ୍ର ପୁତ୍ର ତୁହିନାଂଶୁ ମୁଖଗ୍ନି ଦେଇଥିଲେ। ତାଙ୍କର ତିନିଭାଇ ସୋମନାଥ, ବିଶ୍ୱନାଥ, କାଶୀନାଥ ପୁତୁରା ଜ୍ୟୋତି, ଭବାନୀ, ବିଶ୍ୱରଂଜନ, ଜ୍ୟୋତିରଂଜନ ଥିବା ବେଳେ ପତ୍ନୀ ଦିପ୍ତିଲତା ସ୍ୱାମୀଙ୍କୁ ହରାଇ ବେସାହାରା ହୋଇପଡିଛନ୍ତି। ମୃତ୍ୟୁ ଖବର ପାଇ ତାଙ୍କର ଅନେକ ସାଙ୍ଗସାଥୀ, ସହକର୍ମୀ ମର୍ମାହତ ହୋଇ ପଡିଛନ୍ତି। ଶଶିକାନ୍ତ ଅତ୍ୟନ୍ତ ମେଳାପି ସ୍ୱଭାବର ବ୍ୟକ୍ତି ଥିବାରୁ ତାଙ୍କ ନିକଟରେ ଅନେକ ଲୋକ ଜୀବନବୀମା କରିଥିଲେ। ଶାନ୍ତ ସ୍ୱଭାବର ଲୋକ ଥିବାରୁ ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନିର୍ବାଚନ ପରିପ୍ରେକ୍ଷୀରେ ବିଜେପିର ସାମ୍ବାଦିକ ସମାବେଶ




ବାରିପଦା, ୧୧/୫ (ନି.ପ୍ର): ମୟୂରଭଞ୍ଜର ସର୍ବାଙ୍ଗୀନ ବିକାଶ ହିଁ ଜିଲ୍ଲା ବିଜେପି ପାଇଁ ପ୍ରଥମ ଓ ଶେଷ କଥା ହେବ ଏବଂ ନିର୍ବାଚନରେ ବିଜୟୀ ହେବା ପରେ ଏ ଦିଗରେ ନିଷ୍ଠାପର ଉଦ୍ୟମ ଆରମ୍ଭ ହେବ ବୋଲି ଏଠାରେ ଘୋଷଣା କରାଯାଇଛି । ଶନିବାର ଦିନ ସ୍ଥାନୀୟ ହୋଟେଲ ଅମ୍ବିକା ସଭାଗୃହରେ ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାବାସୀଙ୍କୁ ଏହି ଆଶ୍ୱାସନା ଦେଇଛନ୍ତି ମୟୂରଭଞ୍ଜ ଲୋକସଭା ଆସନର ବିଜେପି ପ୍ରାର୍ଥୀ ନବ ଚରଣ ମାଝୀ। ବିଜେପି ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ତମ-ଉପସ୍ଥିତି-ଯୁକ୍ତ ଏହି ସାମ୍ବାଦିକ ସମାବେଶରେ ଶ୍ରୀ ମାଝୀ ଉଦ୍‌ବୋଧନ ଦେଇ ରେଳ, ସଡ଼କ, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରରେ ଏ ଭଞ୍ଜ ମାଟିକୁ ଆଗେଇ ନିଆଯିବ ବୋଲି କହିଥିଲେ। କେନ୍ଦ୍ରରେ ପୁଣି ଥରେ ମୋଦୀ ସରକାର ଗଠିତ ହେବାର ପ୍ରଥମ ଶହେ ଦିନ ମଧ୍ୟରେ ହିଁ ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢ଼ାମରା-ଚାକୁଳିଆ ଓ କେନ୍ଦୁଝର-ବାଦାମପାହାଡ଼ ନୂତନ ରେଳପଥ ନିର୍ମାଣ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯିବ ବୋଲି ସେ ଘୋଷଣା କରିଥିଲେ। ସମାବେଶରେ ଦଳର ବାରିପଦା ବିଧାନସଭା ପ୍ରାର୍ଥୀ ପ୍ରକାଶ ସୋରେନ, ମୋରଡା ବିଧାନସଭା ପ୍ରାର୍ଥୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଓ ସାରସକଣା ବିଧାନସଭା ପ୍ରାର୍ଥୀ ଭାଦବ ହାଁସଦା ତଥା ମୟୂରଭଞ୍ଜ (ପୂର୍ବ) ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୀବ ମହାନ୍ତି ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରି ଦଳୀୟ ଆଭିମୁଖ୍ୟର ଅବତାରଣା କରିଥିଲେ। ପରିଶେଷରେ ଶ୍ରୀ ଶତପଥୀ ରାଜ୍ୟ ତଥା ଜିଲ୍ଲାର ଦ୍ରୁତ-ପରିବର୍ତ୍ତନଶୀଳ ରାଜନୀତିକ ଦୃଶ୍ୟପଟର ବାସ୍ତବ ଚିତ୍ର ଉପସ୍ଥାପନ କରିବାକୁ ସମବେତ ସମସ୍ତ ସାମ୍ବାଦିକଙ୍କୁ ନିବେଦନ କରିଥିଲେ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ : ୨୦୮୪ଟି ମୋକଦ୍ଦମାର ଆପୋଷ ସମାଧାନ



ଭଦ୍ରକ, ୧୧/୫ (ନି.ପ୍ର): ଦ୍ୱିତୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣ ର ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ନେହା ଅଗ୍ରୱାଲ ଏହି ଲୋକ ଅଦାଲତ କୁ ପରିଚ୍ଛଳନା କରିଥିଲେ। ମୋଟ ୩୮୨୨୫୯୬୩ ଟଙ୍କାର ୨୦୮୪ ଟି ମୋକଦ୍ଦମା ର ଆପୋଷ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବୁନାଲ ର ବିଚ୍ଛରାଧୀନ ଥିବା ୩୩ ଟି ମାମଲାର ୨୪୬୧୫୦୦୦ ଟଙ୍କାରେ ୧୩ଟି ମିଳାମିଶା ଯୋଗ୍ୟ ଫୌଜଦାରି, ୨୯ଟି ଚେକ ବୌନ୍ସ, ପୁନଃରୁଦ୍ଧାର ମାମଲା ୩୬୮୨୬୭୨ ଟଙ୍କାରେ ୧୯ଟି ବୈବାହିକ ବିବାଦ, ୧୭୧୧ ଟି ରାଜସ୍ୱ ମୋକଦ୍ଦମା, ୨୨୧୪୯୮ ଟଙ୍କାରେ, ୪୪ଟି ଅନ୍ୟାନ୍ୟ ଦେଓ୍ୱାନୀ ମାମଲା, ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ର ୧୬ ଟି ବ୍ୟାଙ୍କ ଋଣ ମାମଲା ୨୬୨୯୯୦୦ ଟଙ୍କାରେ ଭାରତ ସଂଚ୍ଛର ନିଗମ ଲିମିଟେଡ୍‌ର ଟେଲିଫୋନ ବିଲ ସମ୍ବନ୍ଧୀୟ ୪ଟି ମାମଲା ୯୮୦୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଅଛି।

# ରାମଲଲାଙ୍କ ଦର୍ଶନ ପାଇଁ ଯାଉଥିବା ଟ୍ରାଭେଲର ବସ୍ ଦୁର୍ଘଟଣାଗ୍ରସ୍ତ: ୧୨ ଆହତ

ଜୌନପୁର, ୧୧/୫ (ନି.ପ୍ର): ସିଙ୍ଗରାମଓ ଥାନା କେଓ୍ୱଟଲୀ କଲାଂ ଗାଁ ନିକଟ ଜାତୀୟ ରାଜପଥରେ ଶନିବାର ସକାଳେ ଏକ ଟ୍ରାଭେଲର ବସ୍ ଟ୍ରକରେ ଧକ୍କା ହୋଇ ଓଲଟି ପଡିଛି । ଦୁର୍ଘଟଣାରେ ୧୨ରୁ ଅଧିକ ଦର୍ଶନାର୍ଥୀ ଆହତ ହୋଇଛନ୍ତି । ପୋଲିସ ଗ୍ରାମବାସୀଙ୍କ ସହାୟତାରେ ସମସ୍ତ ଆହତଙ୍କୁ ବସରୁ ବାହାର କରି ଚିକିତ୍ସା ପାଇଁ ମେଡିକାଲ ପଠାଇଛି । ସମସ୍ତେ ରାମଲଲାଙ୍କ ଦର୍ଶନ କରିବା ପାଇଁ ବସରେ ଅଯୋଧ୍ୟା ଯାଉଥିଲେ । ସୂଚନା ମୁତାବକ କିଛି ଲୋକ ଧାର୍ମିକ ଯାତ୍ରା ପାଇଁ ନାସିକରୁ ୟୁପି ଆସିଥିଲେ । ବାରଣାସୀରେ କାଶୀ ବିଶ୍ୱନାଥ ଦର୍ଶନ କରେ ଶନିବାର ସମସ୍ତ ରାମଲଲାଙ୍କ ଦର୍ଶନ ପାଇଁ ଟ୍ରାଭେଲର ବସ୍ ଯୋଗେ ଅଯୋଧ୍ୟା ଯାଉଥିଲେ । ତେବେ ବସଟି କେଓ୍ୱଟଲୀ ଅଂଚଳର କଲାଂ ଗାଁ ନିକଟରେ ଏକ ଟ୍ରକ ସହ ଧକ୍କା ହୋଇ ଓଲଟି ପଡିଥିଲା ।

# ଶୋପିୟାଂରୁ ଆତଙ୍କବାଦୀଙ୍କ ଦୁଇ ସହଯୋଗୀ ଗିରଫ

ଶୋପିୟାଂ, ୧୧/୫ (ନି.ପ୍ର): ଶୋପିୟାଂ ଜିଲ୍ଲାରେ ସୁରକ୍ଷା ବଳ ମିଳିତ ଅଭିଯାନ ଚଳାଇ ଆତଙ୍କବାଦୀଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ କିଛି ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି । ଜଣେ ପୋଲିସ ଅଧିକାରୀ ଶନିବାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ପୋଲିସ ୪୪ ଆରଆର ଏବଂ ୧୪ତମ ବଟାଲିୟନ ସିଆରପିଏଫ ସହିତ ଶୋପିୟାଂର ମଲିକ ଚକ ଛକରେ ମିଳିତ ନାକା ଚେକିଂ ସମୟରେ ଆତଙ୍କବାଦୀଙ୍କ ଦୁଇ ସହଯୋଗୀଙ୍କୁ ଗିରଫ କରିଛି । ସେମାନଙ୍କ ପରିଚୟ ବାବା ମୋହଲ୍ଲା ଶୋପିୟାଂ ନିବାସୀ ସୁହୈବ ଇକବାଲ ମଲିକ ଏବଂ ତୁଫୈଲ ୟୁସୁଫ ମମଲିକ ରୂପେ କରାଯାଇଛି ।

# ଉପେକ୍ଷିତ ମତ୍ସ୍ୟଜୀବି ମୌଳିକ ସୁବିଧାରୁ ବଞ୍ଚିତ ଭୋଟ ବର୍ଜନ ଚେତାବନୀ



ଲଙ୍ଗଳେଶ୍ୱର , ୧୧/୫ (ନି.ପ୍ର):ରାଜ୍ୟ ଓ କେନ୍ଦ୍ର ସରକାର ମାଳମାଳ ଯୋଜନା କରିଛନ୍ତି ବାସ୍ତବରେ ଲୋକମାନେ ଯୋଜନାରେ ସାମିଲ ହୋଇ ଫାଇଦା ପାଉଛନ୍ତି କି ନାହିଁ ତାହାର ତଦାରଖ ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନେ ବ୍ଲକ ସ୍ତରରେ କାମ କରୁଛନ୍ତି ମାତ୍ର ବିଭାଗର ଅପାରଗତା ଯୋଗୁଁ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।ନିର୍ବାଚନ ପୂର୍ବରୁ ସବୁବର୍ଗର ଲୋକଙ୍କୁ ଖୁସି କରିବାଲାଗି ବିଭିନ୍ନ ଲୋଭନୀୟ ଯୋଜନା ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଚେଷ୍ଟା କରିଛନ୍ତି ସରକାର ମାତ୍ର ମତ୍ସ୍ୟ ଜିବୀ ଙ୍କ କ୍ଷେତ୍ର ରେ ସରକାର କିଛି ମୌଳିକ ସମସ୍ୟା ପ୍ରତି ଗୁରୁତ୍ୱ ଦେଇନଥିବାରୁ ବିମୁଖ ହୋଇ ଭୋଟ ବର୍ଜନ ପାଇଁ ଚରମ ନିଷ୍ପତ୍ତି ନେଇଛନ୍ତି ବାଲିଆପାଳ ବ୍ଲକ ର ଉପକୂଳବର୍ତ୍ତୀ ଅଞ୍ଚଳର ମତ୍ସ୍ୟ ଜିବୀ ମାନେ। ଘଟଣାରୁ ପ୍ରକାଶ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକର ୮୦% ଲୋକମାନେ ମୁଖ୍ୟତଃ ଧାନ,ପାନ,ମିନ ଚାଷ ଉପରେ ନିର୍ଭରଶୀଳ ଅଟନ୍ତି। ବିଶେଷ ଭାବରେ ଏହି ବ୍ଲକ ର ଥିବା ସମୁଦ୍ର ଉପକୂଳବର୍ତ୍ତୀ ପଞ୍ଚାୟତ ଚୈମୁଖ, ଡଗରା,ଅଲାଡିହା, ନୁଆଗାଁ, ବେତଗଡିଆ, ଜମ୍ବିରାଇ,,ବୋଲଂ,ସାଉଡି, ଜାମକୁଣ୍ଡା ଏହି ୯ ଟି ପଞ୍ଚାୟତ ର ୩୦% ଲୋକ ସମୁଦ୍ର ରୁ ମାଛ ଧରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ସରକାର ଙ୍କ ମତ୍ସ୍ୟ ବିଭାଗ ର ଏକ ଅଫିସ ରହିଛି ହେଲେ ଅଫିସର ମତ୍ସ୍ୟ ଜିବୀ ଙ୍କୁ ସହଯୋଗ କରୁନଥିବାରୁ ସୁବିଧା ର ଫାଇଦା ପାଉନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି ମତ୍ସ୍ୟ ଜିବୀ। ଏହି ସବୁ ପଞ୍ଚାୟତରେ ମତ୍ସ୍ୟ ବିଭାଗ ପକ୍ଷରୁ ୬ ଟି ମାଛଧରା ଅବତରଣ କେନ୍ଦ୍ର ଯଥା କଙ୍କଡ଼ା ପାଳ , ଚୈମୁଖ , ଡଗରା , ଯମୁନାଶୂଳ,ହଂସକରା, କଷାଫଳ ରହିଛି। ମୁଖ୍ୟ ରାସ୍ତା ଠାରୁ ମାଛ ଅବତରଣ କେନ୍ଦ୍ର ପର୍ଯ୍ୟନ୍ତ ସ୍ଥାୟୀ ପକ୍କା ରାସ୍ତା ନଥିବା ରୁ ମତ୍ସ୍ୟଜୀବୀ ମାନେ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟତଃ ଚୈମୁଖ ଠାରେ ଥିବା ମାଛ ଅବତରଣ କେନ୍ଦ୍ର ରୁ ପ୍ରାୟ ଏକ ଶହରୁ ଉର୍ଦ୍ଧ୍ୱ ନୈକା ଯୋଗେ ପ୍ରତ୍ୟେକ ଦିନ ୨୦ କୁଣ୍ଟାଲ ମାଛ ଧରାଯାଇ ବିଭିନ୍ନ ଅଞ୍ଚଳକୁ ବିକ୍ରୀ ନିମନ୍ତେ ପଠାଯାଏ । ପରିବହନ ରେ ଅଧିକା ଖର୍ଚ୍ଚାନ୍ତ ହେଉଛନ୍ତି। ମତ୍ସ୍ୟଜୀବୀ ମାନେ ଯାହା ଫଳରେ ଉଚିତ ମୂଲ୍ୟ ପାଉନଥିବା ରୁ କ୍ଷତି ସହିବାକୁ ପଡୁଛି। ଏହି ୯ ଟି ପଞ୍ଚାୟତ ର ଲୋକ ସମୁଦ୍ର ରୁ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। ଚୈମୁଖ ଏକ ମୁଖ୍ୟ ମାଛ ଅବତରଣ କେନ୍ଦ୍ର ହେଇଥିବାରୁ ଏଠାରେ ମୌଳିକ ସୁବିଧା ନାହିଁ । ପ୍ରମୁଖ ସମସ୍ୟା ଗୁଡିକ ହେଲାପହାଇସ୍କୁଲ ରୋଡ଼ ଠାରୁ ସମୁଦ୍ର ବେଳାଭୂମି ପ୍ରାୟ ଦୁଇ କିଲୋମିଟର ରାସ୍ତା କୁ କଂକ୍ରିଟ ଓ ପ୍ରସ୍ତୀତି କରଣ , ବେଳାଭୂମି ରେ ପାନୀୟ ଜଳର ସୁବ୍ୟବସ୍ଥା ଉଜ୍ଜ୍ୱଳ ଆଲୋକର ବ୍ୟବସ୍ଥା, ଶୀତଳ ଭଣ୍ଡାର,ବରଫ କଳ,ମାଛ ଅବତରଣ ଗୃହ ନିର୍ମାଣ ପ୍ରାକୃତିକ ବିପର୍ଯ୍ୟୟ ପାଇଁ ସତର୍କ ଘଣ୍ଟି ର ବ୍ୟବସ୍ଥା,ଦୀଗ ନିର୍ଦ୍ଧାରଣ ଯନ୍ତ୍ର,ମାଛ ବିକ୍ରି ପାଇଁ ମଣ୍ଡିର ବ୍ୟବସ୍ଥା, ମତ୍ସ୍ୟ ଜୀବୀ ମାନଙ୍କ ପାଇଁ ବିଶ୍ରାମ ଗାର, ମତ୍ସ୍ୟଜୀବୀ ଙ୍କୁ ପ୍ରଶିକ୍ଷଣ, ଭତ୍ତା ଓ ବୀମାଭୁକ୍ତ , ସାମୁଦ୍ରିକ ଥାନା, ସ୍ୱାସ୍ଥ୍ୟ କେନ୍ଦ୍ର, ଭଳି ପ୍ରମୁଖ ମୌଳିକ ସୁବିଧା ଯୋଗାଇ ନ ଦେଲେ ଆଗାମୀ ଦିନରେ ଭୋଟ ବର୍ଜନ ପାଇଁ ଚରମ ଚେତାବନୀ ଦେଇଛନ୍ତି ଓଡ଼ିଶା ପାରମ୍ପରିକ ମତ୍ସ୍ୟ ମହାସଂଘ ର ଉପସଭାପତି ନାରାୟଣ ବେହେରା, କମଳାକାନ୍ତ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ବେହେରା। ଚଉମୁଖ ମତ୍ସ୍ୟ ଜିବୀ ଅବତରଣ କେନ୍ଦ୍ରର ସମସ୍ତ ସଦସ୍ୟ କହିଛନ୍ତି ।ଦୁଇମାସ ପାଇଁ ମତ୍ସ୍ୟଜୀବୀ ମାନଙ୍କୁ ମାଛ ଧରିବା ପାଇଁ ସମୁଦ୍ର କୁ ମନା କରାଯାଇଥିବା ରୁ ପରିବାର ପ୍ରତିପୋଷଣ ପାଇଁ ବିଭିନ୍ନ ସମସ୍ୟା ର ସମ୍ମୁଖୀନ ହେବେ। ମତ୍ସ୍ୟଜୀବୀ ପରିବାର କୁ ଦୁଇ ମାସର ଆର୍ଥିକ ସହାୟତା ଯୋଗାଇଦେବାକୁ ମହାସଂଘ ଦାବି କରିଛି।

# ବେଆଇନ କରତକଳ ଉପରେ ବନବିଭାଗର ଚଢଉ: ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କାଠ ଏବଂ ଯନ୍ତ୍ରାଂଶ ଜବଦ



ଲଙ୍ଗଳେଶ୍ୱର , ୧୧/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଥିବା ବେଆଇନ କରତକଳ ଉପରେ ବନବିଭାଗ ର ଚଢଉ , ୪ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ର କାଠ ଏବଂ ଯନ୍ତ୍ରାଶ ଜବଦ, ସୂଚନା ଅନୁଯାୟୀ ଗୋବିନ୍ଦପୁର ଗ୍ରାମରେ ଦୀର୍ଘ ଦିନ ଧରି ବେଆଇନ କରତକଳ ଚାଲୁ ଥିବା ବେଳେ କରତକଳ କୁ ବନ୍ଦ କରିବା ପାଂଇ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରି ଆସୁଥିଲେ, ଆଜି ସକାଳେ ବାଲେଶ୍ୱର ଫରେଷ୍ଟ ଡିଭିଜନ ର ଏସିଏଫ ସୁଶ୍ରୀ ସସ୍ମିତା ସାହୁ ଏବଂ ଚାନ୍ଦିପୁର ୱାଇଲ୍ଡ ଲାଇଫ ଡିଭିଜନ ର ଏସିଏଫ ଜୟଶ୍ରୀ ମୁର୍ମୁ ଙ୍କ ନେତୃତ୍ୱ ରେ ସ୍ୱତନ୍ତ୍ର ଟିମ ଗଠନ କରି ଗୋବିନ୍ଦପୁର ଗ୍ରାମରେ ଥିବା ବେଆଇନ କରତକଳ ଉପରେ ଚଢଉ କରା ଯାଇ ଥିଲା, ଚଢଉ ସମୟରେ କରତକଳ ର ମାଲିକ ଘଟଣା ସ୍ଥଳରୁ ଫେରାର ହୋଇଥିବା ବେଳେ ୪ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ର କାଠ ଏବଂ ଯନ୍ତ୍ରାଶ ବନବିଭାଗ ଜବତ କରିଛି, ଏହି ଚଢଉ ରେ ଲଙ୍ଗଳେଶ୍ୱର ଫରେଷ୍ଟ ବିଟ୍ ର ଫରେଷ୍ଟର ହୃଶିକେଶ ପ୍ରଧାନ ଙ୍କ ସମେତ ଜଳେଶ୍ୱର ରେଞ୍ଜ ର ଫରେଷ୍ଟର ମିନାରାଣୀ ବେହେରା, ଫରେଷ୍ଟର ମନୋଜ କୁମାର ଧଡା, ଫରେଷ୍ଟ ଗାର୍ଡ ସାଗରିକା ସିଂ, ରାମେଶ୍ୱର ମୁର୍ମୁ ଙ୍କ ସମେତ ଜଳେଶ୍ୱର ରେଞ୍ଜ ର ସମସ୍ତ ଅଧିକାରୀ ସାମିଲ ହୋଇ ଥିଲେ, ମାଜିଷ୍ଟ୍ରେଟ ହିସାବରେ ବସ୍ତା ଅତିରିକ୍ତ ତହସିଲଦାର ସ୍ମୃତି ରଞ୍ଜନ ଟୁଡୁ ଉପସ୍ଥିତ ଥିବା ବେଳେ ଚଢଉ ରେ ସିଂଲା ଥାନା ପୋଲିସ ଟିମ ସାମିଲ ହୋଇ ଥିଲେ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo